# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
25 JUNE 2026
ଗୁରୁବାର
୨୫ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 25 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୨ • ସଂଖ୍ୟା ୨୫ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


### ସ୍ପଷ୍ଟ କଲା ବୈଦେଶିକ ମନ୍ତ୍ରଣାଳୟ

## ପାସ୍‌ପୋର୍ଟ ନାଗରିକତାର ପରିଚୟପତ୍ର ନୁହେଁ

ନୂଆଦିଲ୍ଲୀ,୨୪।୬/ଏଜେନ୍ସି:



ପାସ୍‌ପୋର୍ଟ ମୁଖ୍ୟତଃ ସରକାରଙ୍କ ଦ୍ୱାରା ବିଦେଶ ଯାତ୍ରାକୁ ସୁଗମ କରିବା ପାଇଁ ଜାରି କରାଯାଉଥିବା ଏକ ଭ୍ରମଣ ଦସ୍ତାବିଜ । ତେଣୁ କେବଳ ପାସ୍‌ପୋର୍ଟ ଥିବା କାରଣରୁ ଜଣେ ବ୍ୟକ୍ତି ନାଗରିକତା ହାସଲ କରି ନେଇଛନ୍ତି ବୋଲି ଭାବିବା ଭୁଲ୍ । ଏହା ଆଦୌ ନାଗରିକତାର ପରିଚୟପତ୍ର ନୁହେଁ ବୋଲି ବୁଧବାର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ୧୪ତମ ପାସ୍‌ପୋର୍ଟ ସେବା ଦିବସ ଅବସରରେ ହିଁ ମନ୍ତ୍ରଣାଳୟ ପକ୍ଷରୁ ଏପରି ସ୍ପଷ୍ଟୀକରଣ ଆସିଛି ।

ଏହି ବୟାନ ପରେ ସୋଶାଲ ମିଡିଆରେ ଭାରତରେ ନାଗରିକତାର ଚୂଡ଼ାନ୍ତ ପ୍ରମାଣ କ'ଣ ବୋଲି ତା'କୁ ନେଇ ବ୍ୟାପକ ଚର୍ଚ୍ଚା ଆରମ୍ଭ ହୋଇଛି । କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଏପର୍ଯ୍ୟନ୍ତ ସ୍ପଷ୍ଟ ମାନଦଣ୍ଡ ନିର୍ଦ୍ଧାରଣ କରି ନଥିବାରୁ ଏହାକୁ ନେଇ ବିତର୍କ ଜାରି ରହିଛି । କିନ୍ତୁ ଭାରତୀୟ ପାସପୋର୍ଟ ଦେଶର ନାଗରିକତା ହାସଲ କରି ନଥିବା ଲୋକଙ୍କୁ ଜାରି କରାଯାଏ ନାହିଁ । ପାସପୋର୍ଟ ମିଳିଲେ ମଧ୍ୟ ତାହା ଆପଣଙ୍କ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ପାସପୋର୍ଟର ପଛପଟରେ ସ୍ପଷ୍ଟ ଭାବେ ଲେଖାଅଛି ଯେ, ଏହା 'ଭାରତ ସରକାରଙ୍କ ସମ୍ପତ୍ତି' ଓ ସରକାର ନିର୍ଦ୍ଦେଶ ଦେଲେ ଏହାକୁ ଫେରାଇବାକୁ ପଡ଼ିବ । ତେଣୁ ପାସପୋର୍ଟ ନାଗରିକତାର ଦସ୍ତାବିଜ ନୁହେଁ ବୋଲି ସରକାର କହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହାପୂର୍ବରୁ ଏସଆଇଆର ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ମଧ୍ୟ କହିଥିଲେ ଯେ ଆଧାର କାର୍ଡ ନାଗରିକତାର ଚୂଡ଼ାନ୍ତ ପ୍ରମାଣ ନୁହେଁ । ଏହା କେବଳ ଗୋଟିଏ ପରିଚୟପତ୍ର ।ସେହିପରି ଭୋଟର ପରିଚୟପତ୍ର ମଧ୍ୟ ନାଗରିକତାର ପ୍ରମାଣପତ୍ର ନୁହେଁ । ଏହା ମୁଖ୍ୟତଃ ପରିଚୟ ଓ ବାସସ୍ଥାନର ପ୍ରମାଣ, ଯାହା ନିର୍ବାଚନରେ ଭୋଟ ଦେବାର ଅଧିକାର ପ୍ରଦାନ କରେ ।

### ହୋଟେଲ୍ ଲିଜ୍‌ଧାରୀଙ୍କୁ ହତ୍ୟା

## ଅଭିଯୁକ୍ତକୁ ଏନ୍‌କାଉଣ୍ଟର

ପୁରୀ,୨୪।୬/ଏନ୍‌ଏନ୍‌ଏସ୍:

ସ୍ନାନଯାତ୍ରା ପୂର୍ବରୁ ପୁରୀରେ ଗଡ଼ିଲା ମୁଣ୍ଡ । ହୋଟେଲ ଲିଜ ଧାରୀଙ୍କୁ ଜୀବନରୁ ମାରିଦେଲା ମ୍ୟାନେଜର । ମୃତକ ହେଉଛନ୍ତି ୩୨ ବର୍ଷୀୟ ପବିତ୍ର ନାୟକ ଓରଫ ପବନା । ତେବେ ଚନ୍ଦନ ପଲ୍ଲାର ନାମକ ଜଣେ ଅଭିଯୁକ୍ତକୁ ପୁଲିସ ଏନକାଉଣ୍ଟର କରିଥିବା ବେଳେ ଆଉ ଦୁଇଜଣଙ୍କୁ ଏବେ ବି ଖୋଜୁଛି ପୁଲିସ୍ । ପ୍ରାଥମିକ ସୂଚନା ଅନୁଯାୟୀ,ପୁରୀ ବଳିଆପଣ୍ଡା ଧବଳେଶ୍ୱର ରୋଡରେ ଥିବା ମନୋରମା ହୋଟେଲକୁ ଲିଜରେ ନେଇଥିଲେ ମୃତକ ଏବଂ ତାକୁ ଓୟୋ ହୋଟେଲକୁ ଦେଇଥିଲେ । ସେଠାରେ ଓୟୋ ତରଫରୁ ହୋଟେଲ ଦାୟିତ୍ୱ ବୁଝୁଥିଲେ ଅଭିଯୁକ୍ତ ଚନ୍ଦନ । ତେବେ ଜଣେ ଗେଷ୍ଟଙ୍କୁ ରୁମ୍ ସର୍ଭିସ ନଦେବା ନେଇ

▶▶ ୫

## ଗୋଦାମ ଘର ଭୁଶୁଡ଼ି ୫ ମୃତ

କୋଲକାତା,୨୪।୬/ଏଜେନ୍ସି:

ପଶ୍ଚିମବଙ୍ଗ କୋଲକାତାର ତାରାତାଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ଭୁଶୁଡ଼ି ପଡ଼ିବାରୁ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ୨୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଧ୍ୱଂସାବଶେଷ ତଳେ ୧୪ରୁ ଅଧିକ ଲୋକ ଫସି ରହିଥିବା କୁହାଯାଉଛି । ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ପୁଲିସ୍ ଓ ଅଗ୍ନିଶମ ବାହିନୀ ସହିତ ସେନାର ଯବାନମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଉଦ୍ଧାର ହୋଇଥିବା ୨୧ ଜଣ ଶ୍ରମିକଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି । ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନିର୍ମାଣାଧୀନ ତିନି ମହଲା ଗୋଦାମ ଘରେ ପ୍ରକୃତରେ କେତେ ଜଣ



ଶ୍ରମିକ କାମ କରୁଥିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏହି ଅଘଟଣ ଘଟିବା ବେଳେ ସେଠାରେ ୪୦ ରୁ ୫୦ ଶ୍ରମିକ କାମ କରୁଥିଲେ । କାମ ଚାଲିଥିବା ବେଳେ ବଡ଼ ବଡ ଲୁହା ବିମ୍ ଓ କଂକ୍ରିଟ୍ ସ୍ଲାବ୍‌ଗୁଡ଼ିକ ଭୁଶୁଡ଼ି ପଡ଼ିଥିଲା । ଫଳରେ ଶ୍ରମିକମାନେ ତା' ତଳେ ଚାପି ହୋଇଯାଇଥିଲେ । ଏନ୍‌ଡିଆରଏଫ

▶▶ ୫

### ଷ୍ଟ୍ରୀଟ୍ ଲାଇଟ୍ ଦୁର୍ନୀତି

## ୩ ଜିଲ୍ଲାରେ ଭିଜିଲାନ୍ସ ଚଢ଼ଉ

ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:

ପ୍ରତି ପଞ୍ଚାୟତରେ ଏଲ୍‌ଇଡି ଷ୍ଟ୍ରୀଟ୍ ଲାଇଟ୍ ସ୍ଥାପନରେ ବ୍ୟାପକ ଅନିୟମିତତା ଓ ସରକାରୀ ପାଣ୍ଠିର ଆତ୍ମସାତ୍ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ୫୦ଟି ସ୍ଥାନରେ ୨୪ଟି ଟିମ୍ ଏକକାଳୀନ ଚଢ଼ଉ କରିଛି । ରାଜ୍ୟ ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନ ଅଧୀନରେ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଗାଁରେ 'ଟର୍ଣ୍ଣ-କି' ଭିତ୍ତିରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ସହ ଏଲ୍‌ଇଡି ଷ୍ଟ୍ରୀଟ୍ ଲାଇଟ୍ ସ୍ଥପନ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ତେବେ ଏହି ଷ୍ଟ୍ରୀଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକାରୀ ପ୍ରକ୍ରିୟା ଓ ଟେଣ୍ଡର ନିୟମାବଳୀରେ ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜୋରଦାର ହୋଇଛି ।

**ତଦନ୍ତ ପାଇଁ ୨୪ ଟିମ୍ ଗଠିତ**

ଏହି ଦୁର୍ନୀତି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ୨୪ଟି ଟିମ୍ ଗଠନ କରି ଭିଜିଲାନ୍ସ ୩ଟି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ଉ ଓ ତଦନ୍ତ ଜାରି ରଖିଛି । ଭିଜିଲାନ୍ସର ସୂଚନା ଅନୁସାରେ ଏହି ଏଲ୍‌ଇଡି ଷ୍ଟ୍ରୀଟ୍ ଲାଇଟ୍ ପ୍ରକଳ୍ପରେ ପ୍ରତି ୧୦ଟି ଏଲ୍‌ଇଡି ଲାଇଟର କ୍ଲଷ୍ଟର ପାଇଁ ଆବଶ୍ୟକ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଉପକରଣ ଯଥା- ଏନର୍ଜି ମିଟର, ୫୦୦ମିଟର କେବୁଲ, ଏମ୍‌ସିସିବି, ଆଇ ହୁକ୍ , ସସ୍‌ପେନ୍‌ସନ୍ କ୍ଲାମ୍ପ, ଡେଡ୍ ଆଣ୍ଡ କ୍ଲାମ୍ପ ଓ ଫଟୋ ସୁଇଚ୍ ଟାଇମର ଆଦି ସ୍ଥାପନ କରାନଯାଇ ମଧ୍ୟ ନକଲି ବିଲ୍ ପ୍ରସ୍ତୁତ ହୋଇଥିଲା । ଆଉ ଏବାବଦରେ ସରକାରୀ ପାଣ୍ଠିକୁ ଆତ୍ମସାତ କରାଯାଇଥିଲା ।ଏହି ବଡ଼ ଦୁର୍ନୀତିକୁ ନେଇ ଅଭିଯୋଗ ଆସିବା ପରେ ଭିଜିଲାନ୍ସକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ଭିଜିଲାନ୍ସ ପକ୍ଷରୁ ମୋଟ୍ ୮୧ଜଣ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି, ଯେଉଁଥିରେ

▶▶ ୫

### ଭୁବନେଶ୍ୱରରେ ସାମୁଦ୍ରିକ ସୁରକ୍ଷା ବୈଠକ

## 'ସାମୁଦ୍ରିକ ସୁରକ୍ଷା ପ୍ରଗତିର ପ୍ରବେଶ ପଥ'

ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:

ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ । ସାମୁଦ୍ରିକ ବାଣିଜ୍ୟ ଓ ସୁରକ୍ଷା ହେଉଛି ପ୍ରଗତିର ପ୍ରବେଶ ପଥ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବୁଧବାର ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ସାମୁଦ୍ରିକ ସୁରକ୍ଷା ଗ୍ରୁପ୍ (ନୀତି) ବୈଠକକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ସେହିପରି ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ । ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି । ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର




ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି । ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ । ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ

▶▶ ୫

**ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ**

**ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଏଆଇ ଉପରେ ଗୁରୁତ୍ୱାରୋପ**



## ଜେଲ୍ ଗଲେ ଯନ୍ତ୍ରୀ

### ଆୟଠାରୁ ୧୧୯% ଅଧିକ ସମ୍ପତ୍ତି ଠୁଳ

ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କମାଣ୍ଡ ଏରିଆ ଡେଭେଲପ୍‌ମେଣ୍ଟ ଅଥରିଟି (କାଡ଼ା)ର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି । ସେ ତାଙ୍କ ଆୟଠାରୁ ୧୧୯% ଅଧିକ ସମ୍ପତ୍ତି ଠୁଳ କରିଥିବା କହିଛି ଭିଜିଲାନ୍ସ । ତେବେ ଗିରଫ ପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି । ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କର ସମ୍ପତ୍ତି ମଧ୍ୟରେ ରହିଛି ୧୮ଟି ଦାମୀ ପ୍ଲଟ୍ । ଏହି ପ୍ଲଟ୍‌ଗୁଡ଼ିକରୁ ୫ଟି ଭୁବନେଶ୍ୱରରେ ଥିବା ବେଳେ କଟକରେ ୩ଟି, ଯାଜପୁର ଜିଲ୍ଲାର କୋରେଇରେ ୬ଟି, ବାଲେଶ୍ୱରର ବସ୍ତାରେ ୩ଟି ଓ ପୁରୀର ଡେଲାଙ୍ଗରେ ଗୋଟିଏ ରହିଛି । କଟକ ବିଦ୍ୟାଧରପୁରରେ ତାଙ୍କର ଏକ ତିନି ମହଲା କୋଠା ଅଛି, ଯାହା ୧୮ ହଜାର ୮୪୦ ବର୍ଗଫୁଟ୍‌ର ଜାଗାରେ ତିଆରି ହୋଇଛି । ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଞ୍ଚଳରେ ତାଙ୍କର ୧୪୬୫ ବର୍ଗଫୁଟ୍‌ର ଏକ ଦ୍ୱିମହଲା କୋଠା ରହିଛି । ବସ୍ତା ଥାନା ମୁକୁଳିସିରେ ତାଙ୍କ ଆଉ ଏକ କୋଠା ଅଛି ।



▶▶ ୫

### ନାଇଡୁ କମିଶନ ରିପୋର୍ଟ ହଜିବା ପ୍ରସଙ୍ଗ

## ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ମାମଲା

କଟକ,୨୪।୬/ଏନ୍‌ଏନ୍‌ଏସ୍:

ବହୁ ଚର୍ଚ୍ଚିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣାରେ ଜଷ୍ଟିସ୍ ନାଇଡୁ କମିଶନ ରିପୋର୍ଟ ହଜିବା ପ୍ରସଙ୍ଗକୁ ନେଇ ସିବିଆଇ ତଦନ୍ତ ପାଇଁ ବୁଧବାର ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଛି । ଆବେଦନକାରୀ ଇଞ୍ଜିନିୟର ଦେବାଶିଷ ହୋତାଙ୍କ ପକ୍ଷରୁ ଦାଖଲ ହୋଇଥିବା ମାମଲାରେ ଘଟଣାର ସିବିଆଇସ୍ତରୀୟ ତଦନ୍ତ କରିବାକୁ ପ୍ରାର୍ଥନା କରାଯାଇଛି । ଏଥିରେ କୁହାଯାଇଛି ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ 'ଜଷ୍ଟିସ ଏ.ଏସ. ନାଇଡୁ ତଦନ୍ତ କମିଶନ' ରିପୋର୍ଟ ହଠାତ୍ ଗାଏବ ହେବା ଘଟଣା ଏକ ଚଞ୍ଚକତାପୂର୍ଣ୍ଣ ଚୋରିକୁ ସୂଚାଉଛି । ସୂଚନାଥାଉକି ଯେ, କନ୍ଧମାଳର ଜଲେସ୍‌ପେଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କର ଚାରିଜଣ ଅନୁଗାମୀଙ୍କୁ ୨୦୦୮ ମସିହାରେ ହୋଇଥିବା



ନିର୍ମମ ଓ ସୁଚିରିତ ହତ୍ୟାକାଣ୍ଡର ତଦନ୍ତ ପାଇଁ ରାଜ୍ୟ ସରକାର ଜଷ୍ଟିସ ନାଇଡୁ କମିଶନ ଗଠନ କରିଥିଲେ । ଗୃହ ବିଭାଗର ଯୁଗ୍ମ ସଚିବଙ୍କ ଦ୍ୱାରା ୧୦ ଜୁନ, ୨୦୨୬ରେ ଦାୟର ହୋଇଥବା ଏକ ଆନୁଷ୍ଠାନିକ ଅଭିଯୋଗ ଅନୁଯାୟୀ, ଏହି ଗୁରୁତ୍ୱପୂର୍ଣ୍ଣ ତଦନ୍ତ ରିପୋର୍ଟ ସେପ୍ଟେମ୍ବର ୨୦୧୬ରେ ସିଏମଓକୁ ପଠାଯାଇଥିଲା । ୪ ଜୁନ୍, ୨୦୨୪ରେ ରାଜ୍ୟରେ ସରକାର ବଦଳିବା ପରେ, ଯେତେବେଳେ ଫାଇଲଗୁଡ଼ିକ ଗୃହ ବିଭାଗକୁ ଫେରସ୍ତ କରାଗଲା, ସେତେବେଳେ ଜଣାପଡ଼ିଲା ଯେ ଏହି ଗୁରୁତ୍ୱପୂର୍ଣ୍ଣ ନ୍ୟାୟିକ ରିପୋର୍ଟ ଗାଏବ ଅଛି ଏବଂ ଏପର୍ଯ୍ୟନ୍ତ ଏହାର କୌଣସି ସୂଚନା ମିଳିପାରି ନାହିଁ । ଏ ନେଇ କ୍ୟାପିଟାଲ ଥାନାରେ ଗତ ୨୦ ତାରିଖରେ ଭାରତୀୟ ନ୍ୟାୟ ସଂହିତାର ପ୍ରାବଧାନ ଅନୁଯାୟୀ ଏକ ଅପରାଧିକ ମାମଲା ରୁଜୁ କରାଯାଇଛି । ମାମଲାରେ ଦର୍ଶାଯାଇଛି ଯେ ଫାଇଲଗୁଡ଼ିକ ଦୁର୍ଭାବନାପୂର୍ଣ୍ଣ ଉଦ୍ଦେଶ୍ୟରେ ଜାଣିଶୁଣି ଚୋରି କରାଯାଇଥିବା ପରି ମନେହେଉଛି, ଏହା କୌଣସି ସ୍ଥାନରେ ହଜିଯାଇ ନାହିଁ । ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ରାଜ୍ୟ କାର୍ଯ୍ୟପାଳିକାର ସର୍ବୋଚ୍ଚ କାର୍ଯ୍ୟାଳୟରୁ ଏକ ନ୍ୟାୟିକ କମିଶନଙ୍କ ନିଷ୍କର୍ଷ ଗାଏବ ହେବା ସ୍ପଷ୍ଟ ଭାବେ ପ୍ରମାଣ ସହିତ ଉଚ୍ଚସ୍ତରୀୟ ଟାମ୍ପରିଂ ଏବଂ ସତ୍ୟକୁ ଚପାଇଦେବା ପାଇଁ ପୂର୍ବତନ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା

▶▶ ୫

### ବାଣ ବିସ୍ଫୋରଣ

## ପୁଅ ମୃତ, ବାପା-ମା ଗୁରୁତର

ଦିଗପହଣ୍ଡି,୨୪।୬/ଏନ୍‌ଏନ୍‌ଏସ୍:

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ଗ୍ରାମ ପାଣିଟାଙ୍କି ରୋଡ଼ ମା' ବ୍ରହ୍ମ ଦେବୀ ମନ୍ଦିର ରାସ୍ତାରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ ଟାରେ ବାଣ ବିସ୍ଫୋରଣ ଘଟିଛି । ଯେଉଁଥିରେ ପୁଅର ମୃତ୍ୟୁ ହୋଇଥିବାବେଳେ ବାପା ଓ ମା' ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଆକାଶ ଦାସ(୧୯) । ଆହତ ମାନେ ହେଲେ ସନ୍ତୋଷ ଦାସ(୪୫), ବିଷ୍ଣୁ ପ୍ରିୟା ଦାସ(୩୫), ଲକ୍ଷ୍ମୀ ଦାସ(୫୦) । ଘର ଭିତରେ ଆକାଶ ବାଣ ଭିଡୁ ଥିବା ବେଳେ ଘର ନିକଟ ବିଦ୍ୟୁତ୍ ଟ୍ରାନ୍ସଫରମରରେ ବଜ୍ରାଘାତ ହେବାରୁ ବାଣ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ପ୍ରଭାବରେ ଘରର ସମସ୍ତ ଟିଣ ଛପର ଖଣ୍ଡ ଖଣ୍ଡ ହୋଇ ଉଡ଼ିଯାଇଛି । ପରିବାରର ସମସ୍ତ ସଦସ୍ୟ ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଆକାଶଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ପାଟପୁର ଥାନା ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ ଭିନ୍ ଚଳାଇଛି । ପୁଲିସ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆକାଶଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି ।

### ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀ

## ଓଡ଼ିଶାରେ ୨୬ ଲକ୍ଷରୁ ଅଧିକ 'ଲକ୍ଷପତି ଦିଦି'

**୨.୮୮ ଲକ୍ଷ ଏସ୍‌ଏଚ୍‌ଜିଙ୍କୁ ୧୪୭ କୋଟି ସୁଧ ଫେରସ୍ତ**

**୨୪୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆବର୍ତ୍ତନ ଓ ନିରାପତ୍ତା ପାଣ୍ଠି ପ୍ରଦାନ**





ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:

'ଓଡ଼ିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟକୁ ଏକ ସମୃଦ୍ଧ ଓ ବିକଶିତ ଅର୍ଥନୀତିରେ ପରିଣତ କରିବାର ସଂକଳ୍ପ ନେଇଛନ୍ତି, ଯେଉଁଥିରେ ମହିଳାମାନେ ପରିବର୍ତ୍ତନର ପ୍ରମୁଖ ବାହକ ଅଟନ୍ତି । ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ସଦସ୍ୟାଙ୍କୁ ଆତ୍ମନିର୍ଭରଶୀଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହୋଇଥିବା ବେଳେ, ରାଜ୍ୟ ସରକାର ନିର୍ଦ୍ଧାରିତ ସମୟର ୧ ବର୍ଷ ପୂର୍ବରୁ ହିଁ ୨୫ ଲକ୍ଷର ମାଇଲଖୁଣ୍ଟ ଅତିକ୍ରମ କରି ବର୍ତ୍ତମାନ ଲକ୍ଷପତି ଦିଦିଙ୍କ ସଂଖ୍ୟାକୁ ୨୬,୩୯,୯୦୯ରେ ପହଞ୍ଚାଇ ପାରିଛନ୍ତି ।'ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ରାଜ୍ୟସ୍ତରୀୟ 'ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ'କୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହା କହିଛନ୍ତି ।

ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୩୩୦ ଜଣ ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ କରକମଳରେ ୨,୮୮,୧୯୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି । ଏହି ସ୍ୱତନ୍ତ୍ର ଉତ୍ସବ ଅବସରରେ ୨୬ଟି ଜିଲ୍ଲାର ୨୩,୫୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫.୭୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ଖୋର୍ଦ୍ଧାର ମା' ମଙ୍ଗଳା ଓ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯଥାକ୍ରମେ ୩୦,୦୦୦ ଟଙ୍କାର ଚେକ୍ ଉପମୁଖ୍ୟମନ୍ତ୍ରୀଙ୍କ କରକମଳରୁ ଗ୍ରହଣ କରିଛନ୍ତି ।

ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ୨୭ଟି ଜିଲ୍ଲାର ୬୨୪ଟି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ କୁ ୧୮୯.୫୭ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଛି, ଯେଉଁଥିରେ ପୁରୀର ଅଭୟମୁଖୀ ଓ ଗୁଆଳିପଡା ଗ୍ରାମପଞ୍ଚାୟତସ୍ତରୀୟ ସଂଘର ମା'ମାନେ ଯଥାକ୍ରମେ ୩୫ ଲକ୍ଷ ଟଙ୍କାର ଚେକ୍ ସିଧାସଳଖ ଭାବରେ ପାଇଛନ୍ତି । ଏହା ବ୍ୟତୀତ, ୧୫ଟି ଜିଲ୍ଲାର ୬୫୬ଟି ଆଞ୍ଚଳିକ ମହାସଂଘକୁ ୯.୬୪ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ମଧ୍ୟ ପ୍ରଦାନ କରାଯାଇଛି,

▶▶ ୫

### ୯ରେ ଅୟାତୋଲ୍ଲା ଅଲୀ ଖାମେନେଇଙ୍କ ଅନ୍ତିମ ସଂସ୍କାର

## ସାମିଲ ହେବାକୁ ମୋଦୀଙ୍କୁ ଇରାନର ନିମନ୍ତ୍ରଣ

ନୂଆଦିଲ୍ଲୀ,୨୪।୬/ଏନ୍‌ଏନ୍‌ଏସ୍:

ଆମେରିକା ସହ ଯୁଦ୍ଧ ବେଳେ ପ୍ରାଣ ହରାଇଥିବା ଇରାନର ପୂର୍ବତନ ସୁପ୍ରିମ୍ ଲିଡର ଅୟାତୋଲ୍ଲା ଅଲୀ ଖାମେନେଇଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଇରାନ । ଏୟାର ଷ୍ଟ୍ରାଇକରେ ଅଲୀ ଖାମେନେଇଙ୍କ ଦେହାନ୍ତ ହୋଇଥିଲେ ହେଁ ଯୁଦ୍ଧ ଯୋଗୁ ଇରାନ ତାଙ୍କର ଅନ୍ତିମ ସଂସ୍କାର କରି ନଥିଲା ।ଏବେ ଆମେରିକା ସହ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିବାରୁ ଇରାନ ଖାମେନେଇଙ୍କ ଅନ୍ତିମ ଶୋଭାଯାତ୍ରା ପାଇଁ ପଦକ୍ଷେପ ନେଇଛି । ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଥିବା ଜଣାପଡ଼ିଛି । ଅଲୀ ଖାମେନେଇଙ୍କ ଅନ୍ତିମ ଶୋଭାଯାତ୍ରା କାର୍ଯ୍ୟକ୍ରମ ଜୁଲାଇ ୪ରୁ ଆରମ୍ଭ ହେବ ଓ ଜୁଲାଇ ୯ରେ ତାଙ୍କ ଜନ୍ମସ୍ଥାନ ଉତ୍ତର-ପୂର୍ବ ଇରାନର ପବିତ୍ର ସହର ମଶାଦରେ ସେ କବର ନେବେ । ଏଥିପାଇଁ ଇରାନ ରାଷ୍ଟ୍ରପତିଙ୍କ ପକ୍ଷରୁ ମୋଦୀଙ୍କୁ ନିମନ୍ତ୍ରଣ କରାଯାଇଛି ।

୮୬ ବର୍ଷୀୟ ଖାମେନେଇ ଫେବୃଆରୀ ୨୮ରେ



ତେହରାନ ଉପରେ ହୋଇଥିବା ଇସ୍ରାଏଲ ଓ ଆମେରିକାର ମିଳିତ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିଲେ । ଯୁଦ୍ଧର ପ୍ରଥମ ଦିନରେ ଅଲୀ ଖାମେନେଇଙ୍କ ସମେତ ତାଙ୍କ ପରିବାରର ଅନେକ ସଦସ୍ୟ ଓ ବରିଷ୍ଠ ଅଧିକାରୀମାନଙ୍କ ମୃତ୍ୟୁ ହୋଇଥିଲା । ଅଲୀ ଖାମେନେଇ ୩୬ ବର୍ଷ ଧରି ଇସଲାମିକ ରିପବ୍ଲିକ୍ ଅଫ୍ ଇରାନର ସର୍ବୋଚ୍ଚ ନେତା ଭାବେ କାର୍ଯ୍ୟ କରୁଥିଲେ ।ଇରାନର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଜୁଲାଇ ୭ରେ କୋମ ସହରରେ ମଧ୍ୟ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ ହେବ । ଇସଲାମିକ ପରମ୍ପରା ଅନୁସାରେ ମୃତଦେହକୁ ସାଧାରଣତଃ ଗୋଟିଏ ଦିନ ମଧ୍ୟରେ କବର ଦିଆଯାଏ । କିନ୍ତୁ ଯୁଦ୍ଧ ପରିସ୍ଥିତିରେ ଏହି

▶▶ ୫

# ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଦାବି

**କଟକ,୨୪।୬/ଏନ୍ଏନ୍ଏସ୍:** ଶିକ୍ଷାବର୍ଷ ନିମନ୍ତେ ରାଜ୍ୟସରକାରଙ୍କ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପୁସ୍ତକରେ ବର୍ତ୍ତମାନ ଯାଏ ଆସିଥିବା ୨୧୨୫ଟି ତ୍ରୁଟି କେବଳ ବନାନଗତ, ବ୍ୟାକରଣଗତ ନୁହେଁ ଏଥିରେ ବହୁ ଗୁରୁତର ତଥ୍ୟଗତ ଏବଂ ମୌଳିକ ଧାରଣାଗତ ତ୍ରୁଟି ମଧ୍ୟ ରହିଛି । ଏହା ଛଡା ବହୁ ଅବୈଜ୍ଞାନିକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇଛି । ଏପରିକି ଯୋଗାଇ ଦିଆଯାଇଥିବା ସଂଶୋଧିତ ପୁସ୍ତିକା ମଧ୍ୟରେ ବି ଭୁଲ୍ ରହିଛି । ଏହି ବିକୃତ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଏସ୍.ୟୁ.ସି.ଆଇ. (କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି ।'ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ପାଇଁ ସରକାର ଯୁଦ୍ଧକାଳୀନ ଭିତିରେ ଏନ୍.ଇ.ପି-୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟପୁସ୍ତକରେ ପରିଲକ୍ଷିତ ତ୍ରୁଟି ସ୍ୱାଭାବିକ ଓ ସାମାନ୍ୟ' ! ଗଣଶିକ୍ଷା ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଅତ୍ୟନ୍ତ ଦାୟୀତ୍ୱହୀନ ଓ ଚରମ ଶିକ୍ଷାବିରୋଧୀ ନୀତିର ପରିଚୟ ବୋଲି ଦଳର ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ ଏକ ପ୍ରେସ ବିବୃତିରେ କହିଛନ୍ତି । ଏହା ଦ୍ୱାରା ପିଲା ମାନଙ୍କ ଉପରେ ଅନାବଶ୍ୟକ ବୋଝ ଲଦି ଦିଆଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ହଟାଇ ଦିଆଯାଇଛି, ଯାହାକି ପିଲାମାନଙ୍କ ଜ୍ଞାନାର୍ଜନର ମୂଳଦୁଆକୁ ସଂପୂର୍ଣ୍ଣ ଧ୍ୱଂସ କରିବ । ତେଣୁ ସଂଶୋଧିତ ଚିଠା ଶିକ୍ଷକମାନଙ୍କ ହାତରେ ଧରାଇଦେଇ କାମ ଚଳାଇ ଦେବା ନ୍ୟାୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳିବା ବନ୍ଦ କରି ଉତ୍ଥାପିତ ହୋଇଥିବା ନ୍ୟାୟସଙ୍ଗତ ଦାବିକୁ ମାନିନେବା ସହିତ ଏନ୍.ଇ.ପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଶ୍ରୀ ଦାସଗୁପ୍ତ ଦାବି କରିଛନ୍ତି ।

## ଜିଲ୍ଲାର ୨୮୫ ଜଣ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ

# 'ଶୃଙ୍ଖଳା, ଦୃଢ଼ ସଂକଳ୍ପ ଓ ସମର୍ପଣ ହେଉଛି ସଫଳତାର ମୂଳମନ୍ତ୍ର'




**କଟକ,୨୪।୬/ଏନ୍ଏନ୍ଏସ୍:** ଜିଲ୍ଲାର ମେଧାବୀ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଆଜି ନେତାଜୀ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଧାୟକ, କଟକ ସଦର ଇଂ.ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ଆମ ଭବିଷ୍ୟତ, ପୂର୍ବତନ ରାଷ୍ଟ୍ରପତି ଡ.ଏ.ପି.ଜେ ଅବଦୁଲ କଲାମ କହିଥିଲେ, ସ୍ୱପ୍ନ ତାହା ନୁହେଁ ଯାହା ଆମେ ଶୋଇବା ବେଳେ ଦେଖୁ ,ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏ ନାହିଁ । ଛାତ୍ରଛାତ୍ରୀମାନେ ସର୍ବଦା ୩ଡି(୩ୟ) ମନ ରଖିବା ଆବଶ୍ୟକ (ଡିସିପ୍ଲିନ) ଶୃଙ୍ଖଳା, (ଡିଟରମିନେସନ) ଦୃଢ ସଂକଳ୍ପ ଏବଂ (ଡେଡିକେସନ) ସମର୍ପଣ ଏହି ତିନୋଟି ଗୁଣ ଜୀବନରେ ସଫଳତା ହାସଲ କରିବାର ମୂଳମନ୍ତ୍ର ବୋଲି ସେ ମତବ୍ୟକ୍ତ କରିଛନ୍ତି । ଅନ୍ୟତମ ଅତିଥି ବିଧାୟିକା ବାରବାଟୀ-କଟକ, ଇଂ.ସୋଫିଆ ଫିରଦୋସ୍ ଯୋଗଦେଇ ଭଲ ନମ୍ବର ଭଲ ଚାକିରି ପାଇବାରେ ସହାୟକ ହୋଇପାରେ, କିନ୍ତୁ ଭଲ ଚରିତ୍ର ହିଁ ସମାଜରେ ଜଣେ ବ୍ୟକ୍ତିକୁ ପ୍ରକୃତ ସମ୍ମାନ ଓ ପରିଚୟ ପ୍ରଦାନ କରିଥାଏ ବୋଲି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଥିବା ପିତାମାତା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଦାନକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ୫ ରୁ ୧୦ ବର୍ଷ ନିଜ କ୍ୟାରିୟର ଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ କୃତ୍ରିମ ବୁଦ୍ଧିମତାର ସଦୁପଯୋଗ କରି ନିଜର ଜ୍ଞାନ ବ୍ୟବହାର କରି ନିଜ ଜୀବନର ଲକ୍ଷ୍ୟ ହାସଲ କରିପାରିବେ ବୋଲି ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଜିଲ୍ଲାର ୨୮୫ ଜଣ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଏବଂ ପ୍ରଥମଥର ଏ-୧ ପାଇଥିବା ୧୬ଟି ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

## ଡାଇରିଆର ନିରାକରଣ ଅଭିଯାନ

# ଆଶାକର୍ମୀ ଘରକୁ ଘର ବୁଲି ବାଣ୍ଟିବେ ଓଆର୍ଏସ୍

**କଟକ,୨୪।୬/ଏନ୍ଏନ୍ଏସ୍:** ବର୍ଷା ଋତୁରେ ଡାଇରିଆ ଆଦି ଜଳବାହିତ ରୋଗକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁଷ୍ପିତା ମହାନ୍ତି ସୂଚନା ଦେଇଛନ୍ତି ଯେ ,ଡାଇରିଆର ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସତର୍କ କରାଯାଇଛି । ଜିଲ୍ଲାର ସମସ୍ତ ଅଂଚଳରେ ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଆଶାକର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରେ ୨ଟି ଓଆରଏସ ପାଉଡର ପ୍ରଦାନ କରିବେ ଓ ଯେଉଁ ଘରେ ୫ବର୍ଷ ବୟସର ପିଲା ଥିବେ ତାଙ୍କୁ ଆଉ ଗୋଟିଏ ଓଆରଏସ ପ୍ୟାକେଟ ଓ ୨ଟି ଜିଙ୍କ ବଟିକା ବଣ୍ଟନ କରିବେ । ଏଥି ସହ ବିଦ୍ୟାଳୟରେ ଓ ପରିବାର ସଦସ୍ୟ ମାନଙ୍କୁ ହାତ ଧୋଇବାର ଶୈଳୀ ଓ ଓଆରଏସର ପ୍ରସ୍ତୁତି ସହ ବୟସ ଅନୁସାରେ ସେବନ ଓ କେତେ ସମୟ ରହିବ ସେ ସମ୍ପର୍କରେ ବୁଝାଇବେ । ଜିଲ୍ଲାରେ ୫ବର୍ଷର ପିଲା ସଂଖ୍ୟା ୧,୫୩,୯୭୭ ଜଣଙ୍କୁ ଏହି ଡାଇରିଆ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର,ମେଡିକାଲ ମାନଙ୍କରେ ଓଆରଏସ କର୍ଣ୍ଣର କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି । ଏହା ବ୍ୟତୀତ ଜୁନ ୨୮ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ବର୍ଷର ପିଲାମାନଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବ । ପ୍ରଥମ ଦିନ ୧୧୫୬ଟି ବୁଥ ଓ ପରଦିନ ଘର ଘର ବୁଲି କାର୍ଯ୍ୟକ୍ରମ କରାଯିବ । ଡାଇରିଆର କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଓଆରଏସ୍ ସେବନ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଗଗନ ବିହାରୀ ପତି,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଚିନ୍ତାମଣି ମିଶ୍ର ,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଲେପ୍ରୋସୀ ଡଃ. ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



# ନୂଆବଜାର ବେଆଇନ୍ ଫୁଡ୍ ମାର୍କେଟ୍‌କୁ ବିରୋଧ



**କଟକ,୨୪।୬/ଏନ୍ଏନ୍ଏସ୍:** ନୂଆବଜାର ହନୁମାନ ମନ୍ଦିରପ୍ରାଙ୍ଗଣକୁ ଲାଗି ଏକ ବେଆଇନ ଫୁଡ୍ ମାର୍କେଟ ନିର୍ମାଣ ହୋଇଥିବା ନେଇ ନିଗମ କମିସନରଙ୍କ ନିକଟରେ ଅଭିଯୋଗ ହୋଇଛି । ଓଏମ୍‌ପିରୁ ପାରାଦୀପ ଓ ଜଗତସିଂହପୁରକୁ ଯାଇଥିବା ଜାତୀୟ ରାଜପଥକୁ ଲାଗି ରହିଛି ଏହି ମାର୍କେଟ ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡି ଯାତାୟାତ କରିଥାନ୍ତି । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ ପ୍ରତିଷ୍ଠାନ ଓ ଘରଥିବା ବେଳେ ପ୍ରତିଦିନ ଦୁର୍ଘଟଣା ଘଟୁଛି । ରାସ୍ତାଟି ପ୍ରଶସ୍ତ ନଥିବାରୁ ଏହାର ବିକଳ୍ପ ଭାବେ ତାଳଦଣ୍ଡା କେନାଲର ଉଭୟ ପାର୍ଶ୍ୱ ରାସ୍ତାକୁ ଚଉଡା କରାଯାଉଛି । ହେଲେ ଏହି ରାସ୍ତା ପାର୍ଶ୍ୱରେ ସରକାରୀ ଜମିରେ ସୂଚନା ଫଳକ ନଲଗାଇ ବେଆଇନ ଭାବେ ଲକ୍ଷାଧିକ ଟଙ୍କାରେ ଫୁଡ୍ ମାର୍କେଟ ତିଆରି ହୋଇଛି । ଏପରିକି ରାସ୍ତା କଡରେ ପାଚେରି ଉଠାଇ ପେଭର ବ୍ଲକ୍ ପକାଇ ରାସ୍ତାକୁ ଅଧିକ ସଙ୍କୁଚିତ କରାଯାଇଛି । ଅନ୍ୟପଟେ କିଛି ମୁଷ୍ଟିମେୟ ଲୋକ ଏହି ଫୁଡ୍ ମାର୍କେଟକୁ ନିଜ କବଜାରେ ରଖି ଟଙ୍କା ଆଦାୟ କରୁଥିବା ସ୍ଥାନୀୟ ବାସିନ୍ଦା ଗଣେଶ କୁମାର ସାହୁ କମିସନରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜାତୀୟ ରାଜପଥକୁ ଲାଗି ନିର୍ମାଣ ହୋଇଥିବା ଏହି ମାର୍କେଟ ପାଇଁ ଏଠାରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବା ଶ୍ରୀ ସାହୁ ଅଭିଯୋଗ କରିବା ସହ ବେଆଇନ ଭାବେ ନିର୍ମାଣ ହୋଇଥିବା ଫୁଡ୍ ମାର୍କେଟକୁ ତୁରନ୍ତ ଉଚ୍ଛେଦ କରିବାକୁ ସେ ଦାବି କରିଛନ୍ତି ।

# 'ଜଳବାୟୁ ପରିବର୍ତ୍ତନ' ଶୀର୍ଷକ ଆଲୋଚନାଚକ୍ର

**କଟକ,୨୪।୬/ଏନ୍ଏନ୍ଏସ୍:** ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ତଥା ମୁଖ୍ୟ ଭିଜିଲାନସ୍ ଅଫିସର୍ ଯୁଗଳ କିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଳବାୟୁ ପରିବର୍ତନ ଦ୍ୱାରା ଅନୁଭୂତ ହେଉଥିବା ବିଭିନ୍ନ ପରିବର୍ତନ ଓ ଏହାର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଭୁବନେଶ୍ୱର ସହକାରୀ ବନ ସଂରକ୍ଷକ ନଗର ବନଖଣ୍ଡ (ଓଏଫ୍ଏସ୍-୧) ଉତମ ଗଡନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜଳବାୟୁ ପରିବର୍ତନ କାରଣରୁ ଅନୁଭୂତ ହେଉଥିବା ଋତୁ ପରିବର୍ତ୍ତନ ଓ ଏହାର ବିଭିନ୍ନ କାରଣ ସମ୍ପର୍କରେ ଆଲୋଚନା କରିଥିଲେ । ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଅନୀଲ୍ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସହକାରୀ ବନ ସଂରକ୍ଷକ ନଗର ବନଖଣ୍ଡ ସିଦ୍ଧାର୍ଥ ଶଙ୍କର ସାହୁ, ଏନ୍‌ବିଏସ୍ ଝିମାଣି କଲେଜର ଅଧ୍ୟକ୍ଷା ଡ.ବନପ୍ରଭା ପରିଡା, ବିଶିଷ୍ଟ ପରିବେଶବିତ୍ ଧନେଶ୍ୱର ବିଧାର ପ୍ରମୁଖ ଯୋଗ ଦେଇ ଜଳବାୟୁ ପରିବର୍ତନ ଓ ବିଶ୍ୱତାପାୟନ କାରଣରୁ ପୃଥିବୀ ଉପରେ ପଡୁଥିବା ଏହାର କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପ୍ରଫେସର ସେକ୍ କଲିମୁଲା, ପ୍ରଫୁଲ ଚନ୍ଦ୍ର ମହାପାତ୍ର,ଫରେଷ୍ଟ ରେର୍ ଅନାଦି ଦାସ, ସାହିତ୍ୟିକ ଶ୍ରୀକାନ୍ତ ବେଉରା, ସଂଗଠନ ସଭାପତି ସରୋଜ ନଳିନୀ ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ର, ଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶାବନ୍ତିକା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସଂଗଠନ ସଭାପତି ନାରାୟଣ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ମିର୍ଜା ସରାଫତ୍ ବେଗ୍ ଧନ୍ୟବାଦ ପ୍ରଦାନ ଦେଇଥିଲେ ।

# ଇସ୍କନ ବିବାଦକୁ ନେଇ ସରକାର ପଦକ୍ଷେପ ନେବାକୁ ଦାବି

**କଟକ,୨୪।୬/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପରମ୍ପରାକୁ ବିକୃତ କରାଯାଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଶ୍ରୀଜଗନ୍ନାଥପ୍ରେମୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସନାତନ ଧର୍ମ ସୁରକ୍ଷା ଅଭିଯାନ ପକ୍ଷରୁ ଓଡ଼ିଶା ସରକାରଙ୍କୁ ରାଜ୍ୟରେ କାର୍ଯ୍ୟରତ ଇସ୍କନ ସଂସ୍ଥାଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି । ସଂଗଠନର ଆବାହକ ଆଡ଼ଭୋକେଟ ଡକ୍ଟର ଜ୍ଞାନଗୁରୁ ଦାସ ଏକ ବିବୃତିରେ କହିଛନ୍ତି ଯେ, ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଶତାବ୍ଦୀ ଶତାବ୍ଦୀ ଧରି ପୁରୁଣା ଧାର୍ମିକ ପରମ୍ପରା ଓ ଆସ୍ଥା ସହ ଜଡ଼ିତ । ସମ୍ପ୍ରତି ସିକାଗୋରେ ଇସ୍କନ ପକ୍ଷରୁ ତିଥି ଓ ନକ୍ଷତ୍ରକୁ ଗୁରୁତ୍ୱ ନ ଦେଇ ରଥଯାତ୍ରା ଆୟୋଜନ କରାଯିବା ସହ ଜୋତା ପିନ୍ଧି ରଥ ଟାଣିବା ଭଳି ଘଟଣା ସନାତନ ପରମ୍ପରା ପ୍ରତି ଅସମ୍ମାନ ବୋଲି ସେ ଅଭିଯୋଗ କରିଛନ୍ତି । ଓଡ଼ିଶା ସରକାର ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ରାଜ୍ୟରେ ଥିବା ଇସ୍କନ ସଂସ୍ଥାଗୁଡ଼ିକ ବିରୋଧରେ ଉପଯୁକ୍ତ ଓ କଠୋର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି ।

## ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ପ୍ରତିବାଦ

# ଦାବିପୂରଣ ନହେଲେ ଜୁଲାଇ ୧ରୁ ସାମୂହିକ ଛୁଟି

**କଟକ,୨୪।୬/ଏନ୍ଏନ୍ଏସ୍:** ମୌଳିକ ସୁବାଧାରୁ ବଂଚିତ ଏବଂ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଓଡିଶା ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ମଧ୍ୟରେ ଦେଖାଦେଇଛି ଘୋର ଅସନ୍ତୋଷ । ପ୍ରତିବାଦ ସ୍ୱରୂପ ରାଜ୍ୟର ସମସ୍ତ ୩୧୭ଗୋଟି ତହସିଲରେ ରେଭିନ୍ୟୁ ଇନ୍ସପେକ୍ଟର(ଆରଆଇ), ଆସିଷ୍ଟାଂଟ ରେଭିନ୍ୟୁ ଇନ୍ସପେକ୍ଟର(ଏଆରଆଇ), ରେଭିନ୍ୟୁ ସୁପରଭାଇଜର (ଆରଏସ) ମାନେ କଳାବ୍ୟାଚ ପିନ୍ଧି 'ମିଶନ୍ ସ୍ୱାଭିମାନ' ଅଧୀନରେ ପ୍ରତିବାଦ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ମୌଳିକ ସୁବିଧା ଭାବେ ବିଦ୍ୟୁତ୍, ଇଂଟରନେଟ୍, ସ୍ଥାୟୀ ଭ୍ରମଣ ଭତା, ଗ୍ରୁପ୍-ଡି ପଦବୀ ପୂରଣ ଏବଂ କ୍ୟାଡର ପୁନର୍ଗଠନ ନହେବା ଯୋଗୁଁ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ବଢ଼ିଚାଲିଛି । କର୍ମଚାରୀଙ୍କ ସଂଖ୍ୟା ନବଢ଼ିବାରୁ କାମ କରୁଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟଭାରର ଚାପ ବହୁ ମାତ୍ରାରେ ବଢ଼ିଚାଲିଛି । ଏହି ସମସ୍ୟାକୁ ନେଇ ବାରମ୍ବାର ସରାକର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଗୋଚର କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଆଜିଠାରୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଆରମ୍ଭ କରାଯାଇଛି ବୋଲି ଓଡିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଏହି କ୍ରମରେ ଆସନ୍ତା ୨୫ ତାରିଖରୁ କର୍ମଚାରୀମାନେ ସମସ୍ତ ଅଫିସିଆଲ ହ୍ୱାଟ୍‌ସଆପ ଗ୍ରୁପ ଛାଡିବେ ଏବଂ ଜୁଲାଇ ୧ ତାରିଖଠାରୁ ଦାବି ପୁରଣ ନହେବା ପର୍ଯ୍ୟନ୍ତ କର୍ମଚାରୀମାନେ ସାମୁହିକ ଛୁଟିରେ ଯିବେ ବୋଲି କଟକ ଜିଲ୍ଲା ସଂଘର ସଭାପତି ସଞ୍ଜୟ କୁମାର ବେହେରା ଓ ସାଧାରଣ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି ।



# କଳାବଜାରୀ: ଗଞ୍ଜାମରୁ ସାର ଆଣୁଛନ୍ତି ସ୍ଥାନୀୟ ଚାଷୀ

**ଓଡ଼ଗାଁ,୨୪।୬/ଏନ୍ଏନ୍ଏସ୍:** ଚଳିତ ବର୍ଷ ସାର ସଂକଟ ଦୂର କରିବାକୁ ସମବାୟ ବିଭାଗ ଅଣ୍ଟା ଭିଡ଼ିଛି ।ଚାଷ କାର୍ଯ୍ୟ ପୂର୍ବରୁ ଅଧିକାଂଶ ପାକ୍ସକୁ ସାର ଯୋଗାଣ କରିଛି କିନ୍ତୁ ସାରଦର ପୂର୍ବ ଭଳି ଆକାଶଛୁଆଁ ଥିବାରୁ ଓଡ଼ଗାଁର ଚାଷୀ ଗଞ୍ଜାମ ଜିଲ୍ଲା ଉପରେ ଭରଷା କରୁଥିବା ଅଭିଯୋଗ ହୋଇଛି । ଏବେଠୁ ସାର ସଂକଟ ଦେଖାଦେଇଥିବାରୁ ଚାଷୀଙ୍କ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ ଗତବର୍ଷ ଓଡ଼ଗାଁରେ ସାର କଳାବଜାରୀ ହେବା ସହିତ ସାରସଂକଟ ଯୋଗୁ ଚାଷକାର୍ଯ୍ୟ ପ୍ରଭାବିତ ହୋଇଥିଲା ।ସାର ପାଇଁ ଚାଷୀ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ଓ ହୋହାଲ୍ଲା କରିଥିଲେ । ଏହାର ଫାଇଦା ଉଠାଇବାକୁ ଯାଇ ଲାଇସେନ୍ସପ୍ରାପ୍ତ ଦୋକାନୀ ୟୁରିଆ ବସ୍ତାପିଛା ୨ଶହ ୭୦ ଟଙ୍କାରୁ ୬ଶହ ଏବଂ ୭ଶହ ଟଙ୍କାରେ ବିକ୍ରି କରିଥିଲେ ।ଏଥିରେ କେବଳ ଚାଷୀ ଶୋଷଣ ହୋଇଥିଲେ ତାହାନୁହଁ ସମବାୟ ବିଭାଗକୁ ବଦନାମ ମୁଣ୍ଡାଇବାକୁ ପଡ଼ିଥିଲା ।ଏହାକୁ ସ୍ୱଚ୍ଛତା ଏବଂ ସମସ୍ୟା ଦୂରକରିବାକୁ ସମବାୟ ବିଭାଗ ଚାଷକାର୍ଯ୍ୟ ପୂର୍ବରୁ ଅନେକ ପାକ୍ସକୁ ସାର ଯୋଗାଣ କରିଛି । ନୟାଗଡ଼ ଜିଲ୍ଲାର ମୋଟ ୮୬ଟି ପାକ୍ସକୁ ସାର ଦିଆଯାଇଥିବା ଏକ ରିପୋର୍ଟରୁ ଜଣାପଡିଛି ।ଏଥିରୁ ଓଡ଼ଗାଁ ବ୍ଲକ୍ ର ୨୮ଟି ପାକ୍ସକୁ ସାର ଦିଆଯାଇଥିବା ବେଳେ ଏପର୍ଯ୍ୟନ୍ତ ୧୪ଟି ପାକ୍ସ ସାର ନେବାକୁ ଆଗ୍ରହ ପ୍ରକାଶ କରିନାହାଁନ୍ତି । ବାଣ୍ଡପୁର ପାକ୍ସକୁ ୟୁରିଆ ଏଚ୍‌ୟୁଆରଏଲ୍ ୧୧.୯୭୦ ଓ ଫର୍ଟିଲାଇଜର ୫୧.୯୭୦ ମେଟ୍ରିକ୍ ଟନ ଆସିଥିବା ଜଣାପଡ଼ିଛି ।ସେହିପରି ବଡ଼ଗୋରଡ଼ା ପାକ୍ସକୁ ୧୨.୧୫୦ ଏଚ୍‌ୟୁଆରଏଲ୍ ଓ ୧୨.୧୫୦ ମେଟ୍ରିକ ଟନ ଫର୍ଟିଲାଇଜର ଦିଆଯାଇଛି । ବାଉଁଶଗାଡ଼ିଆକୁ ୟୁରିଆ ଏଚ୍‌ୟୁଆରଏଲ୍ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ ଫର୍ଟିଲାଇଜର ଦିଆଯାଇଥିବା ବେଳେ ଭାଲିଆଡ଼ିହିକୁ ୟୁରିଆ ଏଚ୍‌ୟୁଆରଏଲ୍ ୯.୯୯୦, ଆଇପିଏଲ ଏସଏସପି ୨୦ ହଜାର ଓ ୨୯.୯୯୦ ମେଟ୍ରିକ୍ ଟନ ଫର୍ଟିଲାଇଜର ଦିଆଯାଇଛି ।ଗୋଡ଼ିପଡ଼ାକୁ ୯.୯୯୦ ୟୁରିଆ ଏଚ୍‌ୟୁଆରଏଲ୍, ୨୫ ହଜାର ଆଇପିଏଲ ଏସଏସପି ଓ ୩୪.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଯୋଗାଣ କରାଯାଇଛି ।ଗୋଲଗାଁକୁ ୯.୯୯୦ ୟୁରିଆ ଏଚ୍‌ୟୁଆରଏଲ୍, ୨୫ ହଜାର ଆଇପିଏଲ ଏସଏସପି ଓ ୩୪ ହଜାର ୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଦିଆଯାଇଛି ।କଜଳାଇପଲ୍ଲୀକୁ ୟୁରିଆ ଏଚ୍‌ୟୁଆରଏଲ୍ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର, କେଶପାନିଆ ପାକ୍ସକୁ ୟୁରିଆ ଏଚ୍‌ୟୁଆରଏଲ୍ ୯.୯୯୦ ଓ ଫର୍ଟିଲାଇଜର ୯.୯୯୦ ମେଟ୍ରିକ୍ ଟନ୍ । ସାକେରୀ ପାକ୍ସକୁ ୯.୯୯୦ ୟୁରିଆ ଏଚ୍‌ୟୁଆରଏଲ୍, ୨୫ ହଜାର ଆଇପିଏଲ ଏସଏସପି ଓ ୩୪.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଦିଆଯାଇଛି । ସୁନାମୁହିଁକୁ ୟୁରିଆ ଏଚ୍‌ୟୁଆରଏଲ୍ ୯.୯୯୦, ଆଇପିଏଲ ଏସଏସପି ୨୫ ହଜାର ଓ ଫର୍ଟିଲାଇଜର ୩୪.୯୯୦ ମେଟ୍ରିକ୍ ଟନ୍ ଦିଆଯାଇଛି । ବିନାୟକପୁରକୁ ୟୁରିଆ ଏନ୍ ଏଫ୍ ଏଲ୍ ୯.୯୯୦ ଓ ଫର୍ଟିଲାଇଜର ୯.୯୯୦ ମେଟ୍ରିକ୍ ଟନ୍ ମିଳିଛି । ବଡ଼ପୁଟକୁ ୟୁରିଆ ଏନ୍ ଏଫ ଏଲ୍ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଦିଆଯାଇଥିବାବେଳେ କୋମଣ୍ଡକୁ ୟୁରିଆ ଏନ୍ ଏଫ ଏଲ ୯.୯୯୦ ଓ ୯.୯୯୦ ଫର୍ଟିଲାଇଜର ମେଟ୍ରିକ୍ ଟନ୍, କଲ୍ୟାଣପୁରକୁ ୟୁରିଆ ଏନ୍ ଏଫ ଏଲ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଯୋଗାଣ କରାଯାଇଛି । କୈବଲ୍ୟପୁରକୁ ୟୁରିଆ ଏନ୍ ଏଫ ଏଲ ୯.୯୯୦ ଓ ଫର୍ଟିଲାଇଜର ୯.୯୯୦ ମେଟ୍ରିକ୍ ଟନ୍, କୁରୁମ ବାଙ୍କତରାକୁ ୟୁରିଆ ଏନ୍ ଏଫ୍ ଏଲ୍ ୯.୯୯୦ ଓ ୯.୯୯୦ ଫର୍ଟିଲାଇଜର ଦିଆଯାଇଛି । ପାଣ୍ଡେରିପଡ଼ାକୁ ୟୁରିଆ ଏନ୍ ଏଫ ଏଲ ୯.୯୯୦ ଓ ଫର୍ଟିଲାଇଜର ୯.୯୯୦ ମେଟ୍ରିକ୍ ଟନ୍, ମଗରବନ୍ଧକୁ ୟୁରିଆ ଏନ୍ ଏଫ୍ ଏଲ୍ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ମିଳିଛି ।ଶରଣକୁଳ ୟୁରିଆ ଏନ୍ ଏଫ୍ ଏଲ୍ ୯.୯୯୦ ଓ ଫର୍ଟିଲାଇଜର ୯.୯୯୦,ଓଡ଼ଗାଁ ଆଇପିଏଲ ଏସଏସପି ୨୦ ହଜାର ଓ ଫର୍ଟିଲାଇଜର ୨୦ ହଜାର ଦିଆଯାଇଛି । ମାଛିପଡ଼ା ପାକ୍ସକୁ ୟୁରିଆ ଏଚ୍‌ୟୁଆରଏଲ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଦିଆଯାଇଛି ।କୋରପିଠାକୁ ୟୁରିଆ ଏଚ୍‌ୟୁଆରଏଲ ୧୧.୯୭୦ ଓ ଫର୍ଟିଲାଇଜର ୭୭.୯୭୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଯୋଗାଣ ହୋଇଥିବା ବେଳେ ହରିହରପୁରକୁ ଏଚ୍‌ୟୁଆରଏଲ ୧୧.୯୭୦ ଓ ୧୧.୯୭୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ଦିଆଯାଇଛି ।ଡ଼ିମିଶରକୁ ଏଚ୍‌ୟୁଆରଏଲ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର,ପଞ୍ଚିରିଡ଼ା ମାନପୁରକୁ ଏଚ୍‌ୟୁଆରଏଲ ୯.୯୯୦ ଓ ୯.୯୯୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ମିଳିଛି ।ପାଟୁଳିସାହିକୁ ଏଚ୍‌ୟୁଆରଏଲ ୯.୯୯୦ ଓ ଫର୍ଟିଲାଇଜର ୯.୯୯୦ ମେଟ୍ରିକ୍ ଟନ୍. ଗୁଣ୍ଡାସାହିକୁ ଏଚ୍‌ୟୁଆରଏଲ ୧୧.୯୭୦ ଓ ୧୧.୯୭୦ ମେଟ୍ରିକ୍ ଟନ୍ ଫର୍ଟିଲାଇଜର ସାର ଯୋଗାଇ ଦିଆଯାଇଥିବା ବେଳେ ବାକି ୧୪ଟି ପାକ୍ସକୁ ସାର ଏ ପର୍ଯ୍ୟନ୍ତ ଦିଆଯାଇନାହିଁ ।ଏବେ ସାର ପାଇଁ ଚାଷୀଙ୍କ ନିଦ ହଜି ଯାଇଛି ।ଆଗକୁ ଚାଷ କାର୍ଯ୍ୟ ହେବା ସମୟକୁ ଧାନ ବିହନ ସହିତ ସାରର ଆବଶ୍ୟକ ରହିଛି । ଏହାସହିତ ମକ୍କା,ବାଦାମ,ପନିପରିବା ଚାଷ ପାଇଁ ସାରର ଆବଶ୍ୟକତା ଥିବାରୁ ସାର ସଂକଟ ଦେଖାଦେଇଛି ।ପାକ୍ସ ଗୁଡ଼ିକରୁ ଠିକରେ ସାର ମିଳୁନଥିବାରୁ ଲାଇସେନ୍ସପ୍ରାପ୍ତ ଏବଂ ଅନ୍ୟ ଦୋକାନୀମାନେ ଚଢା ଦରରେ ସାର ବିକ୍ରି କରୁଛନ୍ତି ।ବସ୍ତାପିଛା ୬ଶହରୁ ଊର୍ଦ୍ଧ୍ୱ ଟଙ୍କା ନେଉଥିବାରୁ ଚାଷୀ ବାଧ ହୋଇ ଗଞ୍ଜାମ ଜିଲ୍ଲା ଉପରେ ଭରଷା କଲେଣି । ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ଅଞ୍ଚଳରୁ ଚାଷୀ ବସ୍ତା ପିଛା ୪ଶହ ଟଙ୍କାରେ କିଣୁଥିବା କହିଛନ୍ତି ।ଗତକାଲି ବାଣ୍ଡପୁର ପାକ୍ସର ଜଣେ ଚାଷୀ ବୁଗୁଡ଼ା ଅଞ୍ଚଳରୁ ଅଟୋ ଯୋଗେ ୟୁରିଆ ସାର ଆଣିଥିବା କହିଛନ୍ତି ।ସେ କହିଛନ୍ତି ଓଡ଼ଗାଁରେ ସାର କଳାବଜାରୀ ଦେଖାଦେଇଛି । ତେଣୁ ଆମେ ବୁଗୁଡ଼ାରୁ ସାର ଆଣିବାକୁ ପଡୁଛି କହି ଅସନ୍ତୋଷ ପ୍ରକାଶ କରିଛନ୍ତି । ଯଦି ଚଳିତବର୍ଷ ସାର କଳାବଜାରୀ ହୁଏ ତେବେ ଚାଷୀ ଚାଷ କାର୍ଯ୍ୟ ବିଗିଡ଼ିବା ସହିତ କ୍ଷତି ସହିବାକୁ ପଡ଼ିବ ବୋଲି କହିଛନ୍ତି । ଏ ସଂପର୍କରେ ସମବାୟ ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ ଆମେ ଅଧିକାଂଶ ପାକ୍ସକୁ ସାର ଯୋଗାଇ ଦେଇଛୁ ।ଯଦି କେ ?ଣସି ପାକ୍ସ କଳାବଜାରୀ କରେ ତାହା ଆମନଜରକୁ ଆସେ ଆମେ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସମସ୍ତ ପାକ୍ସ କର୍ମଚାରୀଙ୍କୁ ତାଗିଦ୍ କରି ଚେତାବନୀ ଦେଇଛନ୍ତି ।

## ଚାମେଲୀ ଓଝାଙ୍କୁ ନିର୍ଯାତନା ଘଟଣା

# ହାଇକୋର୍ଟରୁ ଆବେଦନ ପ୍ରତ୍ୟାହୃତ

**କଟକ,୨୪।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କୁ ନିର୍ଯାତନା ଘଟଣାରେ ସଂପୃକ୍ତ ଥାନା ଅଧିକାରୀ ଓ ବିଡିଓଙ୍କୁ ବହିଷ୍କାର କରିବାକୁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ରୁଜୁ ହୋଇଥିବା ମାମଲାକୁ ଆଜି ଆବେଦନକାରୀ ପ୍ରତ୍ୟାହାର କରିଛନ୍ତି । ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠରେ ମାମଲାର ଶୁଣାଣିବେଳେ ଆବେଦନକାରୀ ଭାରତୀୟ ବିକାଶ ପରିଷଦ ସଂଗଠନର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ମାମଲାକୁ ପ୍ରତ୍ୟାହାର କରିଛନ୍ତି । ମାମଲାର ସତ୍ୟାସତ୍ୟ ସମ୍ପର୍କିତ ତଥ୍ୟ ଦାଖଲ ସମ୍ପର୍କରେ ଅଦାଲତ ଜାଣିବାକୁ ଚାହିଁବାରୁ ଆବେଦନକାରୀ ଏପରି କରିଛନ୍ତି । ସୂଚନାଥାଉକି କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କୁ ନିର୍ଯାତନା ଘଟଣାରେ ମୁଖ୍ୟ ଅପରାଧୀ ସଂପୃକ୍ତ ମହାକାଳପଡା ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଓ ବିଡିଓ ରବି ନାରାୟଣ ଆଚାର୍ଯ୍ୟଙ୍କୁ ବହିଷ୍କାର କରିବାକୁ ଶ୍ରୀ ପାଣିଗ୍ରାହୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଲେଟର୍ ପିଟିସନ୍ ଦାଖଲ କରାଯାଇଥିଲା । ଆବେଦନକାରୀଙ୍କ ପକ୍ଷରୁ ଦାଖଲ ଲେଟର୍ ପିଟିସନ୍‌ରେ ସଂପୃକ୍ତ ଥାନା ଅଧିକାରୀ ଓ ବିଡିଓ ରବିଙ୍କୁ ବହିଷ୍କାର କରିବାକୁ ମୁଖ୍ୟ ବିଚାରପତି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା । ଏହି ପତ୍ରର ଏକକିତା ନକଲ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ପ୍ରମୁଖଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ



**ମଧୁବାବୁ ପେନ୍‌ସନ୍ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରାଯାଉ: ସିଏମ୍**

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ ବୁଧବାର ଲୋକ ସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ରାଜ୍ୟରେ ସାମାଜିକ ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ସାମାଜିକ କଲ୍ୟାଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ କରାଯାଉଥିବା ସମସ୍ତ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଓଡ଼ିଶାରେ ସାମାଜିକ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରି ମଧୁବାବୁ ପେନସନ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅଧିକ ୫ କିଲୋ ଚାଉଳ ଯୋଗାଇଦେବା ଆଦି ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ ।

**ଓଡ଼ିଶା ଗସ୍ତରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ**

# ସାମାଜିକ ନ୍ୟାୟ ଓ ସଶକ୍ତିକରଣ କ୍ଷେତ୍ରର ବିଭିନ୍ନ ଯୋଜନାର ସମୀକ୍ଷା

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ବୁଧବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିଛନ୍ତି କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ରାମଦାସ ଆଠୱାଲେ । ଏହି ଗସ୍ତ ସମୟରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ବିଏମସିର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଛନ୍ତି ।

ସମୀକ୍ଷା ବୈଠକରେ ଅନୁସୂଚିତ ଜାତି, ଓବିସିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଆଲୋଚନା କରି ଛାତ୍ରବୃତ୍ତି, ଉଚ୍ଚ ଶିକ୍ଷା ଓ ଚାକିରିରେ ସଂରକ୍ଷଣ ସମ୍ପର୍କରେ ପଚାରିବୁଝିଥିଲେ ରାଷ୍ଟ୍ରମନ୍ତ୍ରୀ । ନିକଟରେ ଅନୁସୂଚିତ ଜନଜାତିଙ୍କ ସଂରକ୍ଷଣ ହାର ୨୨.୫ % କୁ, ଅନୁସୂଚିତ ଜାତିଙ୍କ ସଂରକ୍ଷଣ ହାର ୧୬.୨୫% କୁ ବୃଦ୍ଧି କରିବା ସହ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଏହି ଶିକ୍ଷା ବର୍ଷଠାରୁ ଲାଗୁ କରାଯାଇଛି । ରାଜ୍ୟ ସରକାରଙ୍କ ଏହି ପ୍ରୟାସ ବିଷୟରେ ଜାଣି ସେ ଖୁସି ବ୍ୟକ୍ତ କରିଛନ୍ତି ।

ସେହିପରି ଜନଆକ୍ରୋସର ଶିକାର ହେଉଥିବା ପୀଡ଼ିତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ନେଇ ସେ ଖୁସି ବ୍ୟକ୍ତ କରିଥିଲେ । ବର୍ତ୍ତମାନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗ ନିଜର ଅଧିକାର ସମ୍ପର୍କରେ ଅଧିକ ସଚେତନ ହେଉଥିବା ନେଇ ସୂଚନା ଦେଇଥିଲେ । ରାଜ୍ୟରେ ଆନ୍ତଃଜାତି ବିବାହିତ ଦମ୍ପତ୍ତିଙ୍କୁ କେନ୍ଦ୍ର ସରକାରଙ୍କ ସହାୟତାକ୍ରମେ ୨.୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୪,୯୫୮ ଦମ୍ପତ୍ତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା ।

ଏଥିସହ ଭିନ୍ନକ୍ଷମଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ର ସରକାରଙ୍କ ପେନସନ୍ ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାୟ ୯୦, ୨୮୩ ଭିନ୍ନକ୍ଷମଙ୍କୁ ପେନସନ୍ ଦିଆଯାଉଥିବା ସୂଚନା ଦିଆଯାଇଥିଲା । ଏଥିସହ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ବିଦ୍ୟାଳୟ ଓ ସଂରକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏଥିସହ ଭିନ୍ନକ୍ଷମ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ସେମାନଙ୍କୁ ପ୍ରାରମ୍ଭିକ ସହାୟତା ଯୋଗାଇଦେବା ବିଷୟରେ ଗୁରୁତ୍ୱ ଦେଇଥିଲେ ରାଷ୍ଟ୍ରମନ୍ତ୍ରୀ ।

ବୈଠକରେ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଓବିସି ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ବିଏମସିର ଅତିରିକ୍ତ ଆୟୁକ୍ତ ସସ୍ମିତା ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଗୀତାଞ୍ଜଳି ନାଏକ, ମଧୁସ୍ମିତା ସାମଲ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା



ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ । ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ ।

ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା । ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ, ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ । ଦୀନହୀନ ଅବସ୍ଥାରେ କାଳାତିପାତ କରୁଥିବା ଚାଷୀମୂଲିଆଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଥିଲେ । କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା ।

## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହିଞ୍ଜିଳିକାଟୁ,୨୪।୬/ଏନ୍‌ଏନ୍‌ଏସ୍:** ହିଞ୍ଜିଳି ଥାନା ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ବାଳିକା ହଷ୍ଟେଲରେ ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତ ଛାତ୍ରୀ ଜଣକ ହେଲେ ତୋଟାପଡା ବେଗୁନିଆପଡାର ବର୍ଷା ଦାସ (୧୪) । ସୂଚନା ଅନୁଯାୟୀ ହଷ୍ଟେଲରେ କେହି ନଥିବା ସମୟରେ ବର୍ଷା ଓଢଣି ସାହାଯ୍ୟରେ ଫାଶୀ ଲଗାଇଥିବା ଜଣାପଡ଼ିଛି । ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ହଷ୍ଟେଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ତେବେ କେଉଁ କାରଣରୁ ଛାତ୍ରୀ ଏପରି ପଦକ୍ଷେପ ନେଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଥିବାବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ବଜ୍ରାଘାତରେ ମହିଳା ମୃତ

**ଦିଗପହଣ୍ଡି,୨୪।୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ମାଗୁର ଆମ୍ବଠା ଗ୍ରାମ ନିକଟ ଚାଷ ଜମିରେ କାମ କରୁଥିବା ବେଳେ ବୁଧବାର ଅପରାହ୍ଣ ପ୍ରାୟ ସାଢେ ୪ ଟାରେ ବଜ୍ରପାତ ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଏରେନଡ୍ରା ପଞ୍ଚାୟତ ଡ଼ି.ଆମ୍ବଠା ଗ୍ରାମର ଧିରୁ ନାହାକଙ୍କ ସ୍ତ୍ରୀ ନମିତା ନାହାକ(୪୦) । ଆଖପାଖ ଜମିରେ କାମକରୁଥିବା କୃଷି ଶ୍ରମିକମାନେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସାହାସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ବାହନ ଦାସ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପାଟପୁର ଥାନା ପୁଲିସ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି ।

## ବିଜେଡିରେ ମିଶିପାରନ୍ତି ସୁଜାତା

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ ଗୁରୁବାର ବଡ଼ ଘୋଷଣା କରିପାରନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ବିଜେଡିରେ ମିଶିପାରନ୍ତି ପୂର୍ବତନ ଆଇଏଏସ ଅଧିକାରୀ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ । ସେ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ଏହି ପରିପ୍ରେକ୍ଷୀରେ ବୁଧବାର ନବୀନ ନିବାସରେ ବିଜେଡିର କିଛି ପ୍ରମୁଖ ନେତାଙ୍କୁ ନେଇ ଏକ ବଡ଼ ବୈଠକ ହୋଇଥିଲା । ଶଙ୍ଖ ଭବନରେ ଗୁରୁବାର ଦିନ ସାଢ଼େ ୧୨ଟାରେ ନବୀନ ବୈଠକ ଡାକିଛନ୍ତି । ଏଥିରେ ଉପସ୍ଥିତ ରହିବାକୁ ଦଳର ସମସ୍ତ ବିଧାୟକ ଓ ନେତାମାନଙ୍କୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ସୁଜାତା ନିଜେ ଶଙ୍ଖ ଭବନରେ ଉପସ୍ଥିତ ରହି ବିଜେଡି ସଦସ୍ୟତା ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି ।



ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଲା ରଥ ଦଉଡ଼ି...

**ଅରଣ୍ୟ ଭବନରେ 'କେନ୍ଦୁପତ୍ର ଚିନ୍ତନ ଶିବିର-୨୦୨୬'**

## ଆଗାମୀ ଦିନରେ ରାଜ୍ୟରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ କେନ୍ଦୁପତ୍ର କାର୍ଯ୍ୟକଳାପର ସଫଳତା, କ୍ଷେତ୍ରସ୍ତରରେ ଗ୍ରହଣ କରାଯାଇଥିବା ନବୀନ ପଦକ୍ଷେପ ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିବା ଉଦ୍ଦେଶ୍ୟରେ ବୁଧବାରଭୁବନେଶ୍ୱରସ୍ଥିତ ଅରଣ୍ୟ ଭବନର ଷଷ୍ଠ ମହଲା ସମ୍ମିଳନୀ କକ୍ଷରେ 'କେନ୍ଦୁପତ୍ର ଚିନ୍ତନ ଶିବିର-୨୦୨୬' ଆୟୋଜିତ ହୋଇଯାଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କ ଅଧକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ଶର୍ମା କହିଥିଲେ ଯେ, ଆଗାମୀ ଦିନରେ ବିଭିନ୍ନ ପ୍ରକଳ୍ପକୁ ଆମନ୍ତ୍ରଣ କରି ରାଜ୍ୟରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ । କେନ୍ଦୁପତ୍ର କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ପାଇଁ ବ୍ୟାପକ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏହି ଅବସରରେ ଓଡ଼ିଶାରେ କେନ୍ଦୁପତ୍ର କାର୍ଯ୍ୟକଳାପର ସଫଳତା ଓ ଏହାର ସାମାଜିକ-ଆର୍ଥିକ ପ୍ରଭାବ ଉପରେ ଆଧାରିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଏଥିରେ କେନ୍ଦୁପତ୍ର କାର୍ଯ୍ୟକଳାପ ମାଧ୍ୟମରେ ଜୀବିକା ସୃଷ୍ଟି, ଗ୍ରାମୀଣ ବିକାଶ ଏବଂ ହିତାଧିକାରୀଙ୍କ



କଲ୍ୟାଣ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅବଦାନକୁ ଉପସ୍ଥାପିତ କରାଯାଇଥିଲା । କେନ୍ଦୁପତ୍ର ପରିଚାଳନାରେ ନବୀନ ପଦକ୍ଷେପ ସମ୍ପର୍କିତ ଅନୁଭୂତି ବିନିମୟ ଅଧିବେଶନରେ ବଲାଙ୍ଗୀର (କେଏଲ୍) ବିଭାଗର ସହକାରୀ ବନ ସଂରକ୍ଷକ ଏବଂ ବୌଦ୍ଧ (କେଏଲ୍), ଭବାନୀପାଟଣା (କେଏଲ୍) ଓ ରାଉରକେଲା (କେଏଲ୍) ଡିଭିଜନର ବନଖଣ୍ଡ ଅଧିକାରୀମାନେ ନିଜ ନିଜ ବିଭାଗରେ ଗ୍ରହଣ କରାଯାଇଥିବା ସଫଳ ହସ୍ତକ୍ଷେପ, ଉତ୍ତମ ପଦ୍ଧତି ଓ ନବୀନ ଉଦ୍ୟମ ସମ୍ପର୍କରେ ଉପସ୍ଥାପନା କରିଥିଲେ । କେନ୍ଦୁପତ୍ର କାର୍ଯ୍ୟକଳାପର ଉଲ୍ଲେଖନୀୟ ଅବଦାନ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ୧୮ ଜଣ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ,

**୧୮ କ୍ଷେତ୍ରସ୍ତରୀୟ କର୍ମଚାରୀ ସମ୍ମାନିତ**

ଓଡ଼ିଶା, ଡ. କେ ମୁରୁଗେସନ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀ ଯୋଗଦେଇଥିଲେ । ସେମାନେ ନିଜ ଅଭିଭାଷଣରେ କେନ୍ଦୁପତ୍ର କାର୍ଯ୍ୟକଳାପକୁ ଅଧିକ ରାଜସ୍ୱ ଆଦାୟ କରିବା ସହ କେନ୍ଦୁପତ୍ରର ଗୁଣବତ୍ତା ଏବଂ ପରିମାଣାତ୍ମକ ଉତ୍ପାଦନ ବୃଦ୍ଧି କରିବା ପାଇଁ ଆଗାମୀ ଫସଲରେ ସର୍ବୋତ୍ତମ ପ୍ରଦର୍ଶନ କରିବାକୁ କହିଥିଲେ ।

**ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ସେବା ପାଇଁ ସମନ୍ୱୟ ବୈଠକ**

# ଘରୋଇ ବସ୍ ସଂଖ୍ୟା ଦୁଇଗୁଣା କରିବାକୁ ଲକ୍ଷ୍ୟ

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଆରଟିଓ, ଭୁବନେଶ୍ୱର-୧ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଭର୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ । ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ । ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ । ରଥଯାତ୍ରାର ପୂର୍ବ ଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ




ପରମିଟ୍ ମିଳିପାରିବ । ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ । ଏବେ ପୁରୀକୁ ପ୍ରତିଦିନ ପ୍ରାୟ ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିଭଳି ପୁରୀକୁ ଓଏସଆରଟିସି ଏବଂ କ୍ରୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ । ବସରେ କୌଣସି ଯାତ୍ରୀ ଅସୁସ୍ଥ ହେଲେ ତୁରନ୍ତ ସହାୟତା ପ୍ରଦାନ ପାଇଁ ସମସ୍ତ ବସରେ ପ୍ରାଥମିକ ଚିକିତ୍ସା କିଟ୍ ରଖାଯିବ । ପ୍ରମୁଖ ବସ୍ ଟର୍ମିନାଲ, ବସ୍ ଷ୍ଟପ୍ ଏବଂ ବସ୍‌ଗୁଡ଼ିକରେ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ଓ ଓଆରଏସ ପ୍ୟାକେଟ୍ ବ୍ୟବସ୍ଥା କରାଯିବ । ରଥଯାତ୍ରା ସମୟରେ ପୁରୀଠାରେ

**ତାଳବଣିଆରେ ଶ୍ରଦ୍ଧାଳୁଙ୍କୁ ଦିଆଯିବ ନିଃଶୁଳ୍କ ରନ୍ଧା ଖାଦ୍ୟ**

**ମାଳତୀପାଟପୁରରୁ ପ୍ରଦାନ କରାଯିବ ନିଃଶୁଳ୍କ ସଟଲ୍ ସର୍ଭିସ୍**

ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ । ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ । ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ । ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି । ପୁରୀର ତାଳବଣିଆଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳ ଏବଂ ବିଦ୍ୟୁତ ସୁବିଧା ଥାଇ ବିଶ୍ରାମ ଗୃହ ନିର୍ମାଣ କରାଯିବ । ଏହା ସହ ନିଃଶୁଳ୍କ ରନ୍ଧା ଖାଦ୍ୟ ପ୍ରଦାନ କରାଯିବ । ସେହିଭଳି ମାଳତୀପାଟପୁରରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ବ୍ୟବସ୍ଥା କରାଯିବ । ଅନ୍ୟ ରାଜ୍ୟର ବସ୍‌ଗୁଡ଼ିକ ମାଳତୀପାଟପୁରଠାରେ ଅଟକିବା ପାଇଁ ବ୍ୟବସ୍ଥା ହେବ ଏବଂ ସେଠାରୁ ଶ୍ରଦ୍ଧାଳୁଙ୍କ ପାଇଁ ନିଃଶୁଳ୍କ ସଟଲ୍ ସର୍ଭିସ୍ ପ୍ରଦାନ କରାଯିବ । ସେହିଭଳି ତାଳବଣିଆ ଓ ଅନ୍ୟ ପ୍ରମୁଖ ପାର୍କିଂ ସ୍ଥାନରୁ ନିଃଶୁଳ୍କ ଇ-ରିକ୍ସା ସୁବିଧା ପରିବହନ ବିଭାଗ ଦ୍ୱାରା କରାଯିବ । ଏଥିପାଇଁ ୪୫୦ଟି ଇ-ରିକ୍ସା ନିୟୋଜିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରତି ବସରେ ଭଡ଼ା ଚାର୍ଟ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି । କୌଣସି ବସ୍ ଯେପରି ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ଆଦାୟ ନ କରନ୍ତି, ସେଥିପାଇଁ ପରିବହନ ବିଭାଗ ସହ ବସ୍ ମାଲିକ ସଂଘ ମଧ୍ୟ କଡ଼ା ଦୃଷ୍ଟି ଦେବେ । ସେହିଭଳି ପୁରୀରେ ଅଟୋ ରିକ୍ସା ଭଡ଼ା ପ୍ରତି ମଧ୍ୟ ଆରଟିଓ ଦୃଷ୍ଟି ଦେବେ । ଯାତ୍ରୀମାନେ ଯେପରି କୌଣସି ପ୍ରକାର ଶୋଷଣର ଶିକାର ନ ହୁଅନ୍ତି, ତାହା ସର୍ବାଧିକ ପ୍ରାଥମିକତାରେ ରହିବ । ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱରରୁ ପୁରୀ ରାସ୍ତାରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ରେନ୍ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ । ଏଥିପାଇଁ ପୁଲିସ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ନିରନ୍ତର ସମନ୍ୱୟ ରହିବ । ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ସୁନିଶ୍ଚିତ କରାଯିବ । ରଥଯାତ୍ରା ସମୟରେ ଭୁବନେଶ୍ୱର-ପୁରୀ ଏବଂ ପୁରୀ-କୋଣାର୍କ ରାଜପଥରେ ଯଦି କୌଣସି ଗାଡ଼ି ଖରାପ ହୁଏ, ତେବେ ତୁରନ୍ତ ମରାମତି ସେବା ଯୋଗାଇଦେବା ପାଇଁ ଗାଡ଼ି ନିର୍ମାତା ଓ ଡିଲରମାନଙ୍କୁ କୁହାଯାଇଛି । କିଛି ମୁଖ୍ୟ ସ୍ଥାନମାନଙ୍କରେ ଗାଡ଼ି ନିର୍ମାତା ଓ ଡିଲରମାନେ ସହାୟତା କ୍ୟାମ୍ପ ସ୍ଥାପନ କରିବେ । ରଥଯାତ୍ରା ସମୟରେ ବସ୍‌ଗୁଡ଼ିକରେ ସଡ଼କ ସୁରକ୍ଷା ବାର୍ତ୍ତା ସହିତ ବସ୍ ପରିଚାଳକଙ୍କ ଯୋଗାଯୋଗ ନମ୍ବର ପ୍ରଦର୍ଶିତ କରାଯିବ, ଏହାଦ୍ୱାରା ଯାତ୍ରୀମାନେ ଯୋଗାଯୋଗ କରି ଡ୍ରାଇଭରଙ୍କ ଗାଡ଼ି ଚାଳନା ବିଷୟରେ ନିଜର ମତାମତ ବା ଅଭିଯୋଗ ଜଣାଇ ପାରିବେ । ରଥଯାତ୍ରା ପାଇଁ ଟ୍ରାଫିକ କଟକଣା ଏବଂ ନିୟମାବଳୀ ଜନସାଧାରଣଙ୍କ ଅବଗତି ନିମନ୍ତେ ସୋସିଆଲ ମିଡିଆ, ଏଫଏମ୍ ରେଡିଓ ଏବଂ ସମ୍ବାଦପତ୍ର ମାଧ୍ୟମରେ ସୂଚନା ଦିଆଯିବ । କିଭଳି ଘରୋଇ ଏବଂ ସରକାରୀ ବସ୍ ମଧ୍ୟରେ ସମନ୍ୱୟ ରକ୍ଷା ହୋଇ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ସୁଗମ ପରିବହନ ବ୍ୟବସ୍ଥା ପ୍ରଦାନ ହେବ, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

**ଓଡ଼ିଶା କୃଷିରେ ମହିଳାଙ୍କ ସଶକ୍ତିକରଣ ସମ୍ପର୍କିତ କର୍ମଶାଳା**

## 'ମହିଳା ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଜରୁରୀ'

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର କୃଷି କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଓ ଅଧିକାରକୁ ଅଧିକ ମଜଭୁତ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଓ ଗବେଷଣା ପ୍ରତିଷ୍ଠାନ ମିଳିତ ଭାବେ ଭୁବନେଶ୍ୱରଠାରେ ଏକ ଦୁଇଦିନିଆ ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷଣ କର୍ମଶାଳାର ଆୟୋଜନ କରିଥିଲେ ।

ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି 'ଲିଙ୍ଗଗତ-ସମ୍ବେଦନଶୀଳ କକ୍ଷ' ମାଧ୍ୟମରେ କୃଷି ନୀତିରେ ମହିଳା ଚାଷୀମାନଙ୍କୁ ସମାନ ସୁଯୋଗ ଓ ଗୁରୁତ୍ୱ ପ୍ରଦାନ କରିବା । ସଚିନ ରାମଚନ୍ଦ୍ର ଜାଧବ, କୃଷି ସଚିବ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଥିଲେ ଯେ, କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନକୁ କେବଳ ସାଂସ୍କୃତିକ ଦୃଷ୍ଟିକୋଣରୁ ଦେଖିଲେ ହେବନାହିଁ । ଏଥିପାଇଁ ସରକାରୀ ନୀତି ଏବଂ ପ୍ରଶାସନିକ ସ୍ତରରେ ବଡ଼ ପରିବର୍ତ୍ତନ ଆଣିବାକୁ ହେବ ।

ମହିଳା ଚାଷୀଙ୍କ ସଠିକ୍ ତଥ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଜରୁରୀ । ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଶାସନ ସଚିବ କହିଛନ୍ତି ଯେ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ଆଗକୁ ବଢ଼ାଇବା ପାଇଁ ପ୍ରମାଣ-ଆଧାରିତ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଭଳି ନୂଆ ନୀତିର ଆବଶ୍ୟକତା ରହିଛି । ଏହି ଦୁଇ ଦିନ ମଧ୍ୟରେ ଅଧିକାରୀମାନଙ୍କୁ କୃଷି ଯୋଜନାରେ ମହିଳାମାନଙ୍କ ପାଇଁ କେମିତି ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା ହୋଇଥିଲା । ମହିଳା ଚାଷୀମାନଙ୍କୁ କିପରି ଡିଜିଟାଲ ଜ୍ଞାନକୌଶଳ ଓ ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ାଯାଇପାରିବ, ସରକାରୀ ତଥ୍ୟ ଏବଂ କମ୍ପ୍ୟୁଟର ସଫ୍ଟୱେର୍ ବ୍ୟବହାର କରି ମହିଳା ଚାଷୀଙ୍କ ସମସ୍ୟା ଓ ପ୍ରଗତିର ଆକଳନ କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କର୍ମଶାଳାରେ କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ । ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ଏବେ ଦେଶରେ କୃଷି କ୍ଷେତ୍ରରେ ସମାନତା ଓ ମହିଳା ସଶକ୍ତିକରଣ ଆଣିବାରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ । ମହିଳା ଚାଷୀମାନେ ସରକାରଙ୍କ ଯୋଜନାରୁ ସିଧାସଳଖ ସୁଫଳ ପାଇପାରିବେ ।

## ବର୍ଷା ଆରମ୍ଭରେ ସାଧବ ବୋହୂଙ୍କ ଆବିର୍ଭାବ

**ବାଲିଗୁଡା, ୨୪।୬/ଏନ୍ଏନ୍ଏସ୍:** "ଗ୍ରୀଷ୍ମ ଋତୁ ସରିଲା, ବର୍ଷା ଋତୁ ଆସିଲା ସାଧବ ବୋହୂ ଦିଶିଲା'' । 'ସାଧବ ବୋହୁ ଲୋ ସାଧବ ବୋହୂ.. ସବୁଜ ଓଢଣୀ କାହିଁକି ଦେଉ"। କନ୍ଧମାଳ ଜିଲ୍ଲାର ବାଲିଗୁଡା ତଥା ଏହାର ଆଖ ପାଖ ଅଞ୍ଚଳରେ ଦୁଇଦିନ ହେଲା ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ପ୍ରବଳ ଖରା ଓ ଗରମ ସହ ଗୁଳୁଗୁଳି ହେଉଥିବା ବେଳେ ଅପରାହ୍ନ ପରେ ପରେ ମେଘୁଆ ପାଗ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ସାମାନ୍ୟରୁ ଅତି ପ୍ରବଳ ବର୍ଷା ହେଉଛି।



ଏହି ବର୍ଷା ସହ ଓଦା ମାଟିକୁ ଦେଖି ସାଧବବୋହୂମାନେ ସାଧାରଣତଃ ବଗିଚା, ବିଲହିଡ, ଘାସପଡିଆ ଓ ଘାସ ହୋଇଥିବା ସ୍ଥାନ ମାନଙ୍କରେ ଦେଖାଯାଇଥାନ୍ତି। ଏହା ସନ୍ଧିପଦ ଜାତୀୟ ପୋକ ଅଟେ। ଏହି ସାଧବ ବୋହୂ ନାଲି ରଙ୍ଗର ହୋଇଥାଏ। ଏହି ଜୀବଟି ଘାସ ଓ ମାଟି ଉପରେ ଜୋର୍‌ରେ ଚାଲିଥାଏ। ଦେଖିବାକୁ ଭାରି ସୁନ୍ଦର ଓ ମନୋରମ ଲାଗିଥାଏ। ପାଣି ଓ ମାଟିର ମିଳନରେ ସୃଷ୍ଟି ହୋଇଥାଏ ଏହି ସୁନ୍ଦର ଜୀବ ସାଧବ ବୋହୂ। ଆଷାଢ ମାସର ପ୍ରଥମ ବର୍ଷାରେ ବେଶ ଶୋଭାପାଏ ଲାଲରଙ୍ଗର ଟୁକ ଟୁକୁ ସାଧବ ବୋହୂ। ଏହି ସାଧବ ବୋହୁ ପ୍ରାୟତଃ ସମସ୍ତ ଅଞ୍ଚଳରେ ଦେଖାଯାଇଥାନ୍ତି। କିନ୍ତୁ ବିଭିନ୍ନ ରାଜ୍ୟରେ ସାଧବ ବୋହୂକୁ ଭିନ୍ନ ଭିନ୍ନ ନାମରେ ଜଣାଶୁଣା। ଏହି କୁନି ଜୀବଟି କେଉଁଠି ବୀରବାହୁଟି, କେଉଁଠି ରାନୀକିଡା, ସ୍କାଲେଟ ଫ୍ଲାଏ, ଆଉ କେଉଁଠି ରେନ ବଗ ବୋଲି କୁହାଯାଏ। ବର୍ତ୍ତମାନ ସମୟରେ ଏହି ସାଧବ ବୋହୂ ପ୍ରାୟତଃ ସବୁ ସ୍ଥାନରେ ଦେଖାଯାଉ ନାହାନ୍ତି। ଯାହା କିଛି କମ ପରିମାଣରେ ଦେଖିବାକୁ ମିଳୁଛି। ସାର, କୀଟନାଶକ, ବିଭିନ୍ନ ସ୍ଥାନରେ କଂକ୍ରିଟ, କାଟି ନଷ୍ଟ କରିବା ଓ ଅସ୍ୱାଭାବିକ ପରିବେଶ ପ୍ରଦୂଷଣ ଯୋଗୁଁ ଏ ସମସ୍ତ ପାଇଁ ଏମାନଙ୍କର ବଂଶ ଲୋପ ପାଇବାକୁ ଯାଉଛି।

# 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଆସିକା,୨୪।୬/ଏନ୍ଏନ୍ଏସ୍:** ଓଡିଶା ସରକାରଙ୍କ ସଫଳତାର ଦୁଇ ବର୍ଷ ପୂର୍ତ୍ତି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପରାମର୍ଶକ୍ରମେ ସ୍ଥାନୀୟ ତାଲୁକା ଛକ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଚାଲିଥିବା ଆସିକା ବ୍ଲକସ୍ତରୀୟ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଆସିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢୀ ଯୋଗ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଓ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ମହିଳା ସଶକ୍ତିକରଣ କ୍ଷେତ୍ରରେ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା, ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଏକିକୃତ ଯୋଜନା, ଲକ୍ଷ୍ୟପତି ଦିଦି ଯୋଜନା, ଆୟୁଷ୍ମାନ୍ ଭାରତ ଯୋଜନା, ଦକ୍ଷତା ବିକାଶ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୁଷ୍ଟି ଯୋଜନା ଭଳି ଅନେକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ବିକାଶମୂଳକ ଯୋଜନାର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ୨୦୩୬ ମସିହା ସୁଦ୍ଧା ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ହୋଇସାରିଥିଲା ବେଳେ ଗତ ୨ ବର୍ଷ ମଧ୍ୟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗ୍ରାମୀଣ ସଡକ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ଅନେକ ଜନମଙ୍ଗଳକାରୀ ପଦକ୍ଷେପ ଗ୍ରହଣ କରାଯାଇସାରିଛି ବୋଲି ପ୍ରକାଶ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅମରେଶ୍ ସାବତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ସମନ୍ୱିତ ଶିଶୁବିକାଶ ଅଧିକାରିଣୀ ଶାନ୍ତିକରସୁଧା ପଟ୍ଟନାୟକ, ଯୋଗାଣ ନୀରିକ୍ଷକ ସର୍ମିଷ୍ଠା ଦଳବେହେରାଙ୍କ ସମେତ ବିଭିନ୍ନ ବିଭାଗର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମାଜସସେବୀ ନିରଞ୍ଜନ ମହାନ୍ତି, ବିଜୟ କୁମାର ସ୍ୱାଇଁ, ନାରାୟଣ ସ୍ୱାଇଁ, ଦୈତାରୀ ବେହେରା, ବିଜୟ କୁମାର ନାହାକଙ୍କ ସମେତ ବହୁ ସଚେତନ ନାଗରିକ, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଶାସନ ପକ୍ଷରୁ ୩୦ ବାସହୀନ ପରିବାରବର୍ଗଙ୍କୁ ପଟ୍ଟା ବଣ୍ଟନ, ୩୦ଟି ଲକ୍ଷପତି ଦିଦି ମହିଳା ଗୋଷ୍ଠୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତା, ୩୫ ଜଣ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ, ମୁଖ୍ୟମନ୍ତ୍ରୀ ଅନ୍ନପୁଷ୍ଟି ଯୋଜନାରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସିଡିପିଓ କାର୍ଯ୍ୟାଳୟର ବିପିସି କିରଣ କୁମାର ସାହୁ, ଆସିକା ବ୍ଲକ କର୍ମଚାରୀ ସୁନିଲ୍ କୁମାର ମିଶ୍ର, ଦେବେନ୍ଦ୍ର ପାତ୍ର, ପ୍ରିୟମ୍ବଦା କହଁର, ବାବୁରାମ ନାୟକ, ଅନିତା ମହାରଣା, ପରମେଶ୍ୱର ମଳିକ, କୃଷ୍ଣ ପାତ୍ର, ସୁକାନ୍ତ କୁମାର ନାୟକ, ସୁଶାନ୍ତ କୁମାର ଭୂୟାଁ, ସୌଭାଗ୍ୟ ମହାପାତ୍ର, ବିଭୁପ୍ରସାଦ ଦାଶ, ଗୌରହର ପୋଲାଇ, ଗଗନ ପ୍ରଧାନ, ସଂଜୟ ପ୍ରଧାନ, ବିଦ୍ୟାଧର ସେଠୀଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।




**ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

# ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମ୍ବର୍ଦ୍ଧନା ଉତ୍ସବ

**ବ୍ରହ୍ମପୁର, ୨୪।୬/ଏନ୍ଏନ୍ଏସ୍:** ସ୍ଥାନୀୟ ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବଦ୍ୟାଳୟ ପରିସରରେ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଅଧକ୍ଷ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଚାଳନା ସମିତିର ସଭାପତି ଡ. ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଯୋଗ ଦେଇ ଶିଶୁମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ ଦେଶ ମାତୃକାର ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଡ. କୁଳମଣି ଓଝା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରାକୁ ସର୍ବଦା ବଜାୟ ରଖି ଉନ୍ନତିର ଉଚ୍ଚତର ସୋପାନରେ ପହଞ୍ଚିବାକୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଚଳିତ ଶିକ୍ଷାବର୍ଷ ଯୁକ୍ତ ୨ ବିଜ୍ଞାନ ବୋର୍ଡ ପରୀକ୍ଷାରେ ରାଜ୍ୟରେ ଷଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ର ଶାନ୍ତନୁ କୁମାର ସାହୁ, ସପ୍ତମ ସ୍ଥାନରେ ଥିବା ଛାତ୍ର ଅନିମେଶ ପାତ୍ର, ଅଷ୍ଟମ ସ୍ଥାନରେ ଥିବା ଛାତ୍ରୀ ଅପର୍ଣ୍ଣା ଆଚାରୀ, ରାଜ୍ୟରେ ନବମ ସ୍ଥାନ ରଖିଥିବା ଛାତ୍ରୀ ପି. ସ୍ମୃତିମୟୀ ପାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଯୁକ୍ତ ୨ ବାଣିଜ୍ୟ ବିଭାଗରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ରଖିଥିବା ଛାତ୍ରୀ କେ. ହଂସିକା ପାତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ଈଶାନ୍ କାର୍ତ୍ତିକ ସୁବୁଦ୍ଧି, ସପ୍ତମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପ୍ରତୀକ୍ଷା ପଟ୍ଟନାୟକ, ଅଷ୍ଟମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଶ୍ୱେତାସ୍ମିତା ସାହୁ, ନବମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ତ୍ରିଷା ପ୍ରହରାଜ ଓ ରାଜ୍ୟରେ ଦଶମ ସ୍ଥାନ ଅଧିକାର କରିଥିବା ଛାତ୍ର ଶିବାଶିଷ ବେହେରା ଓ ସେମାନଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଶତକଡ଼ା ୯୦ରୁ ଉର୍ଦ୍ଧ୍ୱ ସଂଖ୍ୟା ହାସଲ କରିଥିବା ବିଜ୍ଞାନ ବିଭାଗର ୨୦୪ ଜଣ ବିଦ୍ୟାର୍ଥୀ ଓ ବାଣିଜ୍ୟ ବିଭାଗର ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମାନପତ୍ର, ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ପରିଚାଳନା ସମିତିର ସମ୍ପାଦକ ଶ୍ରୀଯୁକ୍ତ ନାରାୟଣ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଶପଥପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ଆଚାର୍ଯ୍ୟା ଓ ମନ୍ଦାକିନୀ ମିଶ୍ର ଓ ପ୍ରିୟଦର୍ଶିନୀ ସାହୁ ଓ ଡିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡଃ. ସୁବ୍ରତ କୁମାର ପାଣିଗ୍ରାହୀ ନିଟ, ଆଇଆଇଟି ସମ୍ବନ୍ଧୀୟ ସୂଚନା ଦେଇଥିଲେ। ପରିଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟପ୍ରମୁଖ ତଥା ପଦାର୍ଥ ବିଜ୍ଞାନ ବିଭାଗର ସ୍ୱରାଜ୍ୟ ମାଝି ନିମନ୍ତ୍ରିତ ଅତିଥି ତଥା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବିଦ୍ୟାଳୟ ପରିଚାଳନ ଚାଳନା ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ଓ ସୋମନାଥ ନନ୍ଦ, ପରିଚାଳନା ସମିତିର ଉପଦେଷ୍ଟା ଉପଦେ ଧର୍ମରାଜ ସାହୁ, ହରେକୃଷ୍ଣ ପାଢ଼ୀ, ସଦସ୍ୟ ୧୪ ଶ୍ରୀ ଶ୍ରୀ ଭୀମ ସେଠୀ, ରାଜେନ୍ଦ୍ର ଡାକୁଆ, ସଦସ୍ୟା ପ୍ରଣତି ସାମଲ, ଡା. ଡା. ପ୍ରସନ୍ନ କୁମାର କର, ଦୁର୍ନିତୀନିବାରଣ ବିଭାଗ ଡି.ଏସ୍.ପି. ସବିତାଞ୍ଜଳି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



# ମହିଳା କର୍ମଚାରୀଙ୍କୁ ସ୍ମାର୍ଟ ଫୋନ୍ ବାଣ୍ଟିଲେ ବିଧାୟକ




**ବ୍ରହ୍ମପୁର,୨୪।୬/ଏନ୍ଏନ୍ଏସ୍:** ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ କାର୍ଯ୍ୟକୁ ସୁବିଧା ଓ ସହଜ ସେବା ପାଇଁ ନିୟୋଜିତ ଲେଡି ସୁପରଭାଇଜର, ପୋଷଣ କୋର୍ଡିନେଟର ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କଲେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର। ଆଇସିଡିଏସ୍ ପ୍ରକଳ୍ପ ବ୍ରହ୍ମପୁର(୧) ଓ (୨) କେନ୍ଦ୍ର ଅଧିନସ୍ଥ ଲେଡି ସୁପରଭାଇଜର, ପୋଷଣ ବ୍ଲକ୍ କୋ-ଅର୍ଡିନେଟର ଏବଂ ଅଙ୍ଗନବାଡ଼ି କର୍ମୀମାନଙ୍କୁ ବ୍ରହ୍ମପୁର ବିଧାୟକ ତାଙ୍କ କାର୍ଯ୍ୟାଳୟ ପରିସରରେ ସ୍ମାର୍ଟଫୋନ ବଣ୍ଟନ କରିଥିଲେ। ସ୍ମାର୍ଟଫୋନ୍ ପାଇଁ ମହିଳା କର୍ମଚାରୀମାନେ ଖୁସି ବ୍ୟକ୍ତ କରିବା ସହ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ କୃତଜ୍ଞତା ଜଣାଇଥିଲେ। ହିତାଧିକାରୀମାନେ ୫ଜି ସୁବିଧାଯୁକ୍ତ ସ୍ମାର୍ଟଫୋନ ମାଧ୍ୟମରେ ପୋଷଣ ଓ ଅଙ୍ଗନୱାଡ଼ି ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ କରିବାରେ ଏବେ ଆହୁରୀ ଅଧିକ ସହଜ, ଦ୍ରୁତ ଓ ଦକ୍ଷତାର ସହ ସମ୍ପାଦନ କରିପାରିବେ ବୋଲି ବିଧାୟକ କେ. ଅନିଲ କୁମାର କହିଥିଲେ।

## 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପୁରୁଷୋତ୍ତମପୁର,୨୪।୬/ଏନ୍ଏନ୍ଏସ୍:** ରାଜ୍ୟ ବିଜେପି ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ପୂର୍ତ୍ତି ଅବସରରେ ବିଭିନ୍ନ ଲୋକାଭିମୁଖୀ ଜନ କଲ୍ୟାଣ ଯୋଜନା ଗୁଡ଼ିକର ସଫଳତାକୁ ନେଇ ପୁରୁଷୋତ୍ତମପୁର ପଞ୍ଚାୟତ ସମିତି ପକ୍ଷରୁ ଚାଲିଥିବା ଚାରିଦିନ ଧରି ଚାଲିଥିବା ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଆଜି ଶେଷ ଦିବସରେ ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକମ ଅଧକ୍ଷା ପିଙ୍କି ବେହେରା ଓ ବିଡ଼ିଓ ଦେବାଶିଷ ସାମଲଙ୍କ ମିଳିତ ସଂଯୋଜନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଯୁବ ନେତା ନିର୍ମଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସିଡିପିଓ ଲଳିତା ମଲ୍ଲିକ, ଏମ୍କେ ସିଆରପି, ଅଙ୍ଗନ ୱାଡି କର୍ମୀ, ପାଣ୍ଡିଆ ସରପଞ୍ଚ ପ୍ରତିନିଧି କୈଳାଶ ଚନ୍ଦ୍ର ସେଠୀ, ଅଧ୍ୟକ୍ଷା ପ୍ରତିନିଧି ଜଗତ ବନ୍ଧୁ ପଣ୍ଡା, ସିଡିପିଓ ଲଳିତା ମଲ୍ଲିକ, ଏଇଓ ନାଗ ଭୂଷଣ ଯାଦବ, ବଜେପି ନେତା ଅଜିତ କୁମାର ପଣ୍ଡା, ଚନ୍ଦନ ନାୟକ, ବିପିଏମ ମିନେନ୍ଦ୍ର ଦଳେଇ, ବିପିସି ସାଇଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା କଲ୍ୟାଣମୂଳକ ଯୋଜନା ଗୁଡ଼ିକ ପ୍ରୋଜେକ୍ଟରରେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅନ୍ନପୂର୍ଣ୍ଣା କାର୍ଡ, ଭତା କାର୍ଡ, ଆବାସ ଯୋଜନା କାର୍ଡ ସହିତ ଅଙ୍ଗନୱାଡି କର୍ମୀମାନଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କରାଯାଇଥିଲା । ସେହିପରି ପୁରୁଷୋତ୍ତମପୁର ଏନ୍ଏସି କାର୍ଯ୍ୟାଳୟରେ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀଙ୍କ ମିଳିତ ସଂଯୋଜନାରେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ରେ ଖଲ୍ଲିକୋଟ ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା, ଆସ୍କା ଏମପି ଅନିତା ସୁଭଦର୍ଶିନୀଙ୍କ ପ୍ରତିନିଧି ବିଶ୍ୱଜିତ ମହାପାତ୍ର ମଞ୍ଚାସିନ ଥିଲେ। ସମସ୍ତ କାଉନ୍‌ସିଲର, ବିଜ୍ଞାପିତ ଅଞ୍ଚଳ ର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ।



# ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଅଞ୍ଚଳ ପରିଷଦର ନୂତନ କର୍ମକର୍ତ୍ତା ଚୟନ

**ବୁଗୁଡା,୨୪।୬/ଏନ୍ଏନ୍ଏସ୍:** ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ବେତାରସିଙ୍ଗି ଅଞ୍ଚଳ ପରିଷଦର ଏକ ବୈଠକ ସଭାପତି ଗୌର ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବେତାରସିଂ ଅଞ୍ଚଳ ପରିଷଦର କାର୍ଯାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ୧୯ ଖଣ୍ଡ ଗ୍ରାମ ସମାଜ ଭାଇ ଓ କର୍ମକର୍ତ୍ତା, ଗ୍ରାମ କମିଟି, ମଣ୍ଡଳ କମିଟି, ଅଞ୍ଚଳ କମିଟି ସମେତ ସମାଜର କେନ୍ଦ୍ର ପରିଷଦର ଶୀର୍ଷ ନେତୃତ୍ୱବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ଅଞ୍ଚଳ ସଭାପତି ଭାବେ ଗଙ୍ଗାଧର ବିଶୋଇ, ଉପସଭାପତି ଭାବେ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ବିଷୋୟୀ , ସଂଗଠନ ସମ୍ପାଦକ ଭାବେ ଯୋଗୀ ନାହାକ, ସଂଗଠକ ଭାବେ ଲକ୍ଷ୍ମଣ ସ୍ୱାଇଁ ଓ ଉପଦେଷ୍ଟା ଭାବେ ଗନ୍ଧର୍ବ ସେନ୍ ଭୂୟା ସର୍ବ ସମ୍ମତି ଭାବେ ମନୋନୀତ ହୋଇ କୁଳଦେବତାଙ୍କ ସମ୍ମୁଖରେ ଶପଥ ପାଠ କରିଥିଲେ। ବୈଠକରେ କେନ୍ଦ୍ର ପରିଷଦ ସଭାପତି ସନ୍ତୋଷ କୁମାର ଜେନା, ଉପସଭାପତି ବୃନ୍ଦାବନ ଖଟେଇ, ସମ୍ପାଦକ ନୀଳାଚଳ ପୋଲେଇ, ଉପଦେଷ୍ଟା କାଳୀଚରଣ ନାୟକ ,ଆସିକା ଅଞ୍ଚଳ ସଭାପତି ନରହରି ବିଶୋଇ, ସମ୍ପାଦକ ଯୋଗେନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ଅଞ୍ଚଳ ସଭାପତି ଯୋଗେନ୍ଦ୍ର ବିଶୋଇ, ଆଠଗଡ ସଭାପତି ସୂର୍ଯ୍ୟ ନାରାୟଣ ଭୂୟା ,ସମ୍ପାଦକ ରାଧାଶ୍ୟାମ ଜେନା, ଉପଦେଷ୍ଟା ପଦ୍ମଚରଣ ଜେନା, କଇଁଡି ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ କେନ୍ଦ୍ର ସଭାପତି ହରିହର ପ୍ରଧାନଙ୍କ ସମେତ ଗ୍ରାମ, ମଣ୍ଡଳ ଓ ଅଞ୍ଚଳର ସମାଜ ଭାଇମାନେ ଉପସ୍ଥିତ ଥିଲେ । ଗଠିତ ନୂତନ କମିଟି ଅଞ୍ଚଳରେ ସମାଜ ଭାଇଙ୍କ ଶିକ୍ଷା, ଆର୍ଥିକ ଉନ୍ନତି, ଗରିବ, ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ଓ ସୁରକ୍ଷା ,ନାରୀ ସୁରକ୍ଷା ଦିଗରେ ଯତ୍ନବାନ ହେବା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା ବେଳେ ଅଞ୍ଚଳରେ ବର୍ତ୍ତମାନ ଶୂନ୍ୟ ଅଭିଯୋଗ ରହିଥିବା ଘୋଷଣା କରାଯାଇଥିଲା।

# ଶାନ୍ତିଶକ୍ତି ଭବନରେ କରୁଣାମୟୀ ମାତେଶ୍ୱରୀଙ୍କ ସ୍ମୃତି ଦିବସ

**ଆସିକା,୨୪।୬/ଏନ୍ଏନ୍ଏସ୍:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନ ପରିସରରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକା କରୁଣାମୟୀ ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୬୧ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ସ୍ମୃତିଚାରଣ କରିଥିଲେ। ସେ କିପରି ନିଜର ଈଶ୍ୱର ପ୍ରେମ ତଥା ବିଶ୍ୱାସ ବଳରେ ସାରା ବିଶ୍ୱରେ ନାରୀ ଶକ୍ତିକୁ ଜାଗ୍ରତ କରି ସଶକ୍ତ କରିବା ତଥା ପରମାତ୍ମାଙ୍କ ଦୈବୀ ସାମ୍ରାଜ୍ୟ ସ୍ଥାପନାର ଲକ୍ଷ୍ୟକୁ ସାକାର କରିବା ଦଗିରେ ପ୍ରୟାସ କରିଛନ୍ତି, ସେ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ କରୁଣାମୟୀ ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କର ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆସିକା ପ୍ରଧାନ ଡାକଘରର ଭାରପ୍ରାପ୍ତ ଡାକପାଳ ଜୟପ୍ରକାଶ ବିଷୋୟୀ ଏବଂ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗାପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ୧୯୨୦ ମସିହା ପଞ୍ଜାବର ଅମୃତସର ଠାରେ ଜନ୍ମଗ୍ରହଣ କରିଥିବା କରୁଣାମୟୀ ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀ ୧୯୬୫ ମସିହା ଜୁନ୍ ମାସ ୨୪ ତାରିଖରେ ଇହଧାମ ତ୍ୟାଗ କରି ପରମେଶ୍ୱରଙ୍କ ସହ ଏକାତ୍ମ ହୋଇଯାଇଥିଲେ । ତେଣୁ ଏହି ଦିନଟିକୁ ବିଶ୍ୱର ପ୍ରତିଟି ଈଶ୍ୱରୀୟ ସେବା କେନ୍ଦ୍ରରେ ପୁଣ୍ୟ ତିଥି ତଥା ସ୍ମୃତି ଦିବସ ରୂପେ ପାଳନ କରାଯାଇଆସୁଛି । ଏହି ଅବସରରେ ସ୍ଥାନୀୟ ସେବାକେନ୍ଦ୍ର ଶାନ୍ତିଶକ୍ତି ଭବନ ପରିସରରେ ଏକ ସହଜ ରାଜଯୋଗ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବ୍ରହ୍ମାକୁମାର ସତ୍ୟପ୍ରିୟ, ବୁଲୁ, ସୁନିଲ୍, ନିରଞ୍ଜନ, ଲଡୁକିଶୋର, ସରୋଜ, ରମେଶ, ପଞ୍ଚାୟତ୍ରୀ, କାଲୁ, ମଙ୍ଗୁଲୁ, ରାମପ୍ରସାଦ, ସଂଗ୍ରାମ, ବ୍ରହ୍ମାକୁମାରୀ ଭାଗ୍ୟଲତା, ସୁଜ୍ଞାନୀ, ଲୀଳାବତୀ, ନିଶି ପ୍ରମୁଖ ସହଯୋଗ କରିଥିବା ବେଳେ ସହରର ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ସଚେତନ ନାଗରିକଙ୍କ ସମେତ କବିସୂର୍ଯ୍ୟନଗର ଓ ଧରାକୋଟ ଏବଂ ପାଟପୁର ସମେତ ଆଖପାଖ ଉପସେବାକେନ୍ଦ୍ରର ବହୁ ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀ ଯୋଗ ଦେଇଥିଲେ।



## ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ନୂଆ ଉପାଧ୍ୟକ୍ଷଙ୍କ ଯୋଗଦାନ



**ଫୁଲବାଣୀ,୨୪।୬/ଏନ୍ଏନ୍ଏସ୍:** ଆଜି ଫୁଲବାଣୀ ଡୁଡିପାଜୁ ସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ କନ୍ଧମାଳରେ ନୂତନ ଉପାଧକ୍ଷ ଭାବେ କେନ୍ଦୁଝରର ନବୋଦୟ ବିଦ୍ୟାଳୟର ସ୍ନାତକୋତ୍ତର (ଇତିହାସ) ଶିକ୍ଷକ ପଞ୍ଚାନନ ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟାଳୟର ଅଧକ୍ଷ ସୁରେଶ କୁମାର ସାହୁ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ବେଳେ କାର୍ଯ୍ୟାଳୟ ଅଧିକ୍ଷକ ଶୁଶାନ୍ତ କୁମାର ପାଢ଼ୀ, ବରିଷ୍ଠ ଲିପିକ ରାମ ସ ହଁସଦା, କନିଷ୍ଠ ଲିପିକ ଅଭିଷେକ ସିଂହ, ସାନିଲ ମହାକୁଡ଼ , ଯୁଧିଷ୍ଠିର ପ୍ରଧାନ ଉପସ୍ଥିତ ରହି ନବୋଦୟ ଫୁଲବାଣୀ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଦୀର୍ଘଦିନ ଧରି ଏହି ପଦବୀ ଖାଲିପଡ଼ିଥିଲା।

**ନିତି ଭାରତୀ**

ଅନ୍ୟମାନଙ୍କର ବିଚାରକ ହୁଅନାହିଁ। ନିଜେ ନିଜର ବିଚାରକ ହୁଅ, ତା'ହେଲେ ତୁମେ ସୁଖୀ ହେବ। ଅନ୍ୟମାନଙ୍କର ବିଚାରକ ହେଲେ ନିଜର ଜୀବନକୁ ତୁମେ ଜାଳିପୋଡ଼ି ଛାରଖାର କରିଦେବ। - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ଗୁରୁବାର, ୨୫ ଜୁନ ୨୦୨୬

# ଅନ୍ନଦାତାରୁ ଊର୍ଜାଦାତା



**ପ୍ରକାଶ ତ୍ରିପାଠୀ**

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ୍ ଗଡ୍‌କରୀ ଭାରତରେ ଇ-୧୦୦ ଇନ୍ଧନ ନିୟମକୁ ଅନୁମୋଦନ କରିଛନ୍ତି, ଯାହାଦ୍ୱାରା ଇଥାନଲ୍ ଚାଳିତ ଯାନବାହନ ଚଳାଚଳ ସକ୍ଷମ ହୋଇ ପାରିବ। ମାରୁତି ସୁଜୁକି, ଟୟୋଟା, ଏମ୍‌ଜି ଏବଂ ହ୍ୟୁଣ୍ଡାଇ ଖୁବ୍ ଶୀଘ୍ର ଫ୍ଲେକ୍ସ-ଇନ୍ଧନ ମଡେଲ ଲଞ୍ଚ କରିବେ। ସ୍ୱଚ୍ଛ ଏବଂ ବିକଳ୍ପ ଇନ୍ଧନ ଆଡ଼କୁ ଭାରତର ଏହି ଯାତ୍ରା ଏକ ପ୍ରମୁଖ ପଦକ୍ଷେପ ଅଟେ। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ୍ ଗଡ୍‌କରୀ ଆନୁଷ୍ଠାନିକ ଭାବରେ ଇ-୧୦୦ ଇନ୍ଧନ ପାଇଁ ନିୟମାବଳୀକୁ ଅନୁମୋଦନ କରିଛନ୍ତି, ଯାହା ୧୦୦ ପ୍ରତିଶତ ଇଥାନଲରେ ଚାଲି ପାରୁଥିବା ଯାନବାହନ ପାଇଁ ପଥ ପ୍ରଶସ୍ତ କରିଛି। ଏହି ଘୋଷଣା ଭାରତର ଜୈବ ଇନ୍ଧନ ମିଶନ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଦେଶରେ ଗତିଶୀଳତାର ଭବିଷ୍ୟତକୁ ପୁନରାକୃତି ଦେଇପାରେ ବୋଲି ସରକାରୀ ଭାବେ କୁହାଯାଇଛି। ଏହି ପଦକ୍ଷେପ ଭାରତର ଇ-୨୦ କାର୍ଯ୍ୟକ୍ରମର ସଫଳତା ଉପରେ ଆଧାରିତ, ଯାହା ଏପ୍ରିଲ ୨୦୨୬ ସୁଦ୍ଧା ନିର୍ଦ୍ଧାରିତ ସମୟ ପୂର୍ବରୁ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ହାସଲ କରିଥିଲା। ତୈଳ ଆମଦାନୀ ହ୍ରାସ ତଥା ଅଙ୍ଗାରକ ନିର୍ଗମନ ହ୍ରାସ ଲାଗି ସରକାର ପେଟ୍ରୋଲରେ ଇଥାନଲ ମିଶ୍ରଣକୁ ପ୍ରୋତ୍ସାହନ ଦେଉଛନ୍ତି। ତୈଳ କମ୍ପାନୀମାନେ ପେଟ୍ରୋଲରେ ଇଥାନଲ ମିଶ୍ରଣ ପୂର୍ବରୁ ଚିନି କାରଖାନାରୁ ଇଥାନଲ କିଣୁଛନ୍ତି। ସରକାରଙ୍କ କହିବା ଅନୁଯାୟୀ, ଇଥାନଲ୍ ପଦକ୍ଷେପ ଅଶୋଧିତ ତୈଳ ଆମଦାନୀରେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ସଞ୍ଚୟ କରିବାରେ ସାହାଯ୍ୟ କରିଛି ଏବଂ ଚାଷୀଙ୍କ ପାଇଁ ପ୍ରାୟ ୮୦୦୦୦ କୋଟି ଟଙ୍କାର ଆୟ ସୃଷ୍ଟି କରିଛି। ପ୍ରକାଶଯୋଗ୍ୟ ଯେ ଇଥାନଲ୍ ମିଶ୍ରଣ ହେଉଛି ଏକ ସ୍ୱଚ୍ଛ, ସ୍ଥାୟୀ ଏବଂ ଉଚ୍ଚ ସ୍ତରର ଇନ୍ଧନ ସୃଷ୍ଟି କରିବା ପାଇଁ ଇଥାଇଲ୍ ଆଲ୍‌କୋହଲ୍ (ଆଖୁ କିମ୍ବା ମକା ଶସ୍ୟ ପରି ଫସଲରୁ ଉତ୍ପାଦିତ) ପେଟ୍ରୋଲିୟମ୍ ସହିତ ମିଶ୍ରଣ କରିବାର ଅଭ୍ୟାସ। 'ଇ' ଅକ୍ଷର ପରେ ଏକ ସଂଖ୍ୟା ଇଥାନଲ୍ ପ୍ରତିଶତକୁ ସୂଚିତ କରେ (ଯଥା, ଇ-୨୦ ହେଉଛି ୨୦% ଇଥାନଲ୍ ଏବଂ ୮୦% ପେଟ୍ରୋଲ)। ସରକାର ଇଥାନଲ ଇନ୍ଧନ ମିଶ୍ରଣ ପାଇଁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଛାଡ଼କୁ ବୃଦ୍ଧି କରିଛନ୍ତି। ସମ୍ପ୍ରତି ଇ-୧୦୦ ଇଥାନଲକୁ ଆଇନଗତ ସ୍ୱୀକୃତି ମିଳିବା ପରେ, ଇ-୨୦ରୁ ଇ- ୧୦୦ ପର୍ଯ୍ୟନ୍ତ ବିଭିନ୍ନ ମିଶ୍ରଣରେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

ବିଶ୍ୱବ୍ୟାପି ଯୁଦ୍ଧଜନିତ ରାଜନୈତିକ ଅସ୍ଥିରତା ଓ କ୍ରମବର୍ଦ୍ଧିଷ୍ଣୁ ଇନ୍ଧନ ଆବଶ୍ୟକତା ସମ୍ପ୍ରତି ବିଶ୍ୱରେ ଇନ୍ଧନ ସଙ୍କଟକୁ ତୀବ୍ର କରିଛି। ବିଶେଷକରି ପେଟ୍ରୋଲ ଉତ୍ପାଦନରେ ନିମ୍ନ ସ୍ତରରେ ଥିବା ଭାରତ ଭଳି ଦେଶରେ ଏହି ସଙ୍କଟ ଗୁରୁତର। ସେଥିପାଇଁ କମ୍ ଇନ୍ଧନ ଖର୍ଚ୍ଚ ତଥା ବୈଦେଶିକ ମୁଦ୍ରା ସଂରକ୍ଷଣ ନିମନ୍ତେ ଭାରତ ପେଟ୍ରୋଲରେ ଇଥାନଲ ମିଶ୍ରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ୨୦୨୫-୨୬ ପର୍ଯ୍ୟନ୍ତ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣକୁ ନିର୍ଦ୍ଧାରିତ କରାଯାଇଥିଲା। ମକା, ଚାଉଳ, ଆଖୁ ଭଳି ଷ୍ଟାର୍ଚ୍ଚଜାତୀୟ ଫସଲରୁ ଉତ୍ପନ୍ନ ହେଉଥିବା ଇଥାନଲ ପ୍ରାଥମିକ ଭାବେ ଇନ୍ଧନ ଆତ୍ମନିର୍ଭରତା, କାର୍ବନ ନିର୍ଗମନ ହ୍ରାସ ଓ ବୈଦେଶିକ ମୁଦ୍ରା ସଂରକ୍ଷଣକୁ ସହାୟତା ପ୍ରଦାନ କରିଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ପେଟ୍ରୋଲ ଆମଦାନୀକୁ ହ୍ରାସ କରିବା ପାଇଁ ଆମେ ଯେଉଁ ଇଥାନଲ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛେ, ତାହା ଆମର ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଜଳ, ଭୂମି ଓ ଖାଦ୍ୟ ସୁରକ୍ଷା ଭଳି ପ୍ରସଙ୍ଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବନି ତ? ଇତିହାସରେ ଅନେକ ନଜିର ରହିଛି ଯେ ଆମେ ଗୋଟିଏ ସମସ୍ୟାର ସମାଧାନ ପାଇଁ ତରବରିଆ ଭାବେ ଯେଉଁ ନିଷ୍ପତ୍ତି ନେଉ, ତାହା ପରବର୍ତ୍ତୀ ସମୟରେ ଆଉ ଏକ ସଙ୍କଟ ସୃଷ୍ଟି କରେ। ସ୍ୱାଧୀନୋତ୍ତର ଭାରତରେ ଏଭଳି ଉଦାହରଣ ଅନେକ ରହିଛି, ଯେପରିକି ସବୁଜ ବିପ୍ଳବ। ସତୁରୀ ଅଶୀ ଦଶକରେ ଭାରତ ଗୁରୁତର ଖାଦ୍ୟ ସଙ୍କଟ ମଧ୍ୟଦେଇ ଗତି କରୁଥିଲା। ରାସାୟନିକ ସାର, ଶଙ୍କର ଜାତୀୟ ବିହନ ଓ ଅତ୍ୟଧିକ ଜଳସେଚନ ଆଧାରିତ ସବୁଜ ବିପ୍ଳବ ସଫଳ ହେଲା ଓ ଖାଦ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇ ପାରିଲା ସତ, କିନ୍ତୁ ତାହା ଯୋଗୁଁ ଆଜି ମାଟିର ଉର୍ବରତା ହ୍ରାସ, ଜୈବ ବିବିଧତା ହ୍ରାସ, ରାସାୟନିକ ପ୍ରଦୂଷଣ, ଭୂଜଳ ଜଳସ୍ତର ହ୍ରାସ ଭଳି ଅନେକ ସମସ୍ୟା ମୁଣ୍ଡ ଟେକିଛି। ମୌସୁମୀର ଅନିଶ୍ଚିତତା ତଥା ମରୁଡ଼ିର ମୁକାବିଲା କରିବା ପାଇଁ ନଳକୂପ ଓ ଭୂତଳ ଜଳ ବ୍ୟବହାରକୁ ସରକାରୀ ପ୍ରୋତ୍ସାହନ ଦିଆଗଲା। ଦୁଇ ତିନି ଦଶକ ପରେ ଜଣା ପଡ଼ିଲା ଯେ ଭାରତରେ ଭୂତଳ ଜଳ କ୍ରମାଗତ ହ୍ରାସ ପାଉଛି। ପରିସ୍ଥିତି ଏପରି ସ୍ତରକୁ ଆସିଲା ଯେ କିଛି ଅଞ୍ଚଳକୁ ଡାର୍କ୍ ଜୋନ୍ ଓ ସେଠାରେ କେହି ଭୂତଳ ଜଳ ଉତ୍ତୋଳନ କରି ପାରିବେ ନାହିଁ ବୋଲି ଘୋଷଣା କରାଗଲା। ପ୍ରକାଶଯୋଗ୍ୟ ଯେ ବିଶ୍ୱର ପ୍ରାୟ ଶତକଡ଼ା ୨୫ ଭାଗ ଭୂତଳ ଜଳ ଭାରତ ଉତ୍ତୋଳନ କରେ, ଯାହାକୁ ବିଶ୍ୱ ସ୍ତରରେ ସର୍ବବୃହତ୍ ବ୍ୟବହାରକାରୀ ଭାବେ ଗଣାଯାଏ। ଭୂତଳ ଜଳ ହେଉଛି ଭାରତର ଜଳ ଆବଶ୍ୟକତାର ମେରୁଦଣ୍ଡ: ୬୨% ଜଳସେଚନ ଆବଶ୍ୟକତା ଭୂତଳ ଜଳ ମାଧ୍ୟମରେ ପୂରଣ କରାଯାଏ। କିଛି ପରିବେଶବିତ୍‌ଙ୍କ ମତରେ, ଇନ୍ଧନ ସୃଷ୍ଟି ଲକ୍ଷ୍ୟରେ ଆମେ ଯେପରି ଜଳ ସୁରକ୍ଷା ଓ ଖାଦ୍ୟ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସଙ୍କଟରେ ନ ପକାଉ।

ପ୍ରକାଶଯୋଗ୍ୟ ଯେ ଇଥାନଲ ଉତ୍ପାଦନରେ ଆବଶ୍ୟକ ହେଉଥିବା ଆଖୁ, ମକା ଓ ଚାଉଳ (ଧାନ) ଆଦି ଚାଷରେ ସର୍ବାଧିକ ଜଳ ବ୍ୟବହୃତ ହୁଏ। ଏକ ଲିଟର ଚାଉଳ (ଧାନ) ଆଧାରିତ ଇଥାନଲ ଉତ୍ପାଦନ ପାଇଁ ପରେ ୧୦୭୯୦ ଲିଟର ପାଣିର ଆବଶ୍ୟକ ପଡ଼ିବ। ସେହିପରି ଏକ ଲିଟର ଆଖୁ ଆଧାରିତ ଇଥାନଲ ପାଇଁ ୩୬୦୦ ଲିଟର ଓ ଏକ ଲିଟର ଜେନେଟିକ୍ ମଡିଫାଏଡ୍ ମକା ଆଧାରିତ ଇଥାନଲ ପାଇଁ ୪୬୦୦ ଲିଟର ଜଳର ଆବଶ୍ୟକତା ହୋଇଥାଏ। ଭାରତର ଅନେକ ରାଜ୍ୟ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି। ମହାରାଷ୍ଟ୍ର, କର୍ଣ୍ଣାଟକ, ତେଲେଙ୍ଗାନା, ତାମିଲନାଡୁ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଭଳି ରାଜ୍ୟ ପିଇବା ପାଣି ସଂକଟରୁ ଉଦ୍ଧାର ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଏପରି ସ୍ଥଳେ ଅଧିକ ଜଳ ଆବଶ୍ୟକ ହେଉଥିବା ଫସଲ ଚାଷକୁ ଇନ୍ଧନ ସୃଷ୍ଟି ଲକ୍ଷ୍ୟରେ ପ୍ରୋତ୍ସାହନ ଦେବା ଦୀର୍ଘକାଳୀନ ଦୃଷ୍ଟିରୁ ନିଶ୍ଚିତ ଚିନ୍ତାଜନକ




ଅଟେ। ଭାରତର ପ୍ରାୟ ୮୬ ପ୍ରତିଶତ ଚାଷୀ କ୍ଷୁଦ୍ର ଚାଷୀ ଅଟନ୍ତି। ସେମାନେ କେବଳ ନିଜ ବାର୍ଷିକ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ ଜରୁରୀ ଆବଶ୍ୟକ ହେଉଥିବା କୃଷିକୁ ଆପଣାନ୍ତି। ଇଥାନଲ ଉଦ୍ୟୋଗ ପ୍ରତି ବୃଦ୍ଧି ପାଉଥିବା ଆକର୍ଷଣ ଓ ତଜ୍ଜନିତ ବଜାର ଚାହିଦା ନିଶ୍ଚିତ କୃଷି ଉପରେ ପ୍ରଭାବ ପକାଇ ପାରେ। ପାରମ୍ପରିକ କୃଷି, ଯଥା ଧାନ, ଗହମ, ଡାଲି, ତୈଳବୀ. ପନିପରିବା ଆଦି ଚାଷ ହୁଏ କେବଳ ଖାଦ୍ୟ ସୁରକ୍ଷା ପାଇଁ। ମାତ୍ର ଇଥାନଲ ଉଦ୍ୟୋଗ ପାଇଁ ଯଦି ଚାଷୀ ଆଗଭର ହୁଏ, ତେବେ ଏହା ନିଶ୍ଚିତ ପାରମ୍ପରିକ କୃଷି ପ୍ରତି ଅନ୍ୟାୟ ହେବ ଓ ଖାଦ୍ୟ ସୁରକ୍ଷା ବାଧାପ୍ରାପ୍ତ ହେବ। ଯଦି କୃଷକ ଅଧିକ ଲାଭ ପାଇବା ଆଶାରେ ଡାଲି ଓ ତୈଳବୀଜ ଜାତୀୟ ଫସଲ ବଦଳରେ ଇଥାନଲ ଉତ୍ପାଦନ ପ୍ରତି ଆକର୍ଷିତ ହୁଏ, ତେବେ ଦେଶ ଡାଲି ଓ ତୈଳ ଉତ୍ପାଦନରେ ବହୁତ ପଛରେ ପଡ଼ିଯିବ ଓ ବିଦେଶରୁ ଆମଦାନୀ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡ଼ିବ। ହୁଏତ ଆମେ ପେଟ୍ରୋଲିୟମ୍ ଉତ୍ପାଦ ଆମଦାନୀକୁ ହ୍ରାସ କରି ପାରିବା, ମାତ୍ର ତା' ବଦଳରେ ଖାଦ୍ୟ ସାମଗ୍ରୀ ଆମଦାନୀ ଉପରେ ଅଧିକ ଦୃଷ୍ଟି ଦେବାକୁ ପଡ଼ିବ। ଏହାଦ୍ୱାରା ନା ଆମେ ଆତ୍ମନିର୍ଭର ହୋଇ ପାରିବା, ନା ଆମେ ଆମର ସଂସାଧନର ସଫଳ ଉପଯୋଗ କରି ପାରିବା। ବୈଦେଶିକ ମୁଦ୍ରା ବ୍ୟୟ ଯଥା ପୂର୍ବଂ ତଥା ପରଂ ରହିବ। ଏହା ନିଶ୍ଚିତ ଯେ ଇନ୍ଧନ ସୁରକ୍ଷା ମହତ୍ତ୍ୱପୂର୍ଣ୍ଣ ଅଟେ, ମାତ୍ର ଏହା ଜଳ, ଭୂମି ଓ ଖାଦ୍ୟ ସୁରକ୍ଷା ବିନିମୟରେ ନୁହେଁ। ଜଳ ଉପଯୋଗ, ଖାଦ୍ୟ ସୁରକ୍ଷା ଓ ପରିବେଶ ପ୍ରଭାବକୁ ମୂଲ୍ୟାୟନ ନ କରି କୌଣସି ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବିକାଶର ବାସ୍ତବିକ ଅର୍ଥ କେବଳ ଆର୍ଥିକ ଅଭିବୃଦ୍ଧି ନୁହେଁ, ପ୍ରକୃତି, ସମାଜ ଓ ଅର୍ଥ ବ୍ୟବସ୍ଥା ମଧ୍ୟରେ ସନ୍ତୁଳନ ରକ୍ଷା ମଧ୍ୟ ଜରୁରୀ। ଇନ୍ଧନ ସଙ୍କଟର ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପ ଆଜି ହୁଏତ ଠିକ୍ ଲାଗିପରେ, ମାତ୍ର କାଲି ଏହା ଜଳ ସଙ୍କଟ, ଖାଦ୍ୟ ଅସୁରକ୍ଷା ଓ କୃଷି ସଙ୍କଟ ଭାବେ ଯେପରି ଠିଆ ନହୁଏ।

ଇଥାନଲର ଶକ୍ତି ଘନତା ପେଟ୍ରୋଲ ତୁଳନାରେ କମ୍, ଯାହା ଫଳରେ ଇ-୨୦ ସହିତ ଇନ୍ଧନ ଦକ୍ଷତା ୭% ପର୍ଯ୍ୟନ୍ତ ହ୍ରାସ ପାଇଥାଏ। ଇଥାନଲର ଆର୍ଦ୍ରତା ଆକର୍ଷଣକାରୀ ଗୁଣ ଯୋଗୁଁ ପୁରୁଣା ଇଞ୍ଜିନ କିମ୍ବା ଯାନଗୁଡ଼ିକ, ଯେଉଁଗୁଡ଼ିକ ଇଥାନଲର ଉଚ୍ଚ ସ୍ତର ପାଇଁ କ୍ୟାଲିବ୍ରେଟ୍ ହୋଇ ନଥାଏ, ସେହି ଯାନଗୁଡ଼ିକ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ସେଥିପାଇଁ ସେହିପରି ଇନ୍ଧନ କେନ୍ଦ୍ରଗୁଡ଼ିକରେ ଇଥାନଲ ମିଶ୍ରିତ ପେଟ୍ରୋଲ, ଖାଣ୍ଟି ପେଟ୍ରୋଲ ଓ ଖାଣ୍ଟି ଇଥାନଲ ଯୋଗଣର ବ୍ୟବସ୍ଥା ରହୁ, ଯଦ୍ୱାରା ଜନସାଧାରଣ ସେମାନଙ୍କ ଯାନବାହନର ଆବଶ୍ୟକତା ଅନୁଯାୟୀ ଇନ୍ଧନ ବ୍ୟବହାର କରି ପାରିବେ। ଯଦି ଏହି କାର୍ଯ୍ୟକ୍ରମ ସଫଳ ହୁଏ ଓ ଭାରତୀୟ ଚାଷୀମାନେ ଦେଶର ଇନ୍ଧନ ଯୋଗାଣରେ ସକ୍ରିୟ ହୁଅନ୍ତି, ତେବେ ସେମାନଙ୍କୁ ଏହା ଅନ୍ନଦାତାରୁ ଊର୍ଜାଦାତା (ଶକ୍ତି ପ୍ରଦାନକାରୀ)ରେ ପରିଣତ କରିବ।

**ମୋ: ୯୪୩୭୨୩୨୪୬୩**

# ଆପଣ ରାଜନୀତିକୁ ଆସନ୍ତୁ



**ମାନସ କୁମାର ପାଢ଼ୀ**

ଯେ କୌଣସି ଖ୍ୟାତନାମା କଳାକାର, ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ, ବଡ଼ ବ୍ୟବସାୟୀ, ଶିଳ୍ପପତି ଅବା ସେହିଭଳି କିଛି ଲୋକପ୍ରିୟ ବ୍ୟକ୍ତିଙ୍କୁ ଏବେ ବଡ଼ ବଡ଼ ରାଜନୈତିକ ଦଳରୁ ଅଫର ଆସୁଛି। ଆପଣ ରାଜନୀତିକୁ ଆସନ୍ତୁ। ଦେଶ ସେବାରେ ନିଜକୁ ନିୟୋଜିତ କରନ୍ତୁ। ଆପଣ ନିଜେ ପ୍ରସିଦ୍ଧି ପାଇବା ସହ ଦେଶ ବି ଉନ୍ନତି କରିବ। ଏପରି ପ୍ରସ୍ତାବ ଆସୁଛି ଦଳର ହାଇକମାଣ୍ଡ କିମ୍ବା ତାଙ୍କ ପାଖପାଖି କ୍ଷମତାସୀନ ନେତାଙ୍କଠାରୁ।

ଗଣତନ୍ତ୍ର ଦେଶରେ ରାଜନୀତି ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ। ରାଜନୀତି ଏମିତି ଏକ ସାମାଜିକ ବୃତ୍ତି ବା ସେବା, ଯାହା ସମସ୍ତ ସାଧାରଣ ଲୋକ କରି ପାରିବେ। ମାତ୍ର ରାଜନୀତି ସହ ସେବା ଯେତେବେଳେ ଯୋଡ଼ି ହୁଏ, ସେତେବେଳେ ଯେ କୌଣସି ଲୋକ ଯେ କୌଣସି ମୁହୂର୍ତ୍ତରେ ନିଜେ ଚାହିଁଲେ ଅବା ଅନ୍ୟ କେହି ଚାହିଁଲେ ଜନପ୍ରତିନିଧି ହେବା ଉଚିତ ନୁହେଁ। କିନ୍ତୁ ଏପରି ଘଟଣା ଏବେ ରାଜନୀତିରେ ସମ୍ଭବ ହେଉଛି। ରାତାରାତି ଅନ୍ୟ କୌଣସି କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତି ଟିକେଟ ପାଇ ସାଂସଦ/ ବିଧାନସଭା ସଦସ୍ୟ ହୋଇ ଯାଉଛନ୍ତି। କାରଣ ଦଳଗୁଡ଼ିକ ବ୍ୟକ୍ତିଙ୍କ ରାଜନୈତିକ ଦକ୍ଷତା, ଅଭିଜ୍ଞତା, ପୃଷ୍ଠଭୂମି ନଦେଖି କେବଳ ଜିତିବା ସମ୍ଭାବନା ଦେଖୁଛନ୍ତି। ସର୍ବୋପରି ରାଜନୀତିକୁ ନୂଆ କରି ଆସୁଥିବା ଲୋକଙ୍କ ଆନୁଗତ୍ୟତା ଭରସାଯୋଗ୍ୟ। ସେ ଯେତେ ପ୍ରସିଦ୍ଧି ଲାଭ କରିଥାଉ, ଯେଉଁ କ୍ଷେତ୍ରରେ ବି ରାଜନୈତିକ ଗୋଟି ଚାଳନାରେ ନିଶ୍ଚିତ ଅନଭିଜ୍ଞ ହୋଇଥିବେ।

ଅନ୍ୟ ପକ୍ଷରେ, ପ୍ରାୟତଃ ସର୍ବସାଧାରଣଙ୍କର ଏପରି ଏକ ମାନସିକତା ରହିଛି ଯେ ରାଜନୀତି ଧନୀ, ମାନୀ, ଜ୍ଞାନୀ ଲୋକଙ୍କ ଦ୍ୱାରା କରାଯିବା ଉଚିତ। ଏହାର ସୁଯୋଗ ନିଅନ୍ତି ରାଜନୀତି ଦଳର ମୁଖିଆ। ଏହାର ଅସଲ କାରଣ ହେଲା, ଏଭଳି ଲୋକମାନଙ୍କ ଦ୍ୱାରା ସାଧାରଣ ଲୋକମାନେ ପ୍ରଭାବିତ ହୁଅନ୍ତି। ଲୋକଙ୍କ ହୃଦୟରୁ ବାହାରି ଆସେ- ଦେଖିଲ, କେତେ ବଡ଼ ଫିଲ୍ମଷ୍ଟାର/ ଶିଳ୍ପପତି/... / ସେବା କରିବାକୁ ସବୁ ଛାଡ଼ି ରାଜନୀତିରେ ପାଦ ଦେଇଛନ୍ତି। ଆମରି ଉନ୍ନତି ଲାଗି। ତେଣୁ ସେମାନଙ୍କ ନାମରେ ପ୍ରଭାବିତ ସାଧାରଣ ଲୋକମାନଙ୍କ ଭୋଟ ସମ୍ପୃକ୍ତ ଦଳ ସପକ୍ଷରେ ଆସେ- କେବଳ ସମ୍ପୃକ୍ତ କ୍ଷେତ୍ରରେ ନୁହେଁ, ବରଂ ରାଜ୍ୟ/ ଦେଶସାରା। ତା' ବୋଲି ନୁହେଁ ଯେ ଜଣେ ଓଡ଼ିଆ ଫିଲ୍ମଷ୍ଟାର ଗୋଟିଏ ଜାତୀୟ ଦଳରେ ମିଶିଲେ ତାହାର ପ୍ରଭାବ ଓଡ଼ିଶା ବାହାର ରାଜ୍ୟରେ ପଡ଼ିବ। କିନ୍ତୁ ଓଡ଼ିଶାରେ ପଡ଼ିବା ଥୟ।

ଅଥଚ ରାଜନେତା ପ୍ରଥମେ ଜଣେ ସମାଜସେବୀ ହେବା ଆବଶ୍ୟକ, ଯାହା ସବୁ ନେତାମାନେ ଅଟନ୍ତି ବୋଲି କୁହନ୍ତି। ଜଣେ ରାଜନେତାଙ୍କ ପାଖରେ ସମାଜ ସେବା ବ୍ୟତୀତ ନିଃସ୍ୱାର୍ଥପରତା, ଦେଶପ୍ରେମ, ଲୋକ ଏବଂ ପ୍ରକୃତି ପ୍ରେମ, ଯୁକ୍ତିଯୁକ୍ତ ଚିନ୍ତାଧାରା, ନୈତିକତା ଏବଂ ସେଗୁଡ଼ିକ ଉପରେ କାର୍ଯ୍ୟ କରିବାର ଦୃଢ଼ତା ଭଳି ଅପରିହାର୍ଯ୍ୟ ଗୁଣମାନ ରହିବା ଉଚିତ। ମାତ୍ର ଦଳର ସଚ୍ଚୋଟ କର୍ମୀ ଓ ସଚ୍ଚୋଟ ସମାଜସେବୀଙ୍କୁ ରାଜନୀତି କ୍ଷେତ୍ରରେ ଗୁରୁତ୍ୱ ଦିଆ ନଯାଇ ଉଚ୍ଚପଦସ୍ଥ ଅଧିକାରୀ, କୋଟିପତି ବ୍ୟବସାୟୀ, ଫିଲ୍ମଷ୍ଟାରମାନଙ୍କୁ ରାଜନୀତିକୁ ଆସନ୍ତୁ ବୋଲି ନିମନ୍ତ୍ରଣ କରାଯାଉଛି ଏବଂ ଟିକେଟ ମଧ୍ୟ ଦିଆଯାଉଛି। ଯେଉଁଠି ବର୍ଷ ବର୍ଷ ଧରି ଜୀବନ-ଯୌବନକୁ ଜଳାଞ୍ଜଳି ଦେଇ ଜଣେ ରାଜନୈତିକ ନେତା ବା କର୍ମୀ ସରପଞ୍ଚ ଲାଗି ଦଳୀୟ ସମର୍ଥନ ପାଇପାରେ ନାହିଁ, ସେଠି ଏମ୍‌ପି ଟିକେଟ୍‌ଟିଏ ସହଜରେ ଉପରୋକ୍ତ ବ୍ୟକ୍ତିତ୍ୱମାନଙ୍କୁ ମିଳିଯାଏ। ପ୍ରକୃତ ପକ୍ଷେ ଏହାର ପରିଣାମ ଏପରି ହୁଏ ଯେ ସେମାନଙ୍କର ଲୋକପ୍ରିୟତା ସମ୍ପୃକ୍ତ ଦଳ ରାଜ୍ୟସାରା ବା ଦେଶସାରା ଭୋଟ ପୁଞ୍ଜି ଭଳି ବ୍ୟବହାର କରନ୍ତି ଏବଂ ସମ୍ପୃକ୍ତ ବ୍ୟକ୍ତି ଯେଉଁ ଅଞ୍ଚଳରେ ପ୍ରାର୍ଥୀ ହୁଅନ୍ତି, ସେଠାର ଦଳୀୟ କର୍ମୀମାନେ ହାଇକମାଣ୍ଡଙ୍କ ନିଷ୍ପତ୍ତିରୁ ବାଧ୍ୟହୋଇ ତାଙ୍କୁ ସମର୍ଥନ କରନ୍ତି। ସେ ଜିତିବା ହାରିବା ଏକ ଭିନ୍ନ କଥା।



ଏମିତି ଅନେକ ଉଦାହରଣ ମଧ୍ୟ ଦିଆଯାଇ ପାରିବ ଯେ କୌଣସି ଜଣେ ବ୍ୟବସାୟୀ ଟିକେଟ ପାଇ ନିର୍ବାଚନ ଲଢ଼ିଛନ୍ତି ଏବଂ ହାରିଗଲା ପରେ ପୁଣି ଯାଇ ସେହି ବ୍ୟବସାୟ କରିଛନ୍ତି ଅବା ଜିତିଗଲା ପରେ ରାଜନୈତିକ ପ୍ରଭାବ ପକାଇ ତାଙ୍କର ବ୍ୟବସାୟକୁ ଦ୍ୱିଗୁଣିତ କରି ଚାଲିଛନ୍ତି। ମାତ୍ର ଲୋକଙ୍କ ସହ ରହି ନାହାନ୍ତି। କିମ୍ବା ଏକଥା ମଧ୍ୟ ହୋଇଛି, ଜଣେ ସ୍ୱନାମଧନ୍ୟ ଡାକ୍ତର ରାଜନୈତିକ ଟିକେଟ ପାଇବା ପରେ ଲଢ଼ିଛନ୍ତି; ହାରିଯାଇ ପୁଣି ନିଜ ଡାକ୍ତରଖାନା ସମ୍ଭାଳିଛନ୍ତି, ଫିସ୍ ବଦଳରେ ରୋଗୀ ସେବା କରିଛନ୍ତି। ବିନା ଫିସ୍‌ରେ କି ରିହାତିରେ କରି ନାହାନ୍ତି। ଅପରନ୍ତୁ, ରାଜନୈତିକ କାର୍ଯ୍ୟକ୍ରମରେ ବି ସାଧାରଣ ଅବା ବିଶିଷ୍ଟ କର୍ମୀ ଭାବେ କେବେ ଭାଗ ନେଇ ନାହାନ୍ତି।

ଏପରି ସ୍ଥଳେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ଯେଉଁ ରାଜନୈତିକ କର୍ମୀ ବା ନେତା ଟିକେଟ ଆଶା କରି ଲୋକଙ୍କ ସେବାରେ ବ୍ରତୀ ହୋଇଥାନ୍ତି, ତାଙ୍କର ପ୍ରାୟତଃ ରାଜନୈତିକ ମୃତ୍ୟୁ ହୁଏ- ଯଦି ତାଙ୍କୁ ଦଳ କୌଣସି ରାଜନୈତିକ ପଦ ପଦବୀରେ ଥଇଥାନ ନ କରନ୍ତି- ତାହା ଦଳୀୟ ପଦବୀ ହୋଇପାରେ ନହେଲେ କର୍ପୋରେସନ ଆଦି ହୋଇପାରେ।

ବେଳେ ବେଳେ ପ୍ରଶ୍ନ ଉଠେ- ଯଦି ଉଚ୍ଚଶିକ୍ଷିତମାନେ ରାଜନେତା ହୁଅନ୍ତେ, ତେବେ ଦୁର୍ନୀତି ହୁଅନ୍ତା ନାହିଁ। ସମାଜରେ ଅସାମାଜିକ ତତ୍ତ୍ୱକୁ ରାଜନୈତିକ ଆଶ୍ରୟ ମିଳନ୍ତା ନାହିଁ। ମାତ୍ର ଏକଥା ନିଶ୍ଚିତ ଯେ ସବୁ ପ୍ରକାର ଦୁଷ୍କର୍ମ ଯେତେବେଳେ ସୁଶିକ୍ଷିତ ଲୋକଙ୍କ ଦ୍ୱାରା କରାଯାଇ ପାରୁଛି, ସେତେବେଳେ ଆମେ ଶିକ୍ଷାଗତ ଯୋଗ୍ୟତାକୁ ସମାଜ ସେବାମୂଳକ ରାଜନୀତିର ମାନଦଣ୍ଡ ବୋଲି ଧରି ପାରିବା ନାହିଁ। ଏହାର ଅର୍ଥ ନୁହେଁ ଯେ ବିଦ୍ୟାଳୟ/ ବିଶ୍ୱବିଦ୍ୟାଳୟ ଶିକ୍ଷାର ଆବଶ୍ୟକତା ନାହିଁ। ଯେପରି ପିଲାଟିର ଚରିତ୍ର ଗଢ଼ିବାରେ ପିତାମାତାଙ୍କଠାରୁ ପ୍ରାପ୍ତ ଶିକ୍ଷା ଏବଂ ସେମାନଙ୍କର ସାମାଜିକ ପରିବେଶ ବିଦ୍ୟାଳୟ ଶିକ୍ଷାଠାରୁ ଅଧିକ ପ୍ରଭାବଶାଳୀ, ସେହିପରି ରାଜନୀତି କରିବାକୁ ହେଲେ ସାମାଜିକ ଜୀବନର ଶିକ୍ଷା ନିହାତି ଦରକାର।

ବିଦ୍ୟାଳୟର ଶିକ୍ଷାକୁ ସାମାଜିକ ଜୀବନର ଶିକ୍ଷା ସହିତ ମିଶାଇଲେ ମଣିଷଠାରେ ଯେଉଁ ବ୍ୟକ୍ତିତ୍ୱର ବିକାଶ ଘଟେ, ତାହା ଜଣେ ପ୍ରକୃତ ରାଜନେତାଙ୍କୁ ଗଢ଼ି ତୋଳେ। ପ୍ରଥମେ ପିତାମାତାଙ୍କୁ ସଚ୍ଚୋଟ ଏବଂ ନୈତିକ ଆଚରଣ ପ୍ରଦର୍ଶନ କରିବାକୁ ପଡ଼ିବ, ଯାହାର ପ୍ରଭାବ ପିଲାମାନଙ୍କ ଉପରେ ଶିଶୁ ଅବସ୍ଥାରୁ ଶିକ୍ଷା ଗ୍ରହଣ ସମୟରେ ହିଁ ପଡ଼ିବ। କେବଳ ବିଦ୍ୟାଳୟରୁ ସତ କହି ପଛେ ମଲେ ମରିବି ପଢ଼ି ଦେଇ ଆସି ଘରେ ପ୍ରତ୍ୟେକ କଥାରେ ମିଛ ଦେଖୁଥିବା ପିଲାଟି କଦାପି ବିଦ୍ୟାଳୟର ପାଠକୁ କାମରେ ଲଗାଇ ପାରିବ ନାହିଁ।

ତେଣୁ ଯେତେବେଳେ କୌଣସି କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜନୀତିକୁ ନିମନ୍ତ୍ରଣ କରାଯିବ, ସେତେବେଳେ ଭଲ ଶିକ୍ଷା ଏବଂ କୌଣସି ନିର୍ଦ୍ଦିଷ୍ଟ ଭଲ ଗୁଣ ବା କଳା ରାଜନୀତି ଲାଗି ଯଥେଷ୍ଟ ନୁହେଁ ବୋଲି ବିଚାରକୁ ନେବାକୁ ହେବ। ରାଜନୀତି ପାଇଁ ଅଭିଜ୍ଞତା ଆବଶ୍ୟକ। ସମାଜ ସେବାର, ଆଞ୍ଚଳିକ ସୁବିଧା ଅସୁବିଧା, ଘୃଣା, ବିଦ୍ୱେଷ, ହିଂସା, ସ୍ନେହ, ମମତା ଆଦିର ପ୍ରତ୍ୟକ୍ଷାନୁଭୂତି ଆବଶ୍ୟକ।

**ବ୍ରାହ୍ମଣ ସାଇଲୋ, କଟକ**
**ମୋ: ୯୪୩୮୭୮୪୭୯୨**

## ସମ୍ପାଦକଙ୍କୁ ପତ୍ର

# ଗାଈଗୋରୁଙ୍କୁ ଜବତ କରାଯାଉ

ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମାଲିକମାନେ ଗାଈଗୋରୁଙ୍କୁ ନିଜ ହେପାଜତରେ ନରଖି ପ୍ରାୟ ସମୟ ବାହାରେ ଛାଡ଼ି ଦେଉଛନ୍ତି। ବର୍ତ୍ତମାନ ଚାଷ କାର୍ଯ୍ୟର ସମୟ ହୋଇଥିବାରୁ ଏହିସବୁ ବୁଲା ଗାଈଗୋରୁ ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛନ୍ତି। ବିଲଗୁଡ଼ିକରେ ଏବେ ଧାନଗଛ ଉଠିବା ସହ ଅନେକ ସ୍ଥଳରେ ବିହୁଡ଼ା ଓ ରୁଆ କାର୍ଯ୍ୟ ଆଗେଇ ଚାଲିଛି। ଏହି ସମୟରେ ବୁଲା ଗାଈଗୋରୁମାନେ ବିଲକୁ ପଶି କଅଁଳ ଧାନ ଗଛସବୁ ଖାଇଯିବା ସହ ସେସବୁକୁ ଦଳି ଦେଉଥିବାରୁ ଏହା ନଷ୍ଟ ହୋଇ ଯାଉଛି। ବିଶେଷକରି ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟାରେ ଗାଈଗୋରୁ ଥିବାରୁ ଏଠିକାର ଚାଷୀମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଗାଈଗୋରୁ ବିଲକୁ ପଶି ଧାନ ନଷ୍ଟ କରି ଦେଉଥିବା ନେଇ ଅନେକ ସମୟରେ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ମଧ୍ୟ ଦେଖାଯାଏ। ଆଗରୁ, ବିଶେଷକରି ଏହି ଚାଷବାସ ସମୟରେ ଗାଈଗୋରୁ ମାଲିକମାନେ ଗାଈ ଚରାଳି ନିଯୁକ୍ତ କରି ସକାଳୁ ଗାଈଗୁଡ଼ିକୁ ଚରାଇବାକୁ ପଠାଉ ଥିଲେ ଏବଂ ସନ୍ଧ୍ୟାରେ ଗାଈଗୋରୁ ଘରକୁ ଫେରିଲା ପରେ ନିଜ ନିଜ ଗୁହାଳରେ ରଖୁଥିଲେ। କାଁ ଭାଁ କେଉଁଠି ଯଦି କେହି ଗାଈଗୋରୁଙ୍କୁ ବାହାରେ ଛାଡ଼ି ଦେଉଥିଲେ, ତେବେ ସ୍ଥାନୀୟ ପଞ୍ଚାୟତ କିମ୍ବା ପ୍ରଶାସନ ଦ୍ୱାରା ପରିଚାଳିତ କାଞ୍ଜି ଘରମାନଙ୍କରେ ସେସବୁ ବୁଲା ଗାଈଗୋରୁଙ୍କୁ ପୂରାଇ ଦିଆ ଯାଉଥିଲା। ପରେ ସମ୍ପୃକ୍ତ ଗୋରୁ ମାଲିକ ଫାଇନ ପଇଠ କରି ନିଜ ଗାଈଗୋରୁଙ୍କୁ ମୁକୁଳାଉ ଥିଲେ। ଏବେ ସେସବୁ ବ୍ୟବସ୍ଥା ଆଉ ନାହିଁ। ତେଣୁ ଲୋକେ ବିନା ଦ୍ୱିଧାରେ ଗାଈଗୋରୁଙ୍କୁ ବାହାରେ ଛାଡ଼ି ଦେଉଛନ୍ତି। ଏହା ବିଚରା ଚାଷୀଙ୍କ ପାଇଁ ଏହା ବେଶ୍ କ୍ଷତିକାରକ ହେଉଛି। ତେଣୁ ଏ ନେଇ ପ୍ରଶାସନ ଗାଈଗୋରୁ ମାଲିକମାନଙ୍କୁ ତାଗିଦ୍ କରିବା ସହ ଗାଈଗୋରୁ ଯେମିତି ବାହାରେ ନ ବୁଲିବେ, ସେ ନେଇ ବ୍ୟବସ୍ଥା କରିବା ନିହାତି ଜରୁରୀ।

**ବୈଷ୍ଣବ ମେହେର, ସିନାପାଲି, ନୂଆପଡ଼ା**

# ନିଷ୍ଠୁର ପେସା

ରାଜନୀତି ଏମିତି ଏକ ନିଷ୍ଠୁର ପେସା, ବିଶେଷକରି ଏକ ଅଧିକ ଦ୍ୱେଷପୂର୍ଣ୍ଣ ଗଣମାଧ୍ୟମ ଏବଂ ଏକ ସର୍ବବିଦ୍ୟମାନ ସାମାଜିକ ଗଣମାଧ୍ୟମର ଚାକ୍ଷୁଷ ଏବଂ ଖୋଲା ଯୁଗରେ ଯେ ଇଣ୍ଟରନେଟ୍‌ର ଗତିରେ ଏକ ପଶ୍ଚାଦାଘାତ ନିର୍ମାଣ ହୋଇଯାଏ ଏବଂ ବ୍ରିଟେନ୍‌ର କେଇର୍ ଷ୍ଟାର୍ମର- ଜଣେ ସଜ୍ଜନ ବ୍ୟକ୍ତି, ଯିଏକି ବିଂଶ ଶତାବ୍ଦୀରେ ସରକାରମାନେ ଅଧିକାଂଶ ସମୟରେ ବନ୍ଦ ଦରଜା ପଛରେ କାମ ଚଳାଉ ଥିବା ବେଳେ ଜଣେ ଯଥେଷ୍ଟ ଦକ୍ଷ ପ୍ରଧାନମନ୍ତ୍ରୀ ହୋଇ ପାରିଥାନ୍ତେ, ହଠାତ୍ ଜଣେ ଅପାରଗ ପ୍ରଧାନମନ୍ତ୍ରୀ ହୋଇ ନିଜ ଆସନରୁ ବିତାଡ଼ିତ ହୁଅନ୍ତି। ଏକ ଗଣଭୋଟ୍, ଯାହା ବ୍ରେକ୍ସିଟ୍ ଦିଗରେ ପଥ କଢ଼ାଇ ନେଇଥିଲା, ତାହା ଅନୁଷ୍ଠିତ ହେବା ସମୟଠାରୁ ବିଗତ ୧୦ ବର୍ଷ ମଧ୍ୟରେ ଛଅ ଜଣ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କୃତ ହେବା ଯଥେଷ୍ଟ ସ୍ପଷ୍ଟ ସୂଚନା ପ୍ରଦାନ କରେ ଯେ ବ୍ରିଟେନ୍ ନିଜ ଉପରେ ଲଦି ଦେଇଥିବା ବିଚ୍ଛିନ୍ନତା ଯୋଗୁଁ ଆର୍ଥିକ ଭାବରେ ଢେର୍ କଷ୍ଟ ଭୋଗିଛି; ଏକ ବିରୋଧାଭାସ ଯେ ୟୁରୋପୀୟ ରାଷ୍ଟ୍ରସଂଘରୁ ଅଲଗା ହୋଇଯିବା ବେଆଇନ ଅପ୍ରବାସନରୁ ଆଶ୍ୱାସନା ପ୍ରଦାନ କରିବା ପାଇଁ ସେମିତି ବିଶେଷ କିଛି ଅବ୍ୟାହତି ଆଣି ଦେଇନାହିଁ। ପ୍ରବାସୀମାନଙ୍କୁ ଦେଶରୁ ବାହାର କରିବା ତଥା ଉତ୍ତର ସାଗରରେ ଶକ୍ତି ଉତ୍ସଗୁଡ଼ିକର ଉପଯୋଗ କରି ନ ପାରିବା ଆଟ୍‌ଲାଣ୍ଟିକ୍ ମହାସାଗରରେ ମିତ୍ରତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିବା ଶତ୍ରୁମାନଙ୍କ ଦ୍ୱାରା ତାଙ୍କର ପତନର କାରଣ ଭାବରେ ଉଲ୍ଲେଖ କରାଯାଉଛି। ୧୦ ଡାଉନିଂ ଷ୍ଟ୍ରିଟ୍‌ରେ ଆଉ ଏକ ପରିବର୍ତ୍ତନ ହେବାକୁ ଯାଉଥିବା ଖବରକୁ ଆପାତତଃ ଏକ ଖୁସିର ସମାଚାର ଭାବରେ ଆନନ୍ଦିତ ମନରେ ଆମେରିକାର ରାଷ୍ଟ୍ରପତି ଗ୍ରହଣ କରିଥିବା ମନେ ହେଉଛି। ଏହି ଅଧ୍ୟାୟର ଦୁଃଖଦ ଭାଗଟି ହେଉଛି ଏୟା ଯେ ଜଣେ ଭାବୁକ ବିଦାୟୀ ପ୍ରଧାନମନ୍ତ୍ରୀ ଭାବରେ ଶ୍ରୀଯୁକ୍ତ ଷ୍ଟାର୍ମର ନିଜର ଦସ୍ତାବିଜଗୁଡ଼ିକ ଉପରେ ସ୍ୱାକ୍ଷର କରି ସେସବୁକୁ ଥୋଇ ଦେବାକୁ ଯାଉଥିବା ବେଳେ ନିଜର ଅସଫଳତାକୁ ସ୍ୱଇଚ୍ଛାରେ ଗ୍ରହଣ କରିନେବା ଭଳି ମନେ ହୋଇଥିଲେ।

ନୂତନତ୍ୱ ପକ୍ଷକୁ ଢଳିବା ହୁଏତ ଶ୍ରୀଯୁକ୍ତ ଷ୍ଟାର୍ମରଙ୍କ ପାପକୁ ଟିକେ ଅତିରଞ୍ଜିତ କରୁଥାଇପାରେ, ଯେମିତିକି ଆମେରିକାକୁ ରାଷ୍ଟ୍ରଦୂତ ଭାବରେ ସେ ଜେଫ୍ରି ଏପ୍‌ଷ୍ଟେଇନ୍-ଦାଗ ଲାଗିଥିବା ପିଟର ମାଣ୍ଡେଲସନ୍‌ଙ୍କୁ ନିଯୁକ୍ତି ପ୍ରଦାନ କରିବା ଏବଂ ଟେଇଲର ସ୍ୱିଫ୍ଟ କନ୍‌ସର୍ଟ ଏବଂ ଆର୍ସେନାଲର ଫୁଟ୍‌ବଲ୍ ମ୍ୟାଚ୍ ନିମନ୍ତେ ବିନା ମୂଲ୍ୟରେ ପ୍ରଦାନ କରାଯାଇଥିବା ଟିକେଟ୍‌କୁ ଗ୍ରହଣ କରିବା ଇତ୍ୟାଦି। ।ଉ ଏସବୁ ସେ କରିଥିଲେ ଟୋରିମାନଙ୍କ ଉପରେ ୟୁକେ ଲେବର ପାର୍ଟିର ବିପୁଳ ବିଜୟ ଲାଭ ନିମନ୍ତେ ନେତୃତ୍ୱ ପ୍ରଦାନ କରି, ଯେଉଁମାନେ କି ଖୋଦ୍ ଜନସାଧାରଣଙ୍କ ଦ୍ୱାରା ୟୁକେ ଲକ୍‌ଡାଉନ୍‌ରେ ଥିବା ସମୟରେ କୋଭିଡ୍-ସମୟ ପାର୍ଟି କରିବା ଭଳି ପାପ କରିବାର ଅଭିଯୋଗରେ ବହିଷ୍କୃତ ହୋଇଥିଲେ। ପୁନଶ୍ଚ, ଲେବର ଦଳର ମୁଖ୍ୟ ବିପଦ ନାଇଜେଲ ଫାରାଜେଙ୍କ ନେତୃତ୍ୱରେ ପରିଚାଳିତ ଦକ୍ଷିଣପନ୍ଥୀ ରିଫର୍ମ ପାର୍ଟି ଦ୍ୱାରା ହୋଇଥିବାର କଳ୍ପନା କରି ସେଥିରେ ରାଜନୀତିକ ଦୃଷ୍ଟିକୋଣରୁ ଶ୍ରୀଯୁକ୍ତ ଷ୍ଟାର୍ମରଙ୍କ ବିଫଳତାକୁ ସ୍ଥାପନ କରାଯାଇପାରେ ଏବଂ ଆର୍ଥିକ ଭାବରେ ସାମାନ୍ୟ ଉଚ୍ଚ ହାରର ପେନ୍‌ସନ୍ ପାଉଥିବା ଲୋକମାନଙ୍କ ଉପରେ ସେମାନଙ୍କର ଶୀତକାଳୀନ ଉତ୍ତାପ ପ୍ରାପ୍ତି ନିମନ୍ତେ ଅଧିକ ଟିକସ ଧାର୍ଯ୍ୟ କରିବା ସହିତ ଟୋରିମାନେ ସେମାନଙ୍କର ଆଡ଼ମ୍ବରପୂର୍ଣ୍ଣ ପରିଚାଳନା ଦ୍ୱାରା ୟୁକେରେ ଯେଉଁ ଦୁରବସ୍ଥା ସୃଷ୍ଟି କରିଥିଲେ, ତା'ର ନକାରାତ୍ମକ ପରିଣତିକୁ ବଦଳାଇବା ଉଦ୍ଦେଶ୍ୟରେ ସାମଗ୍ରିକ ଭାବରେ ଟିକସ ବୃଦ୍ଧି କରିବା ହୋଇପାରେ।

ତେବେ ଦେଶର ଅର୍ଥନୀତିର ଗଳାରୁଦ୍ଧ ହୋଇ ଆସିବା ସବୁଠୁ ବଡ଼ କାରଣ ହୋଇଥିଲା, ଯାହା ଟୋରିମାନଙ୍କର ଠିକ୍ ସିଧାସଳଖ ବିପରୀତ କାର୍ଯ୍ୟ କରିବା ନିଶାରେ ଲେବର ପାର୍ଟି ହୁଏତ ଭୁଲି ଯାଇଥିଲା, ଯାହା ହୋଇଥିଲା ଡେଭିଡ୍ କାମେରୁନ୍ ଗଣଭୋଟ୍‌ର ଜାଲ ଭିତରେ ଫସିଯିବା ପରେ ଟୋରିମାନଙ୍କର ଜଣକ ପରେ ଜଣେ ପ୍ରଧାନମନ୍ତ୍ରୀ ସେହି ପଥରେ ଯିବା ଦ୍ୱାରା। 'ସବୁ ନାଟର ଗୋବର୍ଦ୍ଧନ ହେଉଛି ଅର୍ଥନୀତି'- ହୁଏତ ହୋଇପାରେ ସର୍ବୋତ୍କୃଷ୍ଟ ବିଶ୍ଳେଷଣ- ଯାହା ବ୍ରିଟେନ୍‌ରେ ଚାଲିଛି, ସେହି ପରିପ୍ରେକ୍ଷୀରେ, କିନ୍ତୁ ଯାହା ବିଷୟରେ ଲେବର ଦଳ କ୍ୱଚିତ୍ କିଛି କରି ପାରିଥିଲା ପାଖାପାଖି ଦେଢ଼ ଦଶନ୍ଧି ଧରି କ୍ଷମତାର ବଳୟଠାରୁ ଦୂରରେ ରହି ପୁଣି ତାକୁ ଫେରି ପାଇବା ପରେ। ଗୋଟିଏ ପଟେ ରୁଷିଆ ଯୁଦ୍ଧରେ ରୁଷିଆ କାଳେ ଅଧିକ ପାଇବା ପାଇଁ ଆଖି ପକେଇବ, ସେଇ ଆଶଙ୍କାରେ ଶ୍ରୀଯୁକ୍ତ ଭୋଲୋଦିମିର ଜେଲେନ୍‌ସ୍କିଙ୍କୁ ଆର୍ଥିକ ସହାୟତା ସହିତ ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇବାକୁ ଆଗେଇ ଆସିଥିଲା ବ୍ରିଟେନ୍, ଯଦିଓ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଆମେରିକା ଇରାନ୍ ଯୁଦ୍ଧ ସମୟରେ ତୈଳ ଓ ଗ୍ୟାସ୍‌ର ମୂଲ୍ୟବୃଦ୍ଧି ସମେତ ଆଭ୍ୟନ୍ତରୀଣ ପ୍ରତିବାଦ ଭଳି ବାହ୍ୟ ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ଏହାର ସହାୟତା ଲୋଡ଼ିଥିଲେ ସୁଦ୍ଧା ଏହା ସେହି ସହାୟତା ପ୍ରଦାନ ନ କରି ଏକ ବିଜ୍ଞତାର କାର୍ଯ୍ୟ କରିଥିଲା। ଶ୍ରୀଯୁକ୍ତ ଷ୍ଟାର୍ମର ସେପରି ଲୋକ ନଥିଲେ। ଶେଷରେ, ତାଙ୍କ ନିଜ ଦଳ ଭିତରେ ବିଦ୍ରୋହ ତାଙ୍କୁ ଜଣେ କ୍ୟାରିଅର ରାଜନେତା ଭାବରେ କ୍ଷତାକ୍ତ କରିଥିଲା; ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ତଥା ମାଞ୍ଚେଷ୍ଟରର ଲୋକପ୍ରିୟ ମେୟର ଖୁବ୍ ଶୀଘ୍ର କ୍ଷମତାର ଅଙ୍କ କଷାରେ ଶିଡ଼ି ଚଢ଼ି ଉପରକୁ ଉଠି ପାରିଥିଲେ। ମାଞ୍ଚେଷ୍ଟରର ଆଣ୍ଡି ବର୍ଣ୍ଣହାମ୍ ରିଫର୍ମ ଦଳକୁ ଏକ ଉପନିର୍ବାଚନରେ ବହୁମତ ବଳରେ ହରାଇ ପାରିଥିଲେ ଏବଂ ଅନ୍ୟାନ୍ୟ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଅପେକ୍ଷା ପ୍ରଧାନମନ୍ତ୍ରୀଙ୍କୁ ଆହ୍ୱାନ ଦେବା ପାଇଁ ଜଣେ ଟାଣୁଆ ସାଂସଦ ହୋଇ ପାରିଥିଲେ, ଯାହାଙ୍କର ଆଖି ରହିଥିଲା ଶ୍ରୀଯୁକ୍ତ ଷ୍ଟାର୍ମରଙ୍କ ଆସନ ଉପରେ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଆର୍ଥିକ ଭାବରେ ଏକ ସ୍ଥାଣୁ ଅବସ୍ଥା ଦେଇ ଗତି କରୁଥିବା ଏକ ରାଷ୍ଟ୍ରରେ ଶ୍ରୀଯୁକ୍ତ ବର୍ଣ୍ଣହାମ୍ କିପରି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତାଙ୍କ ସମ୍ମୁଖରେ କେବଳ ଏତିକି ଆହ୍ୱାନ ରହିନାହିଁ, ବରଂ ଆହୁରି ରହିଛି ଲେବର ପାର୍ଟି ନିଜର ଭବିଷ୍ୟତକୁ ନେଇ ଚିନ୍ତିତ ଥିବା ବେଳେ ଗ୍ରୀନ୍‌ସ୍ ଏବଂ ରିଫର୍ମ ପାର୍ଟି ଧୀରେ ଧୀରେ ସେମାନଙ୍କର ସ୍ଥିତିକୁ ସୁଦୃଢ଼ କରୁଥିବା ଭଳି ଅବସ୍ଥା। ତେବେ ଅସଲ ପ୍ରଶ୍ନ ହେଉଛି, ଧନୀମାନଙ୍କ ଉପରେ ଲେବର ଦଳର ଯୁଦ୍ଧକୁ ପଦ ପ୍ରାପ୍ତିର ପ୍ରତୀକ୍ଷାରେ ରହିଥିବା ପ୍ରଧାନମନ୍ତ୍ରୀ ବନ୍ଦ କରି ପାରିବେ କି ନାହିଁ ଏବଂ ତା' ପରେ ବି ବ୍ରିଟେନ୍‌କୁ ସମୃଦ୍ଧିର ପଥରେ ଆଗେଇ ନେଇ ପାରିବେ କି ନାହିଁ!

# ବ୍ୟଷ୍ଟିଗତ ଓ ବ୍ୟକ୍ତିଗତ

ନଈ କୂଳରେ ଗାଁଟିଏ। ଦଶ- ବାରଟି ପରିବାର ରୁହନ୍ତି। ଘରଗୁଡ଼ିକ ଛାଡ଼ି ଛାଡ଼ି ଥାଏ। ନଈ ଖୁବ୍ ଜୋର୍‌ରେ ବଢ଼ିଥାଏ। ସେଇ ଗାଁ ପାଖରେ ଘାଇ ଭାଙ୍ଗିବାର ସମ୍ଭାବନା ଥାଏ। ବହୁ ଲୋକ ଆତଙ୍କିତ। ସମସ୍ତେ ନିଜକୁ ଓ ନିଜ ପରିବାର ତଥା ଧନ ସମ୍ପତ୍ତିକୁ ରକ୍ଷା କରିବାକୁ ବ୍ୟଗ୍ର ହେଉଥାନ୍ତି। ଏତିକି ବେଳେ ସନ୍ଥ ଘୋଷଣା କଲେ ଯିଏ ଯାହା ମାଗିବା କଥା, ମାଗିନିଅ। ପରମାତ୍ମା ନିଶ୍ଚୟ ଶୁଣିବେ। ଦୁଇଟି ପରିବାର ଆସିଲେ। ଗୋଟିଏ ପରିବାରର ମୁଖ୍ୟ କହିଲା- 'ମହାତ୍ମା! ଯାହାହେଉ ପଛେ, ଅନ୍ତତଃ ମୋ ପରିବାରଟି ରହିଯାଉ।' ଆଉ ଜଣେ କହିଲା- 'ମହାତ୍ମା! ଖାଲି ମୋ ପରିବାର ନୁହେଁ, ଗାଁର ସମସ୍ତଙ୍କ ପରିବାର ଭଲରେ ରହୁ।' ମହାତ୍ମା ଉଭୟଙ୍କୁ ଆଶୀର୍ବାଦ ଦେଲେ। ରାତି ଅଧ। ହଠାତ୍



ଲୋକଙ୍କ ହୋ ହଲ୍ଲା ଶୁଭିଲା। ବୋଧହୁଏ ନଈ ବନ୍ଧ ଭାଙ୍ଗିଗଲା। ଘୁ ଘୁ ହୋଇ ପାଣି ବଢ଼ିଲା। ସେ ଗାଁ'ର ଲୋକେ ଜଳଖିଆପତ୍ର ଓ ପରିବାର ଧରି ନିଜ ନିଜ ଛପରକୁ ଚାଲିଗଲେ। ଚାହୁଁ ଚାହୁଁ ପାଣି ବଢ଼ିଲା। ପ୍ରଥମ ପରିବାରଟିର ଛପର ବହୁ ଦୂରକୁ ଭାସିଗଲା। ସେତେବେଳକୁ ସକାଳ ହେଲାଣି। ଯୁଆଡ଼େ ଅନେଇଲେ ପାଣି। କେହି କୁଆଡ଼େ ନାହାନ୍ତି। ତାଙ୍କ ଚିତ୍କାର ବି କାହାକୁ ଶୁଭୁ ନଥାଏ। ଗାଁ ଗଣ୍ଡା କୁଆଡ଼େ ଆଖି ପାଉ ନଥିଲା। ଯାହା ଖାଇବା ପିଇବା ଥିଲା, ସରି ଆସୁଥାଏ। ଏହା ଭିତରେ ଦୁଇ ଦିନ ବିତି ଯାଇଥାଏ। ପାଣିର ସୁଅ ବି କମି ଯାଇଥାଏ। ଗୋଟିଏ ଗାଁରେ ସେମାନେ ଲାଗିଲେ। ସମସ୍ତେ ସୁରକ୍ଷିତ ଥିଲେ। ଲୋକଟି ନିଜର ପରିବାରକୁ ସିନା ପାଇଥିଲା, ହେଲେ ଗାଁ ବାସୀଙ୍କୁ ହରେଇ ଥିବାରୁ ବହୁତ କାନ୍ଦୁଥିଲା। ସେ ଲୋକର ପରିବାରର ସମସ୍ତେ ଗାଁ ପାଇଁ କାନ୍ଦୁଥିଲେ। ପାଣି ସମ୍ପୂର୍ଣ୍ଣ ଶୁଖିଯିବା ପରେ ଗାଁକୁ ଆସି ଦେଖନ୍ତି ତ ସମସ୍ତେ ଅଛନ୍ତି। କେହି ମୃତ୍ୟୁବରଣ କରି ନାହାନ୍ତି। କୌଣସି ଘର ଭାସି ଯାଇନି। କେବଳ ତାଙ୍କରି ପରିବାର ଭାସି ଯାଇଥିଲା।

ଏତିକି ବେଳେ ମହାତ୍ମା ପହଞ୍ଚି ଗଲେ ଆଉ କହିଲେ- 'ଯିଏ କେବଳ ନିଜର ସ୍ୱାର୍ଥ ଚାହେଁ, ତାକୁ ବହୁ କଷ୍ଟ ଭୋଗିବାକୁ ହୁଏ। ବ୍ୟକ୍ତିଗତ ଇଚ୍ଛାକୁ ପୂରଣ କରିବାକୁ ଗଲେ ମଣିଷ ସ୍ୱାର୍ଥପର ହୋଇଯାଏ। ବ୍ୟଷ୍ଟିଗତ ଇଚ୍ଛାକୁ ପୂରଣ କଲେ ମଣିଷ ନିଃସ୍ୱାର୍ଥପର ହୋଇଥାଏ। ଆମେ ସ୍ୱାର୍ଥପର ହେବା କି ନିଃସ୍ୱାର୍ଥପର ହେବା, ତାହା ନିର୍ଭର କରେ ଆମ ଉପରେ। ଯୋଉ ଲୋକ କେବଳ ନିଜର ମଙ୍ଗଳ ଚାହେଁ, ତା' ପାଇଁ ପରବର୍ତ୍ତୀ ସମୟ ଦୁଃଖଦାୟକ ହୋଇଥାଏ। କାରଣ ମଣିଷ ଏକାକୀ ଚଳିବା ସମ୍ଭବ ନୁହେଁ। ଯୋଉ ମଣିଷ ସମସ୍ତଙ୍କର ମଙ୍ଗଳ ଚାହେଁ, ତା' ପାଇଁ ସବୁ ସମୟ ସୁଖଦାୟକ। କାରଣ ସମସ୍ତଙ୍କ ଭିତରେ ସେ ବି ନିଜେ ରହିଥାଏ। ଅନ୍ୟମାନେ ଯୋଉ ଦଶା ଭୋଗିବେ, ସେ ବି ସେଇ ଦଶା ଭୋଗିବ। ପୁଣି ସମସ୍ତଙ୍କ ପାଇଁ ଗୋଟିଏ ଦଶା ମିଳିଲେ, ତାହା ଦୁଃଖ ବା ସମସ୍ୟା ଦିଏନା। ସେଥିପାଇଁ ଚତୁର ମଣିଷଟିଏ ବ୍ୟକ୍ତିଗତ ସ୍ୱାର୍ଥ ନୁହେଁ; ବ୍ୟଷ୍ଟିଗତ ସ୍ୱାର୍ଥକୁ ଗୁରୁତ୍ୱ ଦିଏ।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ନଡ଼ିଆ ଗଛରୁ ଖସି ବ୍ୟବସାୟୀଙ୍କ ମୃତ୍ୟୁ



**କୋଣାର୍କ,୨୪।୬/ଏନ୍‌ଏନ୍‌ଏସ୍:** କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ନଡ଼ିଆ ଗଛରୁ ପଡ଼ି ଗ୍ରାମର ଛବି କାଣ୍ଡିଙ୍କ ପୁତ୍ର ସୁକାନ୍ତ କାଣ୍ଡି (୪୦)ଙ୍କର ଅକାଳ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସୁକାନ୍ତ ଚନ୍ଦ୍ରଭାଗାରେ ନିଜ ବ୍ୟବସାୟ ପାଇଁ ଆବଶ୍ୟକ ପଇଡ଼ ଓ ନଡ଼ିଆ ସଂଗ୍ରହ କରିବା ଉଦ୍ଦେଶ୍ୟରେ ନିଜ ଗ୍ରାମର ଏକ ନଡ଼ିଆ ଗଛରେ ଚଢ଼ିଥିଲେ। ମାତ୍ର ନଡ଼ିଆ ତୋଳୁଥିବା ସମୟରେ ଅଚାନକ ଭାରସାମ୍ୟ ହରାଇ ସେ ଗଛ ଉପରୁ ତଳକୁ ଖସି ପଡ଼ିଥିଲେ। ଗଛରୁ ପଡ଼ି ସେ ଗୁରୁତର ହେବା ସହ ଚେତାଶୂନ୍ୟ ହୋଇଯାଇଥିଲେ। ଏହା ଦେଖି ପରିବାର ଲୋକ ଓ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ତୁରନ୍ତ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମର୍ମନ୍ତୁଦ ଘଟଣା ନେଇ ପରିବାର ପକ୍ଷରୁ କୋଣାର୍କ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି କୋଣାର୍କ ପୁଲିସ ପୁରୀ ହସ୍ପିଟାଲରେ ପହଞ୍ଚି ମରଶରୀରକୁ ଜବତ କରିବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଆଇନଜୀବୀଙ୍କ ପରଲୋକ

## ଚକ୍ଷୁଦାନ କରି ଦେଖାଇଲେ ମହାନତା



**ଓଡ଼ଗାଁ,୨୪।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପାଣ୍ଡେରିପଡ଼ା ପଞ୍ଚାୟତ ଅଧୀନ ମଦନପୁର ଗ୍ରାମର ବିଶିଷ୍ଟ ରାଜନେତା ତଥା ପୂର୍ବତନ ସରପଞ୍ଚ ବିପ୍ର ଚରଣ ବଳିୟାରସିଂଙ୍କ ପୁତ୍ର ଓଁ ବଳିୟାରସିଂ (୩୭)ଙ୍କର ସୋମବାର ବିଳମ୍ବିତ ରାତ୍ରିରେ ଏକ ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି। ଶ୍ରୀ ବଳିୟାରସିଂ ଭୁବନେଶ୍ୱର ଏବଂ ଉଚ୍ଚ ନ୍ୟାୟାଳୟର (ହାଇକୋର୍ଟ) ଜଣେ ପ୍ରତିଷ୍ଠିତ ଯୁବ ଆଇନଜୀବୀ ଭାବେ କାର୍ଯ୍ୟରତ ଥିଲେ ଓ ଭୁବନେଶ୍ୱରରେ ଭଡ଼ାଘର ନେଇ ରହୁଥିଲେ। ସୋମବାର ରାତିରେ କାର୍ଯ୍ୟ ଶେଷ କରି ସେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଟଙ୍କପାଣି ରୋଡ୍‌ରେ ହଠାତ ଗାଡ଼ିର ପଛ ଚକା ଦବି ଯାଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ଛିଟିକି ପଡ଼ିଥିଲେ ଏବଂ ରାସ୍ତା କଡ଼ରେ ଥିବା ଲୁହା ରଡ୍‌ଗୁଡ଼ିକ ମଧ୍ୟରେ ଚାପି ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ସହାୟତା ଗାଡ଼ି ଯୋଗେ ତାଙ୍କୁ ତୁରନ୍ତ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ୍‌କୁ ନେଇଥିଲେ। ମାତ୍ର ସେଠାରେ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଦୁଃଖଦ ସମୟରେ ମଧ୍ୟ ମୃତ ଓଁଙ୍କ ବାପା ଧୈର୍ଯ୍ୟର ସହ ମହାନତା ଦେଖାଇ ମୃତକଙ୍କ ଦୁଇ ଚକ୍ଷୁକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାନ କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହାପରେ ଭୁବନେଶ୍ୱର ବାର୍ ଆସୋସିଏସନର୍ ସହଯୋଗରେ ଶବ ବ୍ୟବଚ୍ଛେଦ କରାଯାଇ ମରଶରୀର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆଜି ମଧ୍ୟାହ୍ନରେ ତାଙ୍କ ପାର୍ଥିବ ଶରୀର ନିଜ ଜନ୍ମମାଟି ମଦନପୁର ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ଗ୍ରାମ ଶ୍ମଶାନରେ ଓଁଙ୍କ ୪ ବର୍ଷର ଶିଶୁପୁତ୍ର ମୁଖାଗ୍ନି ଦେବା ସହ ଅଶ୍ରୁଳ ବିଦାୟ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ଜଣେ ଗିରଫ



**ଆଠଗଡ଼,୨୪।୬/ଏନ୍‌ଏନ୍‌ଏସ୍:** ଆଠଗଡ଼ ଅଞ୍ଚଳ ଦୀର୍ଘ ଦିନ ହେବ ବେଆଇନ ନକଲି ଦେଶୀ, ବିଦେଶୀ ମଦ ଏବଂ ଗଞ୍ଜେଇ ମାଫିଆଙ୍କ ପ୍ରମୁଖ ଗଡ଼ ପାଲଟିଛି। ସ୍ଥାନୀୟ ଅବକାରୀ ବିଭାଗ, ଭ୍ରମ୍ୟମାଣ ଅବକାରୀ, କେନ୍ଦ୍ରୀୟ ଅବକାରୀ ବିଭାଗ ଏବଂ ସ୍ଥାନୀୟ ପୁଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଏହି ଚୋରା ଚାଲାଣ କାରବାର ବ୍ୟାପକ ରୂପ ଧାରଣ କରିଛି। ଆଜି ସ୍ପଷ୍ଟ ଦିବାଲୋକରେ ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ମୁଖ୍ୟ ରାସ୍ତା କୁଣ୍ଡମୁଣ୍ଡିଆ ଗଡ଼ା ତଳେ ଥିବା ବାଉଁଶ ଗଛ ମୂଳରେ ବସ୍ତା ବସ୍ତା ଗଞ୍ଜେଇ ଗଚ୍ଛିତ ରଖାଯାଇଥିବା ବେଳେ ଭୁବନେଶ୍ୱର ଏସଟିଏଫର (ସ୍ପେସିଆଲ ଟାସ୍କ ଫୋର୍ସ/ସ୍ପେସିଆଲ ଷ୍ଟ୍ୟାକ୍ସ ଫୋର୍ସ) ଏକ ୧୦ ଜଣିଆ ଟିମ୍ ଅପରାହ୍ନରେ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ୮ ବସ୍ତାରୁ ମୋଟ ୧ କ୍ୱିଣ୍ଟାଲ ୯୩ କେଜି ୭୫୦ ଗ୍ରାମର ଗଞ୍ଜେଇ ଜବତ କରାଯିବା ସହ ଗଞ୍ଜେଇ ମାଫିଆ ଫୁଲବାଣୀ ଥାନା ଅଞ୍ଚଳ ଫିରିଙ୍ଗିଆ ଗ୍ରାମର ଖଗେଶ୍ୱର କହଁରଙ୍କ ପୁଅ ନୀଳାମ୍ବର କହଁର (୪୮)ଙ୍କୁ ଗିରଫ କରାଯାଇଛି।

ଏହି କାରବାର ଉପରେ ଦୀର୍ଘ ଦିନରୁ ନଜର ରଖିଥିବା ଏସ୍‌ଟିଏଫ୍‌ର ସବଇନ୍ସପେକ୍ଟର୍ ଅରୁଣ କୁମାର ମଲ୍ଲିକ ସ୍ପେସିଆଲ ଡିଆଇଜି କେ. ବି. ସିଂଙ୍କୁ ସୂଚନା ଦେଇଥିଲେ। ଶ୍ରୀ ସିଂଙ୍କ ନିର୍ଦ୍ଦେଶରେ ଏସଟିଏଫ ଆଇଆଇସି ଅମିତ କୁମାର ବିଶ୍ୱାଳ ଏବଂ ଆଇଆଇସି ପର୍ଶୁରାମ ସାହୁଙ୍କ ନେତୃତ୍ୱରେ ଗଠିତ ଦଳ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ଆଠଗଡ଼ ଥାନା ଜିମା ଦେଇଛନ୍ତି ଓ ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ। ମାତ୍ର ଏସଟିଏଫ ଦଳ ପହଞ୍ଚିବା ପୂର୍ବରୁ ଆଠଗଡ଼ ଅଞ୍ଚଳର ମୁଖ୍ୟ ମାଷ୍ଟରମାଇଣ୍ଡ ଫେରାର ହୋଇଯାଇଥିବାରୁ କେବଳ ସ୍ୱଳ୍ପ ପରିମାଣର ଗଞ୍ଜେଇ ଜବତ ହୋଇପାରିଛି। ପୂର୍ବରୁ ତିଗିରିଆ, ଖୁଣ୍ଟୁଣୀ ଏବଂ ଆଠଗଡ଼ ସହରର ବିରକେଶରପୁର ମୈତ୍ରୀ ନଗରରେ ଚାଲିଥିବା ନକଲି ବିଦେଶୀ ମଦ କାରଖାନା ବାବଦରେ ସ୍ଥାନୀୟ ପୁଲିସ କିମ୍ବା ଅବକାରୀ ବିଭାଗ ଟେର ପାଇ ନଥିବା ବେଳେ କେନ୍ଦ୍ରୀୟ ଅବକାରୀ ବିଭାଗ ଚଢ଼ାଉ କରି ଏହାକୁ ଜବତ କରିଥିଲା। ଏହି ବେଆଇନ କାରଖାନା ପଛରେ ଆଠଗଡ଼ର ବହୁ ନାମୀଦାମୀ ଲୋକଙ୍କ ହାତ ଥିବାରୁ ଘଟଣାକୁ ଚାପି ଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଆଠଗଡ଼ ଅବକାରୀ ବିଭାଗ ମୁଖ୍ୟାଳୟରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କିମ୍ବା ଅବକାରୀ ଥାନା ଓଆଇସି ପଦବୀ ଖାଲି ଥିବା ବେଳେ ଏକମାତ୍ର ଆଇଆଇସି ରବି ନାରାୟଣ ପ୍ରଧାନ ସମସ୍ତ ଦାୟିତ୍ୱ ତୁଲାଉଛନ୍ତି।

## ମହିଳାଙ୍କୁ ଅସଦାଚରଣ ଓ ମାଡ଼ ମାମଲା

# ଅଭିଯୁକ୍ତଙ୍କୁ ଜେଲ୍ ଦଣ୍ଡାଦେଶ

**ବାଲୁଗାଁ,୨୪।୬/ଏନ୍‌ଏନ୍‌ଏସ୍:** ବିଳମ୍ବିତ ରାତ୍ରିରେ ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ ଏବଂ ମାଡ଼ ମାରିବା ଭଳି ଏକ ସମ୍ବେଦନଶୀଳ ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ବୁଧବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡାଦେଶ ଶୁଣାଇଛନ୍ତି। ଅଦାଲତ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୪୪୮ ଅନୁଯାୟୀ ୬ ମାସ ଜେଲ ଏବଂ ୧ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ଅତିରିକ୍ତ ୧୫ ଦିନ ଜେଲ ଦଣ୍ଡ ଭୋଗିବା ପାଇଁ ଆଦେଶ ଦେଇଛନ୍ତି। ସେହିପରି ଧାରା ୩୫୪ ଅନୁଯାୟୀ ୨ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅତିରିକ୍ତ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସଜା ପାଇଥିବା ଅଭିଯୁକ୍ତ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନ ହାଟବରଡ଼ି ଗ୍ରାମର ଲିପୁନି ବେହେରା (୨୭)। ଘଟଣା ଅନୁଯାୟୀ, ଗତ ୨୦୨୩ ମସିହା ଅକ୍ଟୋବର ୨୮ ତାରିଖ ଦିନ ହାଟବରଡ଼ି ଗ୍ରାମର କାଲୁରୀ ବେହେରା କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ଉକ୍ତ ରାତ୍ରି ପ୍ରାୟ ୨ଟା ସମୟରେ ତାଙ୍କ ପତ୍ନୀ ବିଳାସୀ ଓ ପିଲାମାନେ ଘରେ ଶୋଇଥିଲେ। ଏହି ସମୟରେ ଲିପୁନି ବେହେରା ହଠାତ ଘରେ ପଶି ବିଳାସୀଙ୍କୁ ଅସଦାଚରଣ କରିବା ସହ ଟଣାଓଟରା କରିଥିଲା। ବିଳାସୀ ଏହାର ପ୍ରତିବାଦ କରିବାରୁ ସେ ବିଭିନ୍ନ ଧମକଚମକ ଦେଇଥିଲା। ପାଟି ଶୁଣି ବଡ଼ ପୁଅ ଉଠି ପଡ଼ିବାରୁ ଲିପୁନି ତାକୁ ମାଡ଼ ମାରିଥିଲା, ଯାହାଫଳରେ ତାର ମୁଣ୍ଡ ଫାଟିଯାଇଥିଲା। ପିଲାମାନଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ ଉଠିପଡ଼ିବାରୁ ଲିପୁନି ସେଠାରୁ ଖସି ପଳାଇଥିଲା। ପରଦିନ କାଲୁରୀ ଘରକୁ ଫେରି ସମସ୍ତ ଘଟଣା ଶୁଣିବା ପରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଟାଙ୍ଗୀ ପୁଲିସ ୭୪୨/୨୦୨୩ରେ ଏକ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଚିଲିକା ଅଦାଲତରେ ଏହି ମାମଲା ବିଚାରଧୀନ ଥିବା ବେଳେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମାଜିଷ୍ଟ୍ରେଟ ଏହି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏହି ମାମଲା ପରିଚାଳନା କରୁଥିଲେ।

# ୯ ମହଲା କୋଠାରୁ ଖସି ରଙ୍ଗମିସ୍ତ୍ରୀଙ୍କ ମୃତ୍ୟୁ

**କଣ୍ଟିଲୋ,୨୪।୬/ଏନ୍‌ଏନ୍‌ଏସ୍:** ପରିବାର ପ୍ରତିପୋଷଣ ପାଇଁ ଭୁବନେଶ୍ୱର ପାତ୍ରପଡ଼ାର ଏକ ଘରୋଇ ସଂସ୍ଥାରେ ରଙ୍ଗମିସ୍ତ୍ରୀ ଭାବେ ପ୍ରଥମ ଦିନ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ବଶତଃ ୯ ମହଲା କୋଠାରୁ ଖସିପଡ଼ି କଣ୍ଟିଲୋ ପଞ୍ଚାୟତ ପାଣୁସାହୁ ପାଟଣାର ଯୁବ ସଂଗଠକ ଶିବାନନ୍ଦ ବେହେରା ଓରଫ ଶିଲୁ (୨୩)ଙ୍କର ମଙ୍ଗଳବାର ଅକାଳ ମୃତ୍ୟୁ ହୋଇଛି। ଗତକାଲି ସକାଳେ ସେ ବସ୍ ଯୋଗେ କାର୍ଯ୍ୟକ୍ଷେତ୍ରକୁ ଯାଇଥିବା ବେଳେ ଏହି ମର୍ମନ୍ତୁଦ ଘଟଣା ଘଟିଥିଲା। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିଜର ସରଳ ଆଚାର ବ୍ୟବହାର ପାଇଁ ସମସ୍ତଙ୍କର ପ୍ରିୟ ଥିବା ଶିବାନନ୍ଦଙ୍କ ଶେଷ ଦର୍ଶନ ନିମନ୍ତେ ବହୁ ବନ୍ଧୁ ବାନ୍ଧବ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ଏକତ୍ରିତ ହୋଇଥିଲେ। ପରେ ଏକ ଶୋକାକୁଳ ପରିବେଶ ମଧ୍ୟରେ କଲେଜ ସମ୍ମୁଖ ମହାନଦୀ କୂଳ ଶଙ୍ଖତୋଟା ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବ୍ରାଉନ୍‌ସୁଗର୍ ଜବତ, ଜଣେ ଗିରଫ

**ମାହାଙ୍ଗା,୨୪।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅଞ୍ଚଳକୁ ବ୍ରାଉନସୁଗାର୍ ନେଇ ଆସୁଥିବା ଜଣେ ଚୋରା ବ୍ୟବସାୟୀଙ୍କୁ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗର ଏକ ଟିମ୍ ପିଛା କରି ଛତ୍ରତୋଟା ନିକଟରେ କାବୁ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ପ୍ରାୟ ୬ ଲକ୍ଷ ଟଙ୍କା ମୂଲ୍ୟର ୬୦ ଗ୍ରାମ ବ୍ରାଉନସୁଗର୍ ଜବତ କରାଯାଇଛି। ସୂଚନା ମୁତାବକ, ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗର ଅଧିକାରୀ ରାଜକିଶୋର ନାୟକ କୌଣସି ସୂତ୍ରରୁ ଖବର ପାଇ ସାଲେପୁରଠାରୁ ଏକ ଏକ୍ସଟ୍ରିମ ବାଇକ୍‌କୁ ପିଛା କରିଥିଲେ ଏବଂ ମାହାଙ୍ଗା ବ୍ଲକ ଛତ୍ରତୋଟା ବଜାରଠାରେ ଗାଡ଼ି ଚାଳକଙ୍କୁ ଅଟକାଇଥିଲେ। ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ୬୦ ଗ୍ରାମ ବ୍ରାଉନସୁଗାର୍ ମିଳିଥିଲା। ଅବକାରୀ ବିଭାଗ ବ୍ରାଉନସୁଗର୍ ସହ ଗାଡ଼ିଟିକୁ ଜବତ କରି କଟକ ଲାଲବାଗ ଥାନା ଫଟବିନ ସାହିର ଅବଦୁଲ କରିମ୍‌ଙ୍କୁ ଗିରଫ କରିଛି। ଗିରଫ ଚୋରା ବ୍ୟବସାୟୀ ଜଣକ ମାହାଙ୍ଗାର ବିଭିନ୍ନ ଅଞ୍ଚଳକୁ ପୂର୍ବରୁ ବହୁ ସମୟରେ ବ୍ରାଉନସୁଗାର ଚାଲାଣ କରୁଥିବା ନେଇ ଅବକାରୀ ଅଧିକାରୀ ରାଜକିଶୋର ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ସାଲେପୁର କୋର୍ଟ ଚାଲାଣ କରାଯାଇଛି। ବିଶେଷ କରି ଏବେ ଲଳିତଗିରି ପର୍ଯ୍ୟଟନ ସ୍ଥଳୀ, ମଧୁପୁର, ଆନନ୍ଦ ବଜାର, ବଉଳା ଓ ଲାଲବେଗୀ ଆଦି ସ୍ଥାନମାନଙ୍କରେ ବ୍ୟାପକ ମାତ୍ରାରେ ବ୍ରାଉନସୁଗାର ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି। ଏହି ଚଢ଼ାଉ ସମୟରେ ଅବକାରୀ ବିଭାଗର ଏଏସଆଇ ଚିତ୍ତରଞ୍ଜନ ଦାସ, କନ୍‌ଷ୍ଟେବଲ ସୁଶୀଲ କୁମାର ଦେହୁରୀ, ଖଗେଶ୍ୱର ବେହେରା ଏବଂ ପ୍ରୀତିମୟୀ ପରିଡ଼ା ପ୍ରମୁଖ ସାମିଲ ଥିଲେ।

# ପଙ୍କରୁ ଆହତ କୁଟୁରା ଶାବକ ଉଦ୍ଧାର

**ବୋଲଗଡ଼,୨୪।୬/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ଅନ୍ତର୍ଗତ କନ୍ତଇଲୋ ଗ୍ରାମ ନିକଟସ୍ଥ ଏକ ଶୁଖିଲା ପୋଖରୀରୁ ଏକ ଆହତ କୁଟୁରା (ହରିଣ ଜାତୀୟ ବନ୍ୟଜନ୍ତୁ) ଶାବକକୁ ବନ ବିଭାଗ ପକ୍ଷରୁ ସଫଳତାର ସହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ବାଙ୍କୋଇ ପଞ୍ଚାୟତ ଅଧୀନ କନ୍ତଇଲୋ ଗ୍ରାମର ବଡ଼ପୋଖରୀର ପୁନରୁଦ୍ଧାର ଓ ଖନନ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପାଣି ନିଷ୍କାସନ କରାଯାଇଥିଲା। ଏହି ପୋଖରୀ କୂଳ ଅଞ୍ଚଳ ଶୁଖିଲା ଥିବା ବେଳେ ଭିତର ଭାଗଟି ପଙ୍କୁଆ ହୋଇ ରହିଥିଲା। ନିକଟସ୍ଥ ଆରିକମା କିମ୍ବା ମୁଣ୍ଡିଆପଡ଼ା ପାଟବନ୍ଧ ଶାଳଭରା ଘଞ୍ଚ ଜଙ୍ଗଲରୁ ୩-୪ଟି କୁଟୁରାଙ୍କ ଏକ ଦଳ ଗତରାତିରେ ଖାଦ୍ୟ ଅନ୍ୱେଷଣରେ ତଳି ଅଞ୍ଚଳକୁ ଚାଲିଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ଆନୁମାନିକ ୧ ବର୍ଷର ଏହି ଶାବକଟି ପୋଖରୀ ପଙ୍କରେ ଫସିଯାଇଥିଲା। ଆଜି ସକାଳୁ ଗ୍ରାମର କିଛି ସ୍ଥାନୀୟ ବ୍ୟକ୍ତି ଏହା ଦେଖି ବୋଲଗଡ଼ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନପାଳ ମଧୁଛନ୍ଦା ସେଠୀଙ୍କ ସମେତ ବନରକ୍ଷକଙ୍କ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶାବକଟିକୁ ସଯତ୍ନେ ଉଦ୍ଧାର କରି ବନପାଳ କାର୍ଯ୍ୟାଳୟକୁ ଆଣିଥିଲେ। ତେବେ ରାତିରେ କୌଣସି ହିଂସ୍ର ଜନ୍ତୁର ଆକ୍ରମଣ ଯୋଗୁଁ ଶାବକଟି ଆଘାତପ୍ରାପ୍ତ ହୋଇ ଗୁରୁତର ଅସୁସ୍ଥ ଥିବା ଜଣାପଡ଼ିଛି। କୁଟୁରା ଶାବକର ଉପଯୁକ୍ତ ଚିକିତ୍ସା ଓ ସୁସ୍ଥତା ନିମନ୍ତେ ତାକୁ ଜିଲ୍ଲା ରେଞ୍ଜ (ବନଖଣ୍ଡ) କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି ବୋଲି ବନପାଳ ସୂଚନା ଦେଇଛନ୍ତି।

# ପ୍ରେସ୍ କ୍ଲବ୍‌ର ନୂତନ କର୍ମକର୍ତ୍ତା ନିର୍ବାଚିତ



**ଚାରିଛକ,୨୪।୬/ଏନ୍‌ଏନ୍‌ଏସ୍:** ଚାରିଛକ ପ୍ରେସ କ୍ଲବର ସାଧାରଣ ନିର୍ବାଚନ ଆଜି ଚାରିଛକ ନିକଟସ୍ଥ ମା' ବିଳାଶୁଣୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ଡ. ସନ୍ତୋଷ କୁମାର ମିତ୍ର ନିର୍ବାଚନ ପରିଚାଳନା କରିଥିବା ବେଳେ ପ୍ରାକ୍ତନ ଆଇଆରଏସ୍ ଚନ୍ଦ୍ରକାନ୍ତ ଦଳାଇ, ପ୍ରଫେସର୍ ଗୋପୀନାଥ କର, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ ଏବଂ ବନ ବିହାରୀ ଦାଶ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଆଜିର ଏହି ନିର୍ବାଚନରେ ସଭାପତି ଭାବେ ପ୍ରଫୁଲ୍ଲ କୁମାର କର, ସାଧାରଣ ସମ୍ପାଦକ ଭାବେ ଡ. କେଦାରନାଥ ସାହୁ, ଉପ-ସଭାପତି ଭାବେ ବସନ୍ତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଭାବେ ଶିଶିର କୁମାର ସ୍ୱାଇଁ, ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ଦାସ ଓ ସୁବାସ ଚନ୍ଦ୍ର ସାହୁ, ସଂଗଠନ ସମ୍ପାଦକ ଭାବେ ବିଜୟ କୁମାର ବେହେରା, ମିଡିଆ ସେଲ ସଂଯୋଜକ ଭାବେ ବସନ୍ତ କୁମାର ମଲ୍ଲ, କୋଷାଧ୍ୟକ୍ଷ ଭାବେ ସୌମ୍ୟ ରଞ୍ଜନ ତ୍ରିପାଠୀ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଏହି ନିର୍ବାଚନରେ ଆଇନଜୀବୀ ସରତାଜଞ୍ଜଳୀ ନାୟକ, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ଉପଦେଷ୍ଟା ପଣ୍ଡିତ ମୁରଲୀଧର ଭାରତୀ, କାହ୍ନୁ ଚରଣ ବେହେରା, ମାନସ କୁମାର ସାହୁ, ଶିଶିର କୁମାର ନାୟକ, ଅର୍ଜୁନ ପାତ୍ର, ଅଧୀନ ପାତ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶ, ବସନ୍ତ କୁମାର ନାୟକ, ରାଜେଶ ଲଙ୍କା, ଶଶୀକାନ୍ତ ତ୍ରିପାଠୀ, କୈଳାଶ ଚନ୍ଦ୍ର ପାତ୍ର, ଅଚ୍ୟୁତାନନ୍ଦ ମିଶ୍ର, ବିନୋଦ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ମହାପାତ୍ର, ଦେବାଶିଷ ନାୟକ, ସୁଦର୍ଶନ ବେହେରା ଏବଂ ଅଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ନବନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରେସ କ୍ଲବ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରେସ କ୍ଲବର ସମସ୍ତ ସଦସ୍ୟମାନଙ୍କୁ ସାଥିରେ ନେଇ କ୍ଲବ୍‌ର ଉନ୍ନୟନମୂଳକ କାର୍ଯ୍ୟ କରିବେ ବୋଲି ନୂତନ ସଭାପତି ଶ୍ରୀ କର ଏବଂ ସମ୍ପାଦକ ଡ. ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

# ନିଖୋଜ ୩ ନାବାଳକ ଓ ଜଣେ ନାବାଳିକା ଉଦ୍ଧାର

**ଟାଙ୍ଗୀ,୨୪।୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଥାନା କୋଟସାହି ପଞ୍ଚାୟତ କନ୍ଧରକଣା ଗ୍ରାମରୁ ଗତକାଲି ରାତିରୁ ନିଖୋଜ ହୋଇଯାଇଥିବା ୩ ଜଣ ନାବାଳକ ଓ ଜଣେ ନାବାଳିକାଙ୍କୁ ମାତ୍ର ୧୨ ଘଣ୍ଟା ମଧ୍ୟରେ ସଫଳତାର ସହ ଉଦ୍ଧାର କରିଛି ଟାଙ୍ଗୀ ପୁଲିସ। ଏକାସାଙ୍ଗରେ ୪ ଜଣ ଶିଶୁ ନିଖୋଜ ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା ଏବଂ ବିଭିନ୍ନ ବୁଲା ବେପାରୀମାନଙ୍କ ଉପରେ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢ଼ିବାରେ ଲାଗିଥିଲା। ଅନ୍ୟପଟେ ନିଜ ପିଲାମାନଙ୍କୁ ନପାଇ ପରିବାର ଲୋକେ ଅଧୈର୍ଯ୍ୟ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ପ୍ରଶାସନ ତୁରନ୍ତ ଆକ୍ସନ ମୋଡ୍‌କୁ ଆସିଥିଲା। ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ, ଏସ୍‌ଆଇ ପ୍ରଶାନ୍ତ କୁମାର ବେହେରା ଏବଂ ସମାଜସେବୀ ତାପସ ରଞ୍ଜନ ମଲ୍ଲିକ ଘଟଣାକୁ ଗମ୍ଭୀରତାର ସହ ନେଇ ରାତିତମାମ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ ସହ ଖୋଜାଖୋଜି ଜାରି ରଖିଥିଲେ। ଶେଷରେ ନିଖୋଜ ନାବାଳକ ଓ ନାବାଳିକାମାନେ ଧର୍ମଶାଳା ଥାନା ଅଞ୍ଚଳରେ ଜଣେ ବନ୍ଧୁଙ୍କ ଘରକୁ ଚାଲିଯାଇଥିବା ସୂଚନା ମିଳିଥିଲା। ସୂଚନା ପାଇବା ମାତ୍ରେ ଉମାକାନ୍ତ ନାୟକ, ପ୍ରଶାନ୍ତ କୁମାର ବେହେରା ଓ ତାପସ ରଞ୍ଜନ ମଲ୍ଲିକ ତୁରନ୍ତ ସେଠାରେ ପହଞ୍ଚି ସମସ୍ତ ପିଲାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

# ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ନୟାହାଟ,୨୪।୬/ଏନ୍‌ଏନ୍‌ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଯୋଗେଶ୍ୱରପୁରଠାରେ ଅନୁଷ୍ଠିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଂଗ୍ରେସର ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର କହିଛନ୍ତି ଯେ, ଏହି ଆଧ୍ୟାତ୍ମିକ ଉତ୍ସବରେ ରାଜ୍ୟର ତିନୋଟି ପ୍ରମୁଖ ରାଜନୈତିକ ଦଳର ନେତାମାନେ ଏକତ୍ରିତ ହୋଇ ଯୋଗଦେଇଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ। ଏଥିସହ ସେ ମନ୍ଦିରର ସମସ୍ତ କର୍ମକର୍ତ୍ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ପ୍ରଗତି ପାଇଁ ପ୍ରଭୁଙ୍କ ନିକଟରେ ମଙ୍ଗଳ କାମନା କରିଥିଲେ। ଏହି ଉତ୍ସବରେ ପ୍ରକାଶ ଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସୁଦର୍ଶନ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଙ୍ଗଲବୋରିର ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରେନ୍ଦ୍ର ବେହେରା, ଶିମିଳିର ପୂର୍ବତନ ସରପଞ୍ଚ ଭାସ୍କର ସେଠ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ମହାନ୍ତି ଏବଂ ସମାଜସେବୀ ତୀର୍ଥବାସୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାର ପ୍ରାରମ୍ଭରେ ଲଲାଟେନ୍ଦୁ ବେହେରା ଏବଂ ନୟାହାଟର ରଶ୍ମିରଞ୍ଜନ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

## ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭୂମିପୂଜନ ସମ୍ପନ୍ନ

# ଖଲିସାହି ହନୁମାନ ପୀଠରେ ନିର୍ମାଣ ହେବ ୩୦ ଫୁଟ ଉଚ୍ଚର ଭବ୍ୟ ମୂର୍ତ୍ତି



**ଖଣ୍ଡପଡ଼ା,୨୪।୬/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ଗ୍ରାମସ୍ଥିତ ପ୍ରସିଦ୍ଧ ତୋଟା ହନୁମାନଙ୍କ ପୀଠ ସମ୍ମୁଖରେ ଏକ ୩୦ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ହନୁମାନ ମୂର୍ତ୍ତି ନିର୍ମାଣ ନିମନ୍ତେ ବୁଧବାର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମ ଆନନ୍ଦଉଲ୍ଲାସ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖଲିସାହି ଗ୍ରାମର ପ୍ରତିଷ୍ଠିତ ସମାଜସେବୀ ବାଇଧର ସୁବୁଦ୍ଧି ଏବଂ ତାଙ୍କ ପତ୍ନୀ ସଂଯୁକ୍ତା ସୁବୁଦ୍ଧିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ପବିତ୍ର ଭୂମିପୂଜନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ମାଙ୍ଗଳିକ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ତୋଟା ହନୁମାନ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ରାଜପଥ କଡ଼ରେ ବିପଜ୍ଜନକ ବିଦ୍ୟୁତ୍ ଖୁଣ୍ଟ

**କଣ୍ଟିଲୋ,୨୪।୬/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ତଳ ବଜାରର ଦାସ ଚାହା ଦୋକାନ ନିକଟରେ, ୪୮ ନମ୍ବର ରାଜ୍ୟ ରାଜପଥ ଉପରେ ଦୀର୍ଘ ଦିନ ହେବ ଏକ ବିପଦଜନକ ଓ ନଷ୍ଟ ବିଦ୍ୟୁତ୍ ଖୁଣ୍ଟ ଠିଆ ହୋଇ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଦୁର୍ଘଟଣାର ବ୍ୟାପକ ଆଶଙ୍କା ପ୍ରକାଶ ପାଇଛି। ଏ ବାବଦରେ ଓଡ଼ିଆ ଦୈନିକ ଖବରକାଗଜ 'ନିତିଦିନ'ରେ ବାରମ୍ବାର ଖବର ପ୍ରକାଶ ପାଇବା ସହ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନଙ୍କୁ ମୌଖିକ ଭାବେ ଅବଗତ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନଥିବା ଅଭିଯୋଗ ହେଉଛି। କେବଳ କେବୁଲ୍ ଯୋଗୁଁ ଆଶ୍ରା କରି ରହିଥିବା ଏହି ଖୁଣ୍ଟଟି ବର୍ତ୍ତମାନର କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ କେତେବେଳେ ବି ଭାଙ୍ଗି ସର୍ବସାଧାରଣ ତଥା ଗୃହପାଳିତ ପଶୁଙ୍କ ଉପରେ ପଡ଼ିବାର ଭୟ ରହିଛି। ବିପଦକୁ ଏଡ଼ାଇବା ପାଇଁ ଏହି ନଷ୍ଟ ଖୁଣ୍ଟକୁ ଯଥାଶୀଘ୍ର ଉଠାଇବାକୁ ଦାବି ହେଉଥିବା ବେଳେ ଭବିଷ୍ୟତରେ କୌଣସି କ୍ଷୟକ୍ଷତି ଘଟିଲେ ସେଥିପାଇଁ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି।

# ମା' ଧାକୁଲେଈଙ୍କ ବାର୍ଷିକ ଯଜ୍ଞ ଉଦ୍‌ଯାପିତ



**ଫୁଲନଖରା,୨୪।୬/ଏନ୍‌ଏନ୍‌ଏସ୍:** ସିଏମ୍‌ସି ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀଠାରେ ଥିବା ମା'ଧାକୁଲେଈଙ୍କ ପୀଠରେ ୩୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି। କର୍ତ୍ତା ବ୍ରଜକିଶୋର ଜେନା, କଳ୍ପନା ଜେନା, କାହ୍ନା ରାଉତ, ମମତା ରାଉତ, ମାଧବ ଜେନା ଓ ଶୁଭଶ୍ରୀ ଜେନାଙ୍କ ନେତୃତ୍ୱରେ ଏହି ଧର୍ମାନୁଷ୍ଠାନ ୪ଦିନ ଧରି ଚାଲିଥିଲା। ଏହି ଉପଲକ୍ଷେ ବିଭିନ୍ନ ଦିବସରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ଣ୍ଣାହୁତି ସଂଧ୍ୟାରେ ଏକ ସମ୍ବର୍ଦ୍ଧନା ସଭା ଧାକୁଲେଈ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦକୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସହ ସମ୍ପାଦକ ବାଦଲକୁମାର ଜେନା, କୋଷାଧ୍ୟକ୍ଷ ବାଦଲକୁମାର ସ୍ୱାଇଁ, ଆଞ୍ଚଳିକ ଶାନ୍ତି କମିଟି ସଭାପତି ନିମାଇଁଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ସ୍ୱାଧିନଚେତା ମହାନ୍ତି, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ନଳୀନ ସେନାପତି, କୋଷାଧ୍ୟକ୍ଷ ସୁଶାନ୍ତକୁମାର ମହାନ୍ତି, ଆଇନ ପରାମର୍ଶଦାତା କବିନାରାୟଣ ଜେନା, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, କାନନବିହାରୀ ନାୟକ, ଅଜୟକୁମାର ଦାଶ, ରମେଶଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀଚରଣ ବେହେରା, ଅରୁଣ ରାଉତ, ଅତୁଲ୍ୟ ରାଉତ, ସିବୁନ ସେନାପତି, ସୁଜନ ବେହେରା ଓ ପ୍ରତାପନଗରୀ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

# ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦାବି

**ନୟାଗଡ଼,୨୪।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତାଙ୍କ ସମର୍ଥକଙ୍କ ଦ୍ୱାରା କୁଭାଷା ପ୍ରୟୋଗ, ପୁଲିସ ଦ୍ୱାରା ମିଥ୍ୟା ମାମଲାରେ ଗିରଫ ତଥା ଅମାନୁଷିକ ନିର୍ଯାତନା ପ୍ରତିବାଦରେ ନୟାଗଡ଼ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଚାମେଲିଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର କରି ସସମ୍ମାନେ ଖଲାସ କରିବା ସହ ଘଟଣାର ସମୁଚିତ ନ୍ୟାୟିକ ତଦନ୍ତ ପାଇଁ ମହାକାଳପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦପ୍ତର, ଥାନାର ସିସିଟିଭି ଏବଂ ସରପଞ୍ଚଙ୍କ ମୋବାଇଲର ସମସ୍ତ ରେକର୍ଡିଂ ସାର୍ବଜନୀନ କରିବାକୁ ଦାବି ହୋଇଛି। ଏଥିସହ ସମ୍ପୃକ୍ତ ମହାକାଳପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଥାନାର ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ ନିଲମ୍ବନ କରିବା ପାଇଁ ସଂଘ ଦାବି ଜଣାଇଛି।

## ପ୍ରଥମ ପୃଷ୍ଠାରୁ

### ଅଭିଯୁକ୍ତକୁ ଏନ୍‌କାଉଣ୍ଟର ...

ମୃତକ ପବିତ୍ରଙ୍କୁ କଲ୍ ଆସିବା ପରେ ସେ ହୋଟେଲ ପହଞ୍ଚିଥିଲେ । ସେଠାରେ ଚନ୍ଦନଙ୍କ ସହ ବଚସା ହେବାପରେ ଚନ୍ଦନ ତାର ଭାଇକୁ ଫୋନ ଯୋଗେ ଡାକିଥିଲେ । ଆଉ ତାପରେ ଯାହା ଘଟିଥିଲା ତାହା ଥିଲା ବିଭତ୍ସ । ଯାହା ଅଭିଯୋଗ ହୋଇଛି ଚନ୍ଦନଙ୍କ ଭାଇ ଚିନ୍ମୟ ଓ ଅନ୍ୟ ସହଯୋଗୀ ପବିତ୍ରଙ୍କୁ ଜାବୁଡ଼ି ଧରିଥିଲେ । ଆଉ ଛୁରୀରେ ମୃତକଙ୍କ କହୁଣିର ଶିର କାଟି ହତ୍ୟା କରିଥିଲେ ଚନ୍ଦନ । ସେପଟେ ଘଟଣା ଘଟିବା ବେଳେ ପୁଲିସକୁ ଜଣାଇ ଦେଇଥିଲେ ପବିତ୍ର । ଯାହାଫଳରେ ପୁଲିସ୍ ଆସିବା ଦେଖି ଖସି ପଳାଉଥିବା ଚନ୍ଦନ ପଲ୍ଲାରକୁ ଶଙ୍କରପୁର ମୌଜାର ମାତା ମଠ ନିକଟରେ ପୁଲିସ ଚେଜ୍ କରିଥିଲା । ଏହି ସମୟରେ ଚନ୍ଦନ ଆକ୍ରମଣ କରିବାରୁ ଜବାବରେ ପୁଲିସ ଏନ୍‌କାଉଣ୍ଟର କରିଥିଲା । ଆଉ ତା'ର ବାମ ଗୋଡ଼ରେ ଗୁଳି ବାଜିଥିଲା । ହେଲେ ପୁଲିସ ଚନ୍ଦନର ଭାଇ ଚିନ୍ମୟ ଆଉ ସହଯୋଗୀକୁ ନଧରିପାରିଥିବାରୁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ହୋଇଥିଲା ଉତ୍ତେଜନାମୂଳକ ପରିସ୍ଥିତି । ଅଭିଯୁକ୍ତକୁ ନିଜେ ସଜା ଦେବାପାଇଁ ଅଡି ବସିଥିଲେ କୋହ ଜର୍ଜରିତ ପରିବାର । ଆଉ ଅଧିକ ଚିକିତ୍ସା ପାଇଁ ରେଫର ହେଉଥିବା ଚନ୍ଦନକୁ ମଧ୍ୟ ଭିଡ଼ାଓଟରା କରିବାକୁ ଚେଷ୍ଟା କରିଥିଲେ ପରିବାର ଲୋକେ । ତେବେ ମୃତ ପବିତ୍ରଙ୍କ ମୋବାଇଲ୍‌ରେ ଗତକାଲି ହତ୍ୟା ହୋଇଥିବା ସମୟରେ ଏକାଧିକ କଲ୍ ରହିଥିବା ଦେଖାଇଥିଲେ ପବିତ୍ରଙ୍କ ସମ୍ପର୍କୀୟ । ଆଉ ଜଣେ ଚନ୍ଦନ ନାମକ ଥାନା କର୍ମଚାରୀଙ୍କ ଗେଷ୍ଟଙ୍କୁ ସର୍ଭିସ ଦେବାନେଇ ବଚସା ହୋଇଥିବା ସେ କହିଥିଲେ । ତେବେ ହୋଟେଲର ସିସିଟିଭି ଫୁଟେଜ, ମୃତକଙ୍କ ମୋବାଇଲ ଓ ଅନ୍ୟାନ୍ୟ ଅନେକ ଦିଗକୁ ନେଇ ତର୍ଜମା କରୁଛି ପୁଲିସ୍ । ଏହାସହିତ ସିଟି ଡିଏସପିଙ୍କ ନେତୃତ୍ୱରେ ଏକ ସ୍କ୍ୱାର୍ଡ ଅଧିକ ଛାନଭିନ କରିବା ସହ ଅଭିଯୁକ୍ତ ଚିନ୍ମୟ ଓ ସହଯୋଗୀକୁ ଧରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି । ତେବେ ଏନକାଉଣ୍ଟର ଅଭିଯୁକ୍ତ ଚନ୍ଦନକୁ କଟକ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ବେଳେ ଏକ ହତ୍ୟା କେସ ରୁଜୁ କରିଛି ପୁଲିସ ।

### ଗୋଦାମ ଘର ଭୁଶୁଡ଼ି ...

ପକ୍ଷରୁ ସନ୍ଧାନୀ କୁକୁରମାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଏମିତିକି ଡ୍ରୋନ୍‌ର ମଧ୍ୟ ସହାୟତା ନିଆଯାଉଛି । ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଏହି ଗୋଦାମ ଘରର ପ୍ରଥମ ଓ ଦ୍ୱିତୀୟ ମହଲାର କାମ ସରି ଯାଇଥିଲା । ଗ୍ରାଉଣ୍ଡ ଫ୍ଲୋରର କାମ ଚାଲିଥିବା ବେଳେ ଏହା ଭୁଶୁଡ଼ି ପଡ଼ିଥିଲା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ କହିଛନ୍ତି ସବିଶେଷ ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ ଆହୁରି କହିଛନ୍ତି, ରାଜ୍ୟରେ ଯେତେ ନିର୍ମାଣାଧୀନ ପ୍ରକଳ୍ପ ରହିଛି ସବୁଗୁଡ଼ିକର ଅଡିଟ୍ କରାଯିବ । ବିଶେଷ କରି ବାଣିଜ୍ୟିକ ପ୍ରକଳ୍ପଗୁଡ଼ିକର ଅଡିଟ୍ କରାଯିବ । ଅଡିଟ୍ ଶେଷ ହେବା ପରେ ଅଗଷ୍ଟ ୧ ତାରିଖରୁ ପୁଣି ସମସ୍ତ ନିର୍ମାଣାଧୀନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ।

### ୩ ଜିଲ୍ଲାରେ ଭିଜିଲାନ୍ସ ...

ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ଇନ୍‌ସପେକ୍ଟର ପାହ୍ୟାର ଅଫିସରମାନଙ୍କୁ ସାମିଲ କରାଯାଇଛି । ପ୍ରତି ଜିଲ୍ଲାରେ ୨୭ଜଣ ଲେଖାଏଁ ଅଫିସରଙ୍କୁ ନେଇ ଟିମ୍ ଗଠିତ ହୋଇଛି । ୩ଟି ଜିଲ୍ଲାର ପ୍ରାୟ ୫୦ଟି ସ୍ଥାନରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ ସହ ବୈଷୟିକ ଯାଞ୍ଚ ମଧ୍ୟ ଭିଜିଲାନ୍ସ ଅଫିସରମାନେ ଜାରି ରଖିଛନ୍ତି ।ଏହି ପ୍ରକଳ୍ପରେ ସରକାରୀ ଅର୍ଥର ଦୁରୁପଯୋଗ ପରିମାଣର ଆକଳନ ସହ ଏଥିରେ ସମ୍ପୃକ୍ତ ଥିବା ସରକାରୀ କର୍ମଚାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ଭିଜିଲାନ୍ସ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି । ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୨୧ ଏପ୍ରିଲ ୧୨ତାରିଖରେ ଏହି ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ସଂକ୍ରାନ୍ତ ଟେଣ୍ଡର ଜାରି ହୋଇଥିଲା ।

### ସାମୁଦ୍ରିକ ସୁରକ୍ଷା ପ୍ରଗତିର ...

କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର୍ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି । ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି । ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି । ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି । ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି । ଭାରତ ସରକାରଙ୍କ 'ସାଗର', 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି । ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୁଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର । ଏଥିପାଇଁ ବିଭିନ୍ନ ମଡେଲକୁ ନେଇ ଏକ ସୁଚିନ୍ତିତ ରଣନୈତିକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ । ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ୍ ମାରିଟାଇମ୍ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଛନ୍ତି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହେଁ । ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଛନ୍ତି ଯେ, କେବଳ ମୁଖ୍ୟ ଉପକୂଳ ଅଞ୍ଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡ଼ିକର ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯିବା ଉଚିତ । ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

### ଜେଲ୍ ଗଲେ ଯନ୍ତ୍ରୀ ...

ତାଙ୍କ ଘରୁ ନଗଦ ୩ ଲକ୍ଷ ୪୫ ହଜାର ଟଙ୍କା ଜବତ କରାଯାଇଛି । ଏହା ସହିତ ଶ୍ରୀଲଙ୍କା, ନେପାଳ, ବାହରିନ ଓ ଆମେରିକାର କିଛି ନୋଟ୍ ଜବତ କରାଯାଇଛି । ତାଙ୍କର ୩ଟି ଚାରି ଚକିଆ ଗାଡ଼ି, ଦୁଇଟି ଜେସିବି, ଗୋଟିଏ ଟାଟା ଟ୍ୟାଙ୍କର, ଗୋଟିଏ ଟ୍ରାକ୍ଟର, ଗୋଟିଏ ଟ୍ରେଲର ଓ ଗୋଟିଏ ଦୁଇ ଚକିଆ ଠାବ କରାଯାଇଛି । ତାଙ୍କ ଘରୁ ମିଳିଥିବା ସୁନାଗହଣା ଓ ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ।ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକ ଏହି ସବୁ ସଂପତ୍ତି କେମିତି ଠୁଳ କଲେ, ତା'ର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । ଏହା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି ।

### ସିବିଆଇ ତଦନ୍ତ ପାଇଁ ...

କରାଯାଇଥିବା ଜାଣିଶୁଣି ପ୍ରୟାସ ଆଡ଼କୁ ଇସାରା କରୁଛି । ଏଣୁ ଏହି ଘଟଣାରେ ପ୍ରକୃତ ଦୋଷୀମାନଙ୍କୁ ନ୍ୟାୟର କାଠଗଡ଼ାକୁ ଆଣିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଭଳି ଦେଶର ପ୍ରମୁଖ କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ଏକ ପୁଙ୍ଖାନୁପୁଙ୍ଖ ଏବଂ ସ୍ୱାଧୀନ ତଦନ୍ତର ଜରୁରୀ ଆବଶ୍ୟକତା ରହିଛି । ସେହିପରି ସିଏମ୍‌ଓରୁ ଜଷ୍ଟିସ ନାଇଡୁ କମିଶନ ରିପୋର୍ଟ ଗାଏବ ହେବା ଆମ ରାଜ୍ୟର ପ୍ରଶାସନିକ ଏବଂ ନ୍ୟାୟିକ ଅଖଣ୍ଡତା ପାଇଁ ଏକ ଚିନ୍ତାଜନକ ଧକ୍କା । ଏହା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ପଛର ସତ୍ୟକୁ ପୋତିଦେବାର ଏକ ଗଭୀର ଚକ୍ରାନ୍ତକୁ ପଦାରେ ପକାଉଛି । ଏହି ମାମଲାର ଶୁଣାଣିରେ କୌଣସି ବି ବିଳମ୍ବ ଚକ୍ରାନ୍ତକାରୀଙ୍କ ସାହସକୁ ବଢ଼ାଇବ ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଛି ।

### ସାମିଲ ହେବାକୁ ମୋଦୀଙ୍କୁ ...

ନିୟମରେ ବ୍ୟତିକ୍ରମ ହୋଇଛି । ଫେବୃଆରୀରେ ଅଲୀ ଖାମେନେଇଙ୍କ ମୃତ୍ୟୁ ପରେ ତାଙ୍କ ଅନ୍ତିମ ସଂସ୍କାର ତାରିଖକୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଥିଲା । ପ୍ରାରମ୍ଭିକ ରିପୋର୍ଟରେ କୁହାଯାଇଥିଲା ଯେ ତାଙ୍କୁ ଜୁନ୍ ଶେଷ ସୁଦ୍ଧା ତାଙ୍କୁ କବର ଦିଆଯାଇପାରେ । କିନ୍ତୁ ପରେ ସରକାରୀ ଗଣମାଧ୍ୟମ ସ୍ପଷ୍ଟ କରିଥିଲା ଯେ ଅନ୍ତିମ ସଂସ୍କାର ଜୁଲାଇରେ ହେବ । ଏବେ ଜୁଲାଇ ୪ରୁ ଅଲୀ ଖାମେନେଇଙ୍କ ଅନ୍ତିମ ଜନାଜା ବାହାରିବ ବୋଲି ସ୍ପଷ୍ଟ ହୋଇଛି । ତେହରାନ, ମଶାଦ ଓ କୋମରେ ଏହି ନମାଜ-ଏ-ଜନାଜାରେ ପ୍ରାୟ ୨ କୋଟି ଲୋକ ଯୋଗଦେବେ ବୋଲି ଜଣାପଡ଼ିଛି । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସମେତ ଅନେକ ରାଷ୍ଟ୍ରର ନେତାମାନଙ୍କୁ ଇରାନ ନିମନ୍ତ୍ରଣ କରିଛି । ସେମାନେ ମଧ୍ୟ ଯୋଗଦେବାର ସମ୍ଭାବନା ରହିଛି ।

# କଳାହାଣ୍ଡି ଗସ୍ତରେ ରାଜସ୍ୱ ମନ୍ତ୍ରୀ




- ଜଙ୍ଗଲ ଜମି ପଟ୍ଟା ବଣ୍ଟନ
- ଅନ୍‌ଲାଇନ୍ ସେବା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭବାନୀପାଟଣା,୨୪।୬/ଏନ୍‌ଏନ୍‌ଏସ୍:** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏକ ଦିନିକିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିବା ସହ ସେମିଲପଦର ଗ୍ରାମର ୬୩ ଜଣ ଗ୍ରାମବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିଛନ୍ତି । ଆଜି ସକାଳେ ସେ ଉତ୍କଳ ବିମାନ ବନ୍ଦରରୁ ଆସି ଭବାନୀପାଟଣା ସର୍କିଟ୍ ହାଉସ (ଅତିଥି ଭବନ)ଠାରେ ପହଞ୍ଚିବା ପରେ କିଛି ଦଳୀୟ ନେତା ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ପଟ୍ଟା ବଣ୍ଟନ ସଭାରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା । ଏହି ଅଣସର୍ଭେ ଗ୍ରାମରୁ ଗ୍ରାମସଭା ଦ୍ୱାରା ୬୯ ଜଣଙ୍କ ନାମ ଅନୁମୋଦିତ ହୋଇଥିବା ବେଳେ ୬ଟି ଲୋହରା ପରିବାର ଅନ୍ୟାନ୍ୟ ପାରମ୍ପରିକ ବନବାସୀ ହୋଇଥିବାରୁ ସେମାନଙ୍କ ଦାବି ଜିଲ୍ଲା ସ୍ତରୀୟ କମିଟିର ବିଚାରକୁ ନିଆଯାଇ ନଥିବା ଏବଂ ଗୋଷ୍ଠୀ ଜଙ୍ଗଲ ପଟ୍ଟା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଦଶନ୍ଧି ଦଶନ୍ଧି ଧରି ନିର୍ଯାତିତ ଏହି ପରିବାରଗୁଡ଼ିକ ଏବେ ସ୍ୱଚ୍ଛନ୍ଦରେ ଜମି ଦଖଲ କରିପାରିବେ ବୋଲି ଆଶା କରାଯାଉଛି । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ବହୁ ଦିନରୁ ଅଟକି ରହିଥିବା ରାଜସ୍ୱ ସେବାକୁ ତ୍ୱରାନ୍ୱିତ କରାଯାଇଛି । ଅଜାଙ୍କ ଜମିକୁ ପରିବାରର ଶେଷ ଉତ୍ତରାଧିକାରୀଙ୍କ ନାମରେ ପରିବର୍ତ୍ତନ କରିବା ସହ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନା ଓ ଜଳ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉଛି । ଆଜି ମୁକ୍ତ ବିଦ୍ୟାଳୟର ୫୦ ଜଣ ଶିକ୍ଷକଙ୍କୁ ମଧ୍ୟ ପଟ୍ଟା ପ୍ରଦାନ କରାଯାଇଛି । ଗତ ଦୁଇ ବର୍ଷ ମଧ୍ୟରେ ସରକାର ୨ କୋଟି ୫୦ ଲକ୍ଷ ଲୋକଙ୍କୁ ରାଜସ୍ୱ ସେବା ଯୋଗାଇ ଦେଇଛନ୍ତି । ଜନସାଧାରଣ ଯେପରି ଅନ୍‌ଲାଇନ୍ ମାଧ୍ୟମରେ ସହଜରେ ଏବଂ ତ୍ୱରିତ ଭାବେ ସେବା ପାଇପାରିବେ, ସେନେଇ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକରେ ଆଲୋଚନା କରିଛନ୍ତି । ସମୀକ୍ଷା ବୈଠକ ଶେଷ କରି ମନ୍ତ୍ରୀ ଶ୍ରୀ ପୂଜାରୀ କେସିଙ୍ଗାରୁ ଟ୍ରେନ (ରେଳ) ଯୋଗେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି ।

## ୨ ଲକ୍ଷ ଟଙ୍କା ଲାଞ୍ଚ ନେଇ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ଗିରଫ

**ଜୟପୁର,ରାୟଗଡ଼ା,୨୪।୬/ଏନ୍‌ଏନ୍‌ଏସ୍:** ଠିକାଦାରଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ (ଦୁର୍ନୀତି ନିବାରଣ ବିଭାଗ) ଜାଲରେ ଛନ୍ଦି ହୋଇଛନ୍ତି ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ (ଡିଭିଜନ-୧)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ । ଏନେଇ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟଠାରେ ଆରକ୍ଷୀ ଅଧୀକ୍ଷକ (ଏସପି) ଏସ୍. ସୁଶ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଜଣେ ଠିକାଦାରଙ୍କ ୫୦ ଲକ୍ଷ ଟଙ୍କାର ହୋଇଥିବା କାର୍ଯ୍ୟର ବିଲ୍ ପାସ୍ କରିବା ଏବଂ ନୂତନ ଟେଣ୍ଡରରେ (ନିଲାମ ପ୍ରକ୍ରିୟା) ଭାଗ ନେବା ପାଇଁ ଆବଶ୍ୟକ କାର୍ଯ୍ୟ ଅଭିଜ୍ଞତା ପ୍ରମାଣପତ୍ର ପ୍ରଦାନ ବଦଳରେ ନିର୍ବାହୀ ଯନ୍ତ୍ରୀ ପ୍ରଥମେ ୨.୫ ଲକ୍ଷ ଟଙ୍କା ଦାବି କରିଥିଲେ । ପରେ ଆଲୋଚନା ମାଧ୍ୟମରେ ଏହି ଲାଞ୍ଚ ପରିମାଣ ୨ ଲକ୍ଷ ଟଙ୍କାକୁ ହ୍ରାସ ପାଇଥିଲା । ଏଥିରେ କ୍ଷୁବ୍ଧ ହୋଇ ଠିକାଦାର ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ମୁତାବକ, ଠିକାଦାରଙ୍କଠାରୁ ନିଜ ବାସଭବନରେ ୨ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ୧୦ ଜଣିଆ ଭିଜିଲାନ୍ସ ଟିମ୍ (ଦଳ) ଚଢ଼ାଉ କରି ରଙ୍ଗବୋଳା ଟଙ୍କା ସହ ଶ୍ରୀ ପଟ୍ଟନାୟକଙ୍କୁ ରଙ୍ଗେହାତ ଗିରଫ କରିଥିଲା । ଏହି ଗିରଫଦାରୀ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ରାୟଗଡ଼ାସ୍ଥିତ କାର୍ଯ୍ୟାଳୟ ଚାମ୍ବର (ପ୍ରକୋଷ୍ଠ) ଓ ସରକାରୀ ବାସଭବନ, ଭୁବନେଶ୍ୱର ନନ୍ଦନ ବିହାର ବସୁନ୍ଧରା କଲୋନୀର ବାସଭବନ ଏବଂ ନୟାଗଡ଼ ପିଡବ୍ଲୁଡି (ଲୋକ ନିର୍ମାଣ ବିଭାଗ) ରୋଡ୍‌ସ୍ଥିତ ଉଦୟପଥୋ ଲେନ୍‌ର ପୈତୃକ ଘରେ ଏକକାଳୀନ ଚଢ଼ାଉ କରାଯାଇଛି । ତଲାସି ସମୟରେ ତାଙ୍କ ରାୟଗଡ଼ା ସରକାରୀ କ୍ୱାର୍ଟର୍ସରୁ (ଆବାସ) ଅଧିକ ୩.୩୯ ଲକ୍ଷ ଟଙ୍କା ନଗଦ ଜବତ ହେବା ସହ ସମୁଦାୟ ୫.୩୯ ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି । ଅଭିଯୁକ୍ତ ନିର୍ବାହୀ ଯନ୍ତ୍ରୀ ଚଳିତ ଜୁନ୍ ୩୦ ତାରିଖରେ ଚାକିରିରୁ ଅବସର ନେଇଥାନ୍ତେ, ମାତ୍ର ମାତ୍ର ୭ ଦିନ ପୂର୍ବରୁ ସେ ଗିରଫ ହୋଇଛନ୍ତି । ଏହି ଘଟଣାରେ ତାଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ନମ୍ବର ୧୨/୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ କେସ୍ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ଏବଂ ଅଧିକ ତଦନ୍ତ ଜାରି ରହିଛି ।



● ଚିକିତ୍ସା ସେବା ବିପର୍ଯ୍ୟସ୍ତ, ଅଧାରୁ ଅଧିକ ଡାକ୍ତରୀ ପଦବୀ ଖାଲି ●

## ବର୍ଷିଲେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର



**ବଲାଙ୍ଗୀର,୨୪।୬/ଏନ୍‌ଏନ୍‌ଏସ୍:** ରାଜ୍ୟର ନୂତନ ସରକାର ଗଠନକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଖୋଦ୍ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲା ବଲାଙ୍ଗିରରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଛି । ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ଅବସରରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ଜିଲ୍ଲାରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବାରୁ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତର ତଥା ନର୍ସିଂ ଷ୍ଟାଫ୍‌ଙ୍କ ଅଭାବ ଦୂର ହେବ ବୋଲି ଲୋକଙ୍କର ବହୁ ଆଶା ଥିଲା । ମାତ୍ର ଜିଲ୍ଲାରେ ଚିକିତ୍ସା ଓ ଅଣଚିକିତ୍ସା କର୍ମଚାରୀଙ୍କ ଅଧାରୁ ଅଧିକ ପଦବୀ ଖାଲି ପଡ଼ିଛି । ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରେଡିଓଲୋଜିଷ୍ଟ (ଏକ୍ସ-ରେ ଓ ସ୍କାନିଂ ବିଶେଷଜ୍ଞ) ନଥିବାରୁ ରୋଗୀମାନେ ଅଲଟ୍ରାସାଉଣ୍ଡ ପାଇଁ ବିବିଏମ୍‌ସିଏଚ୍ (ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ) ଉପରେ ଭରସା କରୁଛନ୍ତି । ମେଡିସିନ, ସର୍ଜରୀ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ଏବଂ ଯକ୍ଷ୍ମା ବିଭାଗରେ ରୋଗୀ ଶତପ୍ରତିଶତ ଭର୍ତ୍ତି ହେଉଥିବା ବେଳେ ଉପଯୁକ୍ତ କର୍ମଚାରୀ ନଥିବା ଚିନ୍ତାଜନକ । ଏହାଛଡ଼ା ଦେଓଗାଁ ଓ ତୁଡ଼ାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ପାଟଣାଗଡ଼ ଓ ଟିଟିଲାଗଡ଼ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟର ସ୍ଥିତି ମଧ୍ୟ ଅତି ଦୟନୀୟ ରହିଛି । ଶ୍ରୀ ମିଶ୍ର ହସ୍ପିଟାଲର ସ୍ୱଚ୍ଛତାକୁ ଦେଖି ଆଶ୍ୱସ୍ତି ପ୍ରକାଶ କରିବା ସହ ଖାଲି ପଦବୀ ତୁରନ୍ତ ପୂରଣ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପୁଷ୍ପାଞ୍ଜଳି ମିଶ୍ର, ଏଡିଏମ୍‌ଓ (ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ) ଡାକ୍ତର ଲଳିତ ମୋହନ ବିଶି, ଡାକ୍ତର ପୁଷ୍ପରଞ୍ଜନ ମିଶ୍ର, ଡିପିଏମ୍ (ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ) ରାଜେଶ୍ୱର ପଟ୍ଟନାୟକ ଏବଂ ହସ୍ପିଟାଲ ମ୍ୟାନେଜର (ଚିକିତ୍ସାଳୟ ପରିଚାଳକ) ବନ୍ଦନା ପ୍ରଧାନ ପ୍ରମୁଖ ଶ୍ରୀ ମିଶ୍ରଙ୍କୁ କର୍ମଚାରୀ ସ୍ଥିତି ଓ ଆନୁଷଙ୍ଗିକ ସମସ୍ୟା ବାବଦରେ ଅବଗତ କରାଇଥିଲେ । ଏହାପରେ ଶ୍ରୀ ମିଶ୍ର ମେଡିସିନ ୱାର୍ଡ (ଭେଷଜ ବିଭାଗ) ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ନିରାମୟ କେନ୍ଦ୍ରରେ ମାଗଣା ଔଷଧ ମିଳୁଛି କି ନାହିଁ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ମନୀଷ ମିଶ୍ର, ବୁଲୁ ଦାନୀ, ଅସୀତ ମିଶ୍ର, କୈଳାସ ମିଶ୍ର, ସାନନ୍ଦ ମିଶ୍ର, ଲୋପନ ମିଶ୍ର, ଆରତିପ୍ରୀତି ନାଗ, ବିଧୁ କୁମାର ଏବଂ ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସାମିଲ ହୋଇଥିଲେ ।

## ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍



**ମାଲକାନଗିରି,୨୪।୬/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲାରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୮୮ ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ସର୍ଦ୍ଦାରଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା ଏବଂ ବିଦ୍ୟାଳୟ ପରିଚାଳନାରେ ଅନିୟମିତତା ଅଭିଯୋଗରେ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଗତ ୨୨ ଜୁନ୍‌ରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଏବଂ କାଲିମେଲା ବ୍ଲକ ଶିକ୍ଷା ଅଧିକାରୀ ମିଳିତ ଭାବେ ଏହି ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଏହି ସମୟରେ ବିଦ୍ୟାଳୟର କ୍ୟାସବୁକ୍ ଏବଂ କନସମ୍ପସନ ରେଜିଷ୍ଟର ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ କରାଯାଇ ନଥିବା ପ୍ରଶାସନିକ ଅଧିକାରୀମାନେ ଚିହ୍ନଟ କରିଥିଲେ । ଏହାସହ ଏସଏମସି (ବିଦ୍ୟାଳୟ ପରିଚାଳନା କମିଟି) ରେଜିଷ୍ଟରରେ କିଛି ତ୍ରୁଟି ଏବଂ ନୂତନ ଶିକ୍ଷାବର୍ଷ ପାଇଁ ସମୟ ନିର୍ଘଣ୍ଟ ପ୍ରସ୍ତୁତିରେ ବିଳମ୍ବକୁ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି । ଏଥିସହିତ ବିଦ୍ୟାଳୟ ପରିସରକୁ ସୁନ୍ଦର ଓ ସୁରକ୍ଷିତ ରଖିବା ନିର୍ଦ୍ଦେଶକୁ ଅବହେଳା କରି କାମ୍ପସ୍ ମଧ୍ୟରେ ଆବର୍ଜନା ଓ କାଠଗଣ୍ଡି ରଖାଯାଇଥିବାରୁ ପ୍ରଶାସନ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି । ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ, କାଲିମେଲା ବ୍ଲକ ଶିକ୍ଷା ଅଧିକାରୀ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ୩ ଦିନ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦେବାକୁ ଆଦେଶ ଦେଇଛନ୍ତି । ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ନମିଳେ, ତେବେ ଓଡ଼ିଶା ସିଭିଲ ସର୍ଭିସେସ ରୁଲ୍ ୧୯୬୨ ଅନୁଯାୟୀ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପ୍ରଶାସନର ଏହି ତ୍ୱରିତ ଆଭିମୁଖ୍ୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।

**ବିଦ୍ୟାଳୟ ପରିଚାଳନାରେ ଅନିୟମିତତା**

## ଭୋଟର୍ ତାଲିକା ସଂଶୋଧନ ପାଇଁ ପ୍ରକ୍ରିୟା ଜୋର୍‌ଦାର୍



**ମାଲକାନଗିରି,୨୪।୬/ଏନ୍‌ଏନ୍‌ଏସ୍:** ମାଲକାନଗିରି ଜିଲ୍ଲାର ବିଭିନ୍ନ ମତଦାନ କେନ୍ଦ୍ରରେ ଆଜି ବିଏଲଓ (ବୁଥ୍ ସ୍ତରୀୟ ଅଧିକାରୀ) ଏବଂ ରାଜନୈତିକ ଦଳର ବିଏଲଏ (ବୁଥ୍ ସ୍ତରୀୟ ଏଜେଣ୍ଟ/ପ୍ରତିନିଧି)ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରମରେ ଖଇରପୁଟ ବ୍ଲକ ଅନ୍ତର୍ଗତ ୭୬ ନମ୍ବର ଆଣ୍ଡ୍ରାହାଲ ବୁଥ୍‌ରେ ମଧ୍ୟ ଏକ ସମାରୋହ ଆୟୋଜନ କରାଯାଇଥିଲା । ଏହି ବୈଠକରେ ବିଶେଷ ଭାବେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଉପରେ ବ୍ୟାପକ ଆଲୋଚନା କରାଯିବା ସହ ଉପସ୍ଥିତ ସମସ୍ତ ଏଜେଣ୍ଟମାନଙ୍କୁ ପରିଗଣନା ଫର୍ମ (ପତ୍ର) ବଣ୍ଟନ କରାଯାଇଥିଲା । ଭୋଟର ତାଲିକାକୁ ସ୍ୱଚ୍ଛ ଓ ସଠିକ୍ କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ବୁଥ୍‌ର ମୃତ, ଅନୁପସ୍ଥିତ ଏବଂ ଡୁପ୍ଲିକେଟ୍ ମତଦାତାଙ୍କ ନାମ ପାଠ କରାଯାଇଥିଲା । ଏହା ପରେ ଏହି ମୃତ ଓ ନକଲି ଭୋଟରଙ୍କ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯାଇ ସମସ୍ତ ରାଜନୈତିକ ଦଳର ବୁଥ ସ୍ତରୀୟ ଏଜେଣ୍ଟମାନଙ୍କୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଏକ ସୁରୁଖୁରୁ ଓ ସ୍ୱଚ୍ଛ ମତଦାନ ପ୍ରକ୍ରିୟା ପରିଚାଳନା ପାଇଁ ଏହି ବୈଠକ ବେଶ୍ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

### ଓଡ଼ିଶାରେ ୨୬ ଲକ୍ଷରୁ ...

ଯେଉଁଥିରେ ଯାଜପୁରର ରାମପୁର ଓ ଜହ୍ନା ଆଞ୍ଚଳିକ ମଞ୍ଚର ମା'ମାନେ ଯଥାକ୍ରମେ ୧.୫୦ ଲକ୍ଷ ଟଙ୍କାର ଚେକ୍ ନିରାପତ୍ତା ପାଣ୍ଠି ବାବଦକୁ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରିଛନ୍ତି । ଏହି ସମ୍ମିଳନୀରେ ଓଡ଼ିଶା ଭିଜନ–୨୦୩୬ରେ ମହିଳାଙ୍କ ଭୂମିକା, ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଓ କୋଟିପତି ଦିଦି ସୃଷ୍ଟି, ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ, ପ୍ରଡ୍ୟୁସର ଗ୍ରୁପ୍ ଓ ପ୍ରଡ୍ୟୁସର କମ୍ପାନୀର ପ୍ରୋତ୍ସାହନ, ବଜାର ସଂଯୋଗ, ଆର୍ଥିକ ସହାୟତା ଏବଂ ବିଭିନ୍ନ ଜିଲ୍ଲାର ସଫଳ ଉଦ୍ୟୋଗର ଅନୁଭୂତି ବିନିମୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଏହାସହିତ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ପାଇଁ ମହିଳା-ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ମିଶନ ଶକ୍ତି ବିଭାଗର ଆଗାମୀ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯିବା ସହ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ସମସ୍ତ ଜିଲ୍ଲାର ଡିଏଲଏଫର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନଙ୍କ ସହିତ ମଧ୍ୟ ସକାରାତ୍ମକ ଆଲୋଚନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ,ଏସ୍‌ଏଲ୍‌ବିସି ଓଡ଼ିଶାର ଜେନେରାଲ ମ୍ୟାନେଜର ଓ କନେଭନର ପ୍ରଣବ କୁମାର ବିଶ୍ୱାସଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟା, ବ୍ୟାଙ୍କ ଓ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ, ଆଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ଅଧିକାରୀ ଓ ମା'ମାନେ ଉପସ୍ଥିତ ଥିଲେ ।

## ଟଙ୍କା ଦେଲେ ଉଠୁଛି ଧାନ, ବର୍ଷାରେ ଭିଜୁଛି ହଜାର ହଜାର କ୍ୱିଣ୍ଟାଲ୍



**କୋକସରା,୨୪।୬/ଏନ୍‌ଏନ୍‌ଏସ୍:** କୋକସରା ବ୍ଲକ ଡହଗାଁ ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଓ ଦୁର୍ନୀତି ହେଉଥିବା ନେଇ ସାଂଘାତିକ ଅଭିଯୋଗ ଆସିଛି । ମଣ୍ଡିରେ ଯିଏ ଆଗ ଟଙ୍କା ଦେଉଛି, ତାଙ୍କ ଧାନ ଶୀଘ୍ର ଉଠାଣ କରାଯାଉଥିବା ବେଳେ ସାଧାରଣ ଚାଷୀ ସପ୍ତାହ ସପ୍ତାହ ଧରି ଖରା ବର୍ଷାରେ ଦୌଡ଼ି ଦୌଡ଼ି ହତାଶ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ଡହଗାଁ ପ୍ୟାକ୍ସ (ପ୍ରାଥମିକ କୃଷି ସମବାୟ ସମିତି) ଅଧୀନରେ ମୋଟ ୧୯ ଶହ ଚାଷୀ ରବି ଧାନ ବିକ୍ରି ପାଇଁ ଟୋକନ (ଅନୁମତିପତ୍ର) ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୬୮୬ ଜଣ ଚାଷୀଙ୍କଠାରୁ ୪୭ ହଜାର ୧ ଶହ ୬ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି । ମଣ୍ଡିରେ ଅତି ମନ୍ଥର ଗତିରେ ଧାନ କ୍ରୟ ପ୍ରକ୍ରିୟା ଚାଲିଥିବାରୁ ଏବେ ମଧ୍ୟ ପ୍ରାୟ ୨୦ ହଜାର କ୍ୱିଣ୍ଟାଲ ଧାନ ଖୋଲା ଆକାଶ ତଳେ ପଡ଼ିରହିଛି । ଜିଲ୍ଲା ବାହାରର ମିଲର୍ସ ଟ୍ୟାଗ୍‌ହୋଇଥିବାରୁ ଗାଡ଼ି ଆସିବାରେ ବିଳମ୍ବ ଘଟୁଛି ଏବଂ ଧାନ ଉଠାଣ ସଠିକ୍ ଭାବେ ହୋଇପାରୁନାହିଁ । ଅନ୍ୟପକ୍ଷରେ, ଚଳିତ ମୌସୁମୀ ବର୍ଷାରେ ଖୋଲା ଆକାଶ ତଳେ ପଡ଼ିରହିଥିବା ହଜାର ହଜାର କ୍ୱିଣ୍ଟାଲ ଧାନ ସମ୍ପୂର୍ଣ୍ଣ ଭିଜିଯାଇଛି । ପ୍ୟାକ୍ସ ପକ୍ଷରୁ ମଣ୍ଡିରେ ଆବଶ୍ୟକ ପରିମାଣର ତାରପୋଲିନ (ତ୍ରିପାଲ) ବ୍ୟବସ୍ଥା କରାଯାଇ ନଥିବାରୁ ଧାନ ବସ୍ତାଗୁଡ଼ିକ ଓଦା ହୋଇ ଗଜା ହେବା ସହ ଏହାର ଗୁଣବତ୍ତା ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି । ବ୍ୟାପକ କ୍ଷତି ସହିବା ଭୟରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଟଙ୍କା ଦେଲେ ଶୀଘ୍ର ଧାନ ଉଠାଣ ହେଉଥିବା ଅଭିଯୋଗକୁ ଡହଗାଁ ପ୍ୟାକ୍ସ ସମ୍ପାଦକ କ୍ଷମାନିଧି ବାଗ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି । ପର୍ଯ୍ୟାୟ କ୍ରମେ ସମସ୍ତ ଚାଷୀଙ୍କ ଧାନ ଉଠାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

**କୋକସରା,୨୪।୬/ଏନ୍‌ଏନ୍‌ଏସ୍:** କୋକସରା ବ୍ଲକ ଲଡୁଗାଁ-ଉଛୁଳା କେନାଲ ହୁଡ଼ା ରାସ୍ତା ମଝିରେ ମଙ୍ଗଳବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଦୁଇଟି ବାଇକ୍ (ମୋଟରସାଇକେଲ) ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଜୟପାଟଣା ଥାନା ବଞ୍ଜିବାହାଲ ଗ୍ରାମ ଚିଲପଡ଼ାର କେଶବ ମାଝୀ (୫୫) ଏବଂ ଆହତ ଜ୍ୱାଇଁ ହେଲେ କୁମଜୋର ଗ୍ରାମର ତୋଫାନ ମାଝୀ (୪୦) । ଉଭୟ ଶ୍ୱଶୁର ଓ ଜ୍ୱାଇଁ ପୂର୍ବରୁ ବନ୍ଧକ ଥିବା ସୁନା ଆଣିବାକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଅନ୍ୟ ବାଇକ୍‌ରେ ଥିବା ଆହତ ଦୁଇ ଜଣ ଖୁଣ୍ଟିଆ ଗ୍ରାମ ପଞ୍ଚାୟତର କ୍ଷିତିରାମ ପୋଟା ଓ ମିତ୍ରଭାନୁ ମାଝୀ ବୋଲି ଜଣାପଡ଼ିଛି ।

## ଗୌତମ ଆଦାନୀଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର




**ଭୁବନେଶ୍ୱର,ଛତ୍ରପୁର,୨୪।୬/ଏନ୍‌ଏନ୍‌ଏସ୍:** ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆଜି ଗୋପାଳପୁର ବନ୍ଦର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଆଦାନୀ ଗ୍ରୁପ ଚେୟାରମ୍ୟାନ୍ ଗୌତମ ଆଦାନୀଙ୍କ ୬୪ତମ ଜନ୍ମ ଦିବସ ପାଳନ ଅବସରରେ ଏହି ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୧୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସମାଜ ପ୍ରତି ସେବାଭାବ ଓ ମାନବିକ ଦାୟିତ୍ୱବୋଧକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ଗୋପାଳପୁର ବନ୍ଦରର କର୍ମଚାରୀ, ଶ୍ରମିକ, ପରିବାର ସଦସ୍ୟ, ସହଯୋଗୀ ସଂସ୍ଥାର କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉତ୍ସାହର ସହ ଯୋଗଦେଇ ସମାଜର କଲ୍ୟାଣ ନିମନ୍ତେ ରକ୍ତଦାନ କରିଥିଲେ। ଆଦାନୀ ଫାଉଣ୍ଡେସନ ଓ ବ୍ରହ୍ମପୁର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ୍ କଲେଜ ବ୍ଲଡ଼ବ୍ୟାଙ୍କ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିରକୁ ଛତ୍ରପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ରକ୍ତଦାନ ଜରୁରୀକାଳୀନ ସମୟରେ ଅନେକ ଜୀବନ ରକ୍ଷା କରିପାରେ ବୋଲି କହିବା ସହ ସମସ୍ତଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଗୋପାଳପୁର ପୋର୍ଟର ବହୁ କର୍ମକର୍ତ୍ତା ବେଶ୍ ଅନୁପ୍ରାଣିତ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଏବଂ ସମସ୍ତଙ୍କର ମିଳିତ ପ୍ରୟାସ ଯୋଗୁ ୧୩୮ ୟୁନିଟ ରକ୍ତ ସଂଗ୍ରହ ହୋଇପାରିଛି। ଏହି ଅବସରରେ ଗୋପାଳପୁର ବନ୍ଦରର ବରିଷ୍ଠ ଅଧିକାରୀ, ଆଦାନୀ ଫାଉଣ୍ଡେସନର ପ୍ରତିନିଧି ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମାଜର କଲ୍ୟାଣ ଏବଂ 'ସେବା'ର ମୂଲ୍ୟବୋଧକୁ ଆଗେଇ ନେବା ଲକ୍ଷ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

### ଟାଇମ୍ସ ହାୟର୍ ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍ୟାଙ୍କିଂ ୨୦୨୬

# ଚତୁର୍ଥ ସ୍ଥାନକୁ ଉଠିଲା କିଟ୍

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ଟାଇମ୍ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇଂପାକ୍ଟ ର୍ୟାଙ୍କିଙ୍ଗ୍ସ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ୪ର୍ଥ ସ୍ଥାନ ହାସଲ କରିଛି। ଗତ ବର୍ଷ କିଟ୍ ଏହି ର୍ୟାଙ୍କିଙ୍ଗର ୫ମ ସ୍ଥାନରେ ଥିଲା। ଏହା ସହିତ ବିଶ୍ୱ ସ୍ତରରେ କିଟ୍ ୧୦୧-୨୦୧ କୋହୋର୍ଟରେ ରହିଛି। ଏଥିରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ସମସ୍ତ ୧୭ ଟି ଲକ୍ଷ୍ୟ ପୂରଣ କରିଛି। କିଟ୍ ୪ଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ଭାରତରେ ଶୀର୍ଷ ସ୍ଥାନ ହାସଲ କରିଛି। ସେଗୁଡ଼ିକ ହେଲା- ଅସମାନତା ହ୍ରାସ (ଏସ୍‌ଡିଜି ୧୦) ଜଳ ତଳେ ଜୀବନ (ଏସ୍‌ଡିଜି ୧୪), ଭୂମି ଉପରେ ଜୀବନ (ଏସ୍‌ଡିଜି ୧୫) ଓ ଶାନ୍ତି, ନ୍ୟାୟ ଓ ଦୃଢ଼ ପ୍ରତିଷ୍ଠାନ (ଏସ୍‌ଡିଜି ୧୬)। ଏହା ସହିତ କିଟ୍ ଶିଳ୍ପ, ନବସର୍ଜନା ଓ ଭିତ୍ତିଭୂମି (ଏସ୍‌ଡିଜି ୯) ପାଇଁ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ଅନ୍ୟ ସମସ୍ତ ଏସ୍‌ଡିଜିରେ ଦେଶର ଶ୍ରେଷ୍ଠ ୧୦ ର୍ୟାଙ୍କ ବଜାୟ ରଖିଛି। ସେହିପରି ଅନେକ ପ୍ରମୁଖ ମାନଦଣ୍ଡରେ କିଟ୍ ଶତ ପ୍ରତିଶତ ସ୍କୋର ହାସଲ କରିଛି। ଏଥିରେ ସ୍ୱାସ୍ଥ୍ୟସେବା ସହଯୋଗ (ଏସ୍‌ଡିଜି




୩), ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷା ପଦକ୍ଷେପ (ଏସ୍‌ଡିଜି ୪), ଶକ୍ତି ସଂରକ୍ଷଣ ପାଇଁ ପ୍ରୟାସ (ଏସ୍‌ଡିଜି ୭), ଅସମାନତା ହ୍ରାସ କରିବା ପାଇଁ ପଦକ୍ଷେପ (ଏସ୍‌ଡିଜି ୧୦) ଓ ସରକାରଙ୍କ ସହ ସକ୍ରିୟ ସହଯୋଗ (ଏସ୍‌ଡିଜି ୧୬) ଆଦି ଅନ୍ତର୍ଭୁକ୍ତ। ସୂଚନାଯୋଗ୍ୟ, ଟାଇମ୍ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ର୍ୟାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ର୍ୟାଙ୍କିଂ କରିଥାଏ। ସେହି ଆଧାରରେ କିଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିଟ୍ ଭଲ ର୍ୟାଙ୍କ ପ୍ରଦର୍ଶନ କରିଆସୁଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଗତବର୍ଷଠାରୁ ଚଳିତବର୍ଷ ଉଭୟ କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍ୟାଙ୍କିଙ୍ଗରେ ଚମତ୍କାର ପ୍ରଦର୍ଶନ କରିଛି। ଗତ କିଛିବର୍ଷ ଧରି ଏଥିରେ କିଟ୍ ଅଂଶଗ୍ରହଣ କରିବା ସହ ଉନ୍ନତ ପ୍ରଦର୍ଶନ କରିଆସୁଛି ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି।

# ଚାଷୀ ଇଚ୍ଛାମୃତ୍ୟୁ ମାଗିବା ପ୍ରସଙ୍ଗରେ ବର୍ଷିଲା ବିଜେଡି

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରେ ଚାଷୀ ଗୋପାଳ କୃଷ୍ଣ ସାହୁ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିବା ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଚାଷୀଙ୍କ ଇଚ୍ଛାମୃତ୍ୟୁ ଆବେଦନକୁ ଗ୍ରହଣ କରି ସରକାର ନିଜର ଅସହାୟତାକୁ ପ୍ରକାଶ କରିଛନ୍ତି। ସରକାରଙ୍କ ଏହି ଚାଷୀ ମାରଣ ନୀତିକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ରାଜ୍ୟରେ ପରିବର୍ତ୍ତନ କଥା କହୁଥିବା ଡବଲ ଇଞ୍ଜିନ ସରକାରରେ ପରିବର୍ତ୍ତନ ଅତ୍ୟନ୍ତ ଭୟଙ୍କର ହୋଇଛି । ଓଡ଼ିଶାର ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ଚାଷୀକୁଳ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଆଜି ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଛି। ଶ୍ରୀମତୀ ବର୍ଷା ସିଂ ବରିହା କହିଥିଲେ ଯେ, ବରଗଡ଼ ଜିଲ୍ଲାର ଚାଷୀ ଗୋପାଳ କୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ମହାମହିମ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି ଏବଂ ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରିବା ଅତ୍ୟନ୍ତ ଲଜ୍ଜାଜନକ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସରକାର ଚାହୁଁଛନ୍ତି ଚାଷୀ ଆତ୍ମହତ୍ୟା କରୁ। ଯେଉଁ ରାଜ୍ୟରେ ଚାଷୀ ଇଚ୍ଛାମୃତ୍ୟୁ ମାଗିବାକୁ ବାଧ ହୁଏ, ସେଠି ସରକାରଙ୍କ କୃଷକ କଲ୍ୟାଣ ନୀତି କେତେ ସଫଳ, ତାହା ସାଧାରଣ ଲୋକ ବିଚାର କରିପାରିବେ। ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀକୁଳ ଚିନ୍ତାରେ ରହିଛି। ଅନ୍ୟପକ୍ଷରେ ଡ଼ ଲେନିନ ମହାନ୍ତି କହିଥିଲେ ଯେ ଚାଷୀକୁଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି। ପ୍ରତିଥର ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି। ମଣ୍ଡି ସମସ୍ୟା, ଟୋକନ ସମସ୍ୟା ଯୋଗୁଁ ଚାଷୀ ତାର ଧାନକୁ ବିକ୍ରି କରିନପାରି ଇଚ୍ଛାମୃତ୍ୟୁ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଉଛି। ବରଗଡ଼ର ଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓ ଜିଲ୍ଲା ପ୍ରଶାସନ ତାଙ୍କ ଆବେଦନକୁ ଗ୍ରହଣ କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ଏଥିରୁ ସ୍ପଷ୍ଟ ହୋଇଛି ଯେ ସରକାର କେତେ ଅସହାୟ ହୋଇପଡ଼ିଛନ୍ତି। ଧାନ ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବାର ପ୍ରତିଶ୍ରୁତି ସରକାର ଦେଉଛନ୍ତି, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡୁଛି। ବିଜୁ ଜନତା ଦଳ ଆଶା କରୁଛି, ସରକାର ଚାଷୀକୁଳ ପ୍ରତି ଯତ୍ନବାନ ହୁଅନ୍ତୁ ଓ ଚାଷୀକୁଳର ସବୁ ସମସ୍ୟା ଦୂର କରନ୍ତୁ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

# 'ଶ୍ରୀ ପୁରସ୍କାର' ସମାରୋହ

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ସାମାଜିକ ଅନୁଷ୍ଠାନ ପରିଚୟ ଫାଉଣ୍ଡେସନ୍ ପକ୍ଷରୁ ପିତୃଦିବସ ଅବସରରେ 'ପରମ୍ପରା ମହୋତ୍ସବ ୨୦୨୬'ର ଦ୍ୱାଦଶ ସଂସ୍କରଣ ଏବଂ ଏକାଦଶ 'ଶ୍ରୀ' ପୁରସ୍କାର ସମାରୋହ ସଫଳତାର ସହ ଆୟୋଜିତ ହୋଇଯାଇଛି। ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଆନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ପ୍ରତିଭା ପ୍ରହଲାଦ, ପ୍ରସିଦ୍ଧ ସାମାଜିକ ଉଦ୍ୟୋଗୀ ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ରୁଟଗର କୋର୍ଟେନହୋର୍ଷ୍ଟ ଏବଂ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁନୀଲ ସୋନିଙ୍କ ସମେତ କଳା, ସଂସ୍କୃତି, ସାହିତ୍ୟ, ଗଣମାଧ୍ୟମ ଓ ସମାଜସେବା କ୍ଷେତ୍ରର ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ।



ଏହି ସାଂସ୍କୃତିକ ସନ୍ଧ୍ୟାରେ ଷ୍ଟାରଲାଇଟ୍ ମ୍ୟୁଜିକ୍‌ର ସନ୍ତୋଷ ମିଶ୍ରଙ୍କ ଦ୍ୱାରା ମନୋରମ ସଙ୍ଗୀତ ଏବଂ ଶ୍ରୀ ପ୍ରେମାନନ୍ଦ ସାହୁଙ୍କ ଦ୍ୱାରା ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ସହିତ କୋଲକାତାର ଅଭିରୂପ ସେନଗୁପ୍ତ ଏବଂ ତାଙ୍କ ଦଳଙ୍କ ଦ୍ୱାରା ଭକ୍ତିପୂର୍ଣ୍ଣ ବନ୍ଦନା ତଥା ଲାସ୍ୟକଳାର ପ୍ରତିଭାବାନ ସଦସ୍ୟମାନଙ୍କ ସ୍ୱତନ୍ତ୍ର ପ୍ରଦର୍ଶନ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ଅବସରରେ ନିଲୁ ଖୁଣ୍ଟିଆ ଏବଂ ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ଡକ୍ଟର ରୋଜାଲିନ୍ ପାଟ୍ଟଶାଣୀ ମିଶ୍ରଙ୍କ ଦ୍ୱାରା 'ଓଡ଼ିଶା ଆମ ପରିବାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସମାରୋହରେ ମୁଖ୍ୟ ଅତିଥି ଶ୍ରୀ ସୁନୀଲ ସୋନି ଓ ଅନ୍ୟାନ୍ୟ ଅତିଥିଗଣ ସାଂସ୍କୃତିକ ପରମ୍ପରାର ସୁରକ୍ଷା ଓ ସାମାଜିକ ସଦ୍ଭାବ ବୃଦ୍ଧି କ୍ଷେତ୍ରରେ ଫାଉଣ୍ଡେସନର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ସ୍ୱରୂପ ଦେଶର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୮ ଜଣ କୃତିତ୍ୱ ଅର୍ଜନକାରୀ ପ୍ରେରଣାଦାୟକ ବ୍ୟକ୍ତିତ୍ୱଙ୍କୁ ପ୍ରତିଷ୍ଠିତ ଏକାଦଶ 'ଶ୍ରୀ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଡକ୍ଟର ରୋଜାଲିନ୍‌ଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ପରିଚୟ ଫାଉଣ୍ଡେସନ୍ ନିରନ୍ତର ଭାବେ କଳାତ୍ମକ ଐତିହ୍ୟର ପ୍ରସାର କରିଆସୁଥିବା ବେଳେ ଏହି କାର୍ଯ୍ୟକ୍ରମକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଗେଲ୍ (ଇଣ୍ଡିଆ) ଲିମିଟେଡ୍ (ଭାରତ ସୀମିତ), ଆରଇସି ଲିମିଟେଡ୍, ଏମଜିଏମ ଗ୍ରୁପ୍ (ସମୂହ), ଏଡସିଆଇଏଲ୍ (ଇଣ୍ଡିଆ) ଲିମିଟେଡ୍ ଏବଂ ପାୱାରଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ପରିଚାଳନା କରାଯାଇଥିଲା। ଏଥିସହ ଇଫ୍‌କୋ, ଏନ୍‌ଏଫ୍‌ଏଲ୍ ଏବଂ ଆଇଏମ୍‌ଏଫ୍‌ଏ ଦ୍ୱାରା ସହ-ପରିଚାଳିତ ଏବଂ ଜିନ୍ଦଲ ଷ୍ଟିଲ୍ (ଇସ୍ପାତ), ବେସିଲ୍ ଓ ଅନ୍ୟାନ୍ୟ ସମ୍ମାନିତ ଅଂଶୀଦାରଙ୍କ ଦ୍ୱାରା ଏହା ସମର୍ଥିତ ହୋଇଥିଲା।

# ଏମ୍‌ସିଏଲ୍‌କୁ ମିଳିଲା ଆସୋଚାମ୍ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)କୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ) କ୍ଷେତ୍ରରେ 'ସ୍ଥିରତା ଉପରେ ସ୍ୱତନ୍ତ୍ର ଧ୍ୟାନ ସହିତ ଖଣି କାର୍ଯ୍ୟରେ ଉତ୍କର୍ଷତା' ବର୍ଗ ଅଧୀନରେ ସମ୍ମାନଜନକ 'ଆସୋଚାମ୍ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡ ୨୦୨୬' ପ୍ରଦାନ କରାଯାଇଛି। କୋଲକାତାଠାରେ ଆସୋଚାମ୍ ଦ୍ୱାରା ଆୟୋଜିତ ମିନେରାଲ୍ସ ଆଣ୍ଡ ମାଇନିଂ କନକ୍ଲେଭ୍ ୨୦୨୬ - 'ଟ୍ରାନ୍ସଫର୍ମେସନ୍ ଫର୍ ଗ୍ଲୋବାଲ୍ କମ୍ପିଟିଟିଭନେସ୍'ର ଚତୁର୍ଥ ସଂସ୍କରଣ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ (ଜିଏସଆଇ)ର ମହାନିର୍ଦ୍ଦେଶକ ଅସିତ ସାହା ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଏମସିଏଲ୍ ପକ୍ଷରୁ ମହାପ୍ରବନ୍ଧକ (ଖଣି) ରାଜେଶ ଶର୍ମା ଏହି ପୁରସ୍କାର ଗ୍ରହଣ କରିଥିଲେ। ସ୍ଥାୟୀ ଖଣିଜ ପ୍ରଣାଳୀ, ପରିଚାଳନାଗତ ଉତ୍କର୍ଷତା, ଉନ୍ନତ ଜ୍ଞାନକୌଶଳ ଆପଣାଇବା, ପରିବେଶ ସୁରକ୍ଷା ଦିଗରେ ଏମସିଏଲର ଉଲ୍ଲେଖନୀୟ ଅବଦାନ ଏବଂ ଦେଶର ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରି ଏହି ସମ୍ମାନ ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ, ଏମସିଏଲ୍ ୨୧୮ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ଏବଂ ୨୧୧ ମିଲିୟନ୍ ଟନ୍ ପ୍ରେରଣର ଉପଲବ୍ଧି ହାସଲ କରିଛି, ଯାହାକି ସବୁଜ ଏବଂ ଜ୍ଞାନକୌଶଳ ଭିତ୍ତିକ ଖଣି ପଦକ୍ଷେପକୁ କ୍ରମାଗତ ଭାବରେ ଆଗେଇ ନେବା ସହ ଦେଶର ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବରେ ନିଜର ସ୍ଥାନ ବଜାୟ ରଖିପାରିଛି। ଏହି ପୁରସ୍କାର ସ୍ଥିରତା, ନବସୃଜନ ଏବଂ ଦାୟିତ୍ୱବାନ ସମ୍ବଳ ପରିଚାଳନା ଉପରେ ବିଶେଷ ଧ୍ୟାନ ଦେବା ସହିତ ଖଣି କାର୍ଯ୍ୟରେ ଉତ୍କର୍ଷତା ହାସଲ କରିବା ଦିଗରେ 'ଟିମ୍ ଏମସିଏଲ୍' ର ସାମୂହିକ ପ୍ରୟାସ ଏବଂ ଅଙ୍ଗୀକାରକୁ ପ୍ରତିଫଳିତ କରୁଛି।




# ଜାତୀୟ ଆନ୍ତଃ-ରାଜ୍ୟ ସିନିୟର୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ ଆରମ୍ଭ

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆୟୋଜିତ '୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ୨୦୨୬' ଆଜିଠାରୁ ଆରମ୍ଭ ହୋଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସୂରଜ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିର ପ୍ରଶଂସା କରିଥିଲେ। ଦେଶର ଶ୍ରେଷ୍ଠ ଆଥଲେଟ୍‌ମାନଙ୍କୁ ସ୍ୱାଗତ କରି ସେ ସେମାନଙ୍କର ସଫଳତା କାମନା କରିବା ସହ ଏହି ପ୍ରତିଯୋଗିତା ରାଜ୍ୟ କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଉଥ୍ ଏସିଆନ୍ ଆଥଲେଟିକ୍ସ ଫେଡେରେସନ୍‌ର ସଭାପତି ଡ.ଲଳିତ କୁମାର ଭାନୋଟ୍, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସଭାପତି ଅଭିଜିତ୍ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଚାମ୍ପିୟନସିପ୍‌ଟି ଚଳିତ ବର୍ଷ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା 'ଏସିଆନ ଗେମ୍ସ ୨୦୨୬' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ। ଏହି ୫ ଦିନିଆ ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଶ୍ରେଷ୍ଠ ଆଥଲେଟ୍ (୩୪୨ ପୁରୁଷ ଓ ୨୮୮ ମହିଳା) ଭାଗ ନେଉଛନ୍ତି। ଏଥିରେ ମୋଟ ୪୫ଟି ମେଡାଲ୍ ଇଭେଣ୍ଟ ରହିଛି, ଯେଉଁଥିରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ହର୍ଡଲ୍ସ ଏବଂ ଜାଭେଲିନ୍ ଥ୍ରୋ ଭଳି ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ କରାଯାଇଛି। ଏହି ପ୍ରତିଯୋଗିତାରେ ହରିୟାଣାରୁ ସବୁଠାରୁ ଅଧିକ ୭୦ ଜଣ ଆଥଲେଟ୍ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୨୮ ଜଣ ଆଥଲେଟ୍ ପ୍ରତିନିଧିତ୍ୱ କରିଛନ୍ତି। ଓଡ଼ିଶାର ପ୍ରମୁଖ ଖେଳାଳି ଯେପରିକି ଜାଭେଲିନ୍ ତାରକା କିଶୋର ଜେନା, ଦୌଡ଼ରାଣୀ ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ ଏବଂ ସବିତା ଟପ୍ପୋ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଆଧୁନିକୀକରଣ କାର୍ଯ୍ୟ ପାଇଁ ରେଳ ଚଳାଚଳରେ ବଡ଼ ପରିବର୍ତ୍ତନ

# ୨୬ରେ ଶତାବ୍ଦୀ, ବନ୍ଦେ ଭାରତ ସମେତ ଏକାଧିକ ଟ୍ରେନ୍ ବାତିଲ୍

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ରୋଡ୍ ଡିଭିଜନ୍ ଅନ୍ତର୍ଗତ ମାଳତୀପାଟପୁର ଏବଂ ପୁରୀ ଷ୍ଟେସନ୍ ମଧ୍ୟରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ଟ୍ରେନ୍ ଚଳାଚଳକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯାଇଛି। ଭିତ୍ତିଭୂମିର ଉନ୍ନତି ତଥା ଭବିଷ୍ୟତରେ ଅଧିକ ନିରାପଦ ଓ ସୁବିଧାଜନକ ରେଳ ପରିଚାଳନା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ବେଳେ ଏହା ଦ୍ୱାରା ଅନେକ ଟ୍ରେନ୍ ବାତିଲ, ଆଂଶିକ ବାତିଲ ଏବଂ ସମୟ ପରିବର୍ତ୍ତନ କରାଯାଇଛି।

୨୬ ଜୁନ୍‌ରେ ବାତିଲ୍ ରହିବାକୁ ଥିବା ଟ୍ରେନ୍ ମଧ୍ୟରେ ରହିଛି ୬୮୪୦୩ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ, ୬୮୪୦୪ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ, ୬୮୪୧୦ ପୁରୀ-ଖୋର୍ଦ୍ଧା ରୋଡ୍ ମେମୁ, ୬୮୪୦୯ ଖୋର୍ଦ୍ଧା ରୋଡ୍-ପୁରୀ ମେମୁ, ୬୮୪୧୬ ପୁରୀ-କଟକ ମେମୁ, ୬୮୪୧୫ କଟକ-ପୁରୀ ମେମୁ, ୬୮୪୧୪ ପୁରୀ-ତାଳଚେର ମେମୁ, ୬୮୪୧୩ ତାଳଚେର-ପୁରୀ ମେମୁ, ୧୨୨୭୮ ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ୍, ୧୨୨୭୭ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ୍, ୧୮୪୧୬ ପୁରୀ-ବଡ଼ବିଲ ଏକ୍ସପ୍ରେସ୍, ୧୮୪୧୫ ବଡ଼ବିଲ-ପୁରୀ ଏକ୍ସପ୍ରେସ୍, ୧୮୪୧୪ ପୁରୀ-ପାରାଦୀପ ଇଣ୍ଟରସିଟି ଏକ୍ସପ୍ରେସ୍, ୧୮୪୧୩ ପାରାଦୀପ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍।

ସେହିପରି ଟ୍ରେନ୍ ନଂ. ୨୨୨୦୧ ଶିଆଲଦା–ପୁରୀ ଦୁରନ୍ତ ଏକ୍ସପ୍ରେସ୍ ୨୫ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ମାଳତୀପାଟପୁର ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୨୨୨୦୨ ପୁରୀ–ଶିଆଲଦା ଦୁରନ୍ତ ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ମାଳତୀପାଟପୁରରୁ ଛାଡ଼ିବ। ସେହିପରି, ଟ୍ରେନ୍ ନଂ. ୧୮୧୨୫ ରାଉରକେଲା–ପୁରୀ ଏକ୍ସପ୍ରେସ୍ ୨୫ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୧୮୧୨୬ ପୁରୀ–ରାଉରକେଲା ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡରୁ ଛାଡ଼ିବ। ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୨୧ ଅନୁଗୁଳ–ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୨୨ ପୁରୀ–ଅନୁଗୁଳ ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ। ଆହୁରିମଧ୍ୟ, ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୪୧ ଜଳେଶ୍ୱର–ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୪୨ ପୁରୀ–ଜଳେଶ୍ୱର ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ। ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୫୦ ଦଶପଲ୍ଲା–ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତେ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୪୯ ପୁରୀ–ଦଶପଲ୍ଲା ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ। ଅପର ପକ୍ଷରେ ୨୬ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୨୦୮୩୬ ପୁରୀ–ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ। ୨୫ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୮୪୦୯ ଶାଲିମାର–ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୩ ଘଣ୍ଟା ବିଳମ୍ବରେ ଛାଡ଼ିବ। ୨୫ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୨୮୮୧ ଶାଲିମାର–ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ। ୨୪ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୨୮୦୨ ଆନନ୍ଦ ବିହାର ଟର୍ମିନାଲ–ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ। ୨୫ ଜୁନ୍‌ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୮୪୫୦ ପାଟନା-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୫ ଘଣ୍ଟା ବିଳମ୍ବରେ ଛାଡ଼ିବ। ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍'କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ।

# ଜନ ସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ 'ବିକାଶର ଧାରା, ଓଡ଼ିଶା ସାରା' ଅଂଶ ସ୍ୱରୂପ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଆୟୋଜିତ ଏହି ମୁଖ୍ୟ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର୍ ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଶିକ୍ଷା ଓ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ୱାର୍କସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଧର ବେହେରା, ସିଟି ଇଞ୍ଜିନିୟର ପ୍ରଫୁଲ୍ଲ ରଇତ ଏବଂ ବହୁ କର୍ପୋରେଟର୍ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଏମ୍‌ସି ଅତିରିକ୍ତ କମିଶନର୍ କୈଳାସ ଚନ୍ଦ୍ର ଦାସ ସଫଳତାର ସହ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ୱଚ୍ଛକର୍ମୀ, ସଫେଇ ଗାଡ଼ି ଡ୍ରାଇଭର୍, ଆବାସିକ ସଙ୍ଗଠନ, ବହୁଳ ବର୍ଜ୍ୟ ଉତ୍ପନ୍ନକାରୀ ସଂସ୍ଥା, ସର୍ବାଧିକ ହୋଲଡିଂ ଟାକ୍ସ ଦେଉଥିବା ବ୍ୟକ୍ତିବିଶେଷ, ଗୋଷ୍ଠୀ ସଙ୍ଗଠକ, ପ୍ରଧାନମନ୍ତ୍ରୀ ଆବାସ ଗୃହ ହିତାଧିକାରୀ, ରାସ୍ତା ପାର୍ଶ୍ୱ ବ୍ୟବସାୟୀ ଓ ବରିଷ୍ଠ ନାଗରିକଙ୍କ ସମେତ ମୋଟ ୩୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ସହିତ ମେୟରଙ୍କ ଦ୍ୱାରା ୧୪ଟି ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମହାନଗର ନିଗମର ୩ଟି ଜୋନ୍‌ର ୬ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସମସ୍ତ ଜୋନାଲ କମିଶନର୍, ସ୍ଥାନୀୟ କର୍ପୋରେଟର, ଡେପୁଟି କମିଶନର, ସହକାରୀ କମିଶନର ଓ ବରିଷ୍ଠ ନାଗରିକଙ୍କୁ ମିଶାଇ ୧୦୦୦ରୁ ଅଧିକ ଲୋକ ଯୋଗଦେଇଥିଲେ। ଶେଷରେ ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟ ଉତ୍ସବ ସହ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତଙ୍କୁ ସିଧାସଳଖ ଯୋଡ଼ାଯାଇଥିଲା। ବିଧାୟକ ବାବୁ ସିଂ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବା ପାଇଁ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନାଗରିକମାନଙ୍କୁ ଆହ୍ୱାନ ଦେଇଛନ୍ତି।

୧୯୫୦-୬୦ ଦଶକରେ ବାଲ୍ୟ ବିବାହର ପରମ୍ପରା ବ୍ୟାପକ ଭାବରେ ପ୍ରଚଳିତ ଥିଲା ଓ କିଶୋରାବସ୍ଥାରେ ଗର୍ଭଧାରଣା କରିବା ଥିଲା ଏକ ସାମାନ୍ୟ ଘଟଣା। ଅନେକ ଗର୍ଭବତୀଙ୍କୁ ପ୍ରସବପୂର୍ବ ଯତ୍ନ ବିଷୟରେ କମ୍ ତଥ୍ୟ ଜଣାଥିଲା। ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକ ପ୍ରାୟତଃ ଦୂରରେ ଥିଲା ବିଶେଷ କରି ଗ୍ରାମୀଣ କ୍ଷେତ୍ରଗୁଡ଼ିକ ପାଇଁ। ଏହିପରି ସମୟରେ ଡକ୍ଟର ଶ୍ରୀମଥି ଚିକିତ୍ସା କ୍ଷେତ୍ରରେ ପ୍ରବେଶ କରିଥିଲେ। ତାଙ୍କର ପ୍ରାରମ୍ଭିକ ଦିନଗୁଡ଼ିକରେ ଏକ ଘଟଣା ଡକ୍ଟର ଶ୍ରୀମଥିଙ୍କ ଉପରେ ଅମିଟ ଛାପ ଛାଡ଼ିଥିଲା। ଜଣେ ଗର୍ଭବତୀ ମହିଳା ଶଗଡ଼ ଗାଡ଼ିରେ ୧୨ କି.ମି ଦୂର ରାସ୍ତା ଅତିକ୍ରମ କରି ଚିକିତ୍ସା ସହାୟତା ପାଇଁ ପହଞ୍ଚିଥିଲେ। କିନ୍ତୁ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ଉଭୟେ ମା' ଓ ଅଜନ୍ମ ଶିଶୁକୁ ବଞ୍ଚେଇବା ସମ୍ଭବ ହୋଇପାରି ନଥିଲା। ଏହି ଦୁଃଖଦ ଘଟଣା ଏକ କଠୋର ବାସ୍ତବିକତାକୁ ଉଜାଗର କରେଇଥିଲା ଯେ ଅନେକ ମହିଳାଙ୍କ ପାଇଁ ପ୍ରସବ କେବଳ ଏକ ଚିକିତ୍ସୀୟ ଘଟଣା ନୁହେଁ, ଜୀବନ-ମରଣର ଏକ ପ୍ରଶ୍ନ। ସେହି ମୁହୂର୍ତ୍ତରୁ ଡକ୍ଟର ଶ୍ରୀମଥି ସୁରକ୍ଷିତ ଓ ଅଧିକ ସୁଲଭ ମାତୃ ସ୍ୱାସ୍ଥ୍ୟସେବାର ଦିଗଗୁଡ଼ିକ ଉପରେ କାମ କରିବା ପାଇଁ ସଂକଳ୍ପ ନେବା ସହିତ ନିଜକୁ ଅଧିକ ମଜଭୁତ କରିଥିଲେ। ତେବେ ସମୟ ସହିତ ଏହି କ୍ଷେତ୍ରରେ ନିଜର ନାଟକୀୟ ପରିବର୍ତ୍ତନ ଦେଖିଥିଲେ ଡକ୍ଟର ଶ୍ରୀମଥି। କାନୁନୀ ସୁଧାର ଓ ବୃଦ୍ଧି ପାଉଥିବା ସଚେତନତା ବାଲ୍ୟ ବିବାହର ପରମ୍ପରାକୁ କମ୍ କରେଇବାରେ ସାହାଯ୍ୟ କରିଥିଲା ଯେଉଁ କାରଣରୁ ମହିଳାମାନଙ୍କୁ ପରିବାର ଆରମ୍ଭ କରିବା ସମୟରେ ଓ ଉପାୟଗୁଡ଼ିକ ସମ୍ପର୍କରେ ଅଧିକ ସ୍ୱାୟତ୍ତତା ମିଳିଥିଲା। ସ୍ୱାସ୍ଥ୍ୟସେବାରେ ସୁଧାର, ଉତ୍ତମ ପ୍ରସବପୂର୍ବ ଯାଞ୍ଚ ଓ ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀମାନେ ଦେଶରେ ମାତୃସ୍ୱାସ୍ଥ୍ୟ ଦିଗରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ। ଜାତୀୟ ସ୍ୱାସ୍ଥ୍ୟ ଆକଳନ ଅନୁସାରେ ନିକଟ ଅତୀତର ବର୍ଷଗୁଡ଼ିକରେ ମାତୃ ମୃତ୍ୟୁ ଦର ଓ ଶିଶୁ ମୃତ୍ୟୁ ଦରରେ ଲଗାତର ସୁଧାର ହୋଇଛି।



ଏହି ପ୍ରଗତିର ଶ୍ରେୟ ସେ ଦିଅନ୍ତି ସ୍ୱାସ୍ଥ୍ୟକର୍ମୀମାନଙ୍କୁ। ମାନ୍ୟତାପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା (ଆଶା କାର୍ଯ୍ୟକର୍ତ୍ତା) ଓ ସହାୟକ ନର୍ସ, ଦାଇମାନେ ଗ୍ରାମୀଣ ସମୁଦାୟଗୁଡ଼ିକ ସହିତ ଯୋଡ଼ି ହେବାର ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭେଇଛନ୍ତି ଯେଉଁ କାରଣରୁ ଗର୍ଭବତୀ ମହିଳାମାନଙ୍କୁ ସଠିକ୍ ସମୟରେ ଯାଞ୍ଚ ଓ ମାର୍ଗଦର୍ଶନ ମିଳିଯିବ। ସେମାନଙ୍କର ପ୍ରୟାସ, ଖୁବ୍ ଭଲ ହସ୍‌ପିଟାଲ୍ ସୁବିଧା ଓ ଚିକିତ୍ସା ପ୍ରଶିକ୍ଷଣ ସହିତ ମିଶି ସେ ପୂରା ଦେଶରେ ସୁରକ୍ଷିତ ଗର୍ଭାବସ୍ଥା ଓ ପ୍ରସବଗୁଡ଼ିକରେ ନିଜର ଯୋଗଦାନ ଦେଇଛନ୍ତି। ଏହା ସହିତ ଆଧୁନିକ ପ୍ରସୂତି ବିଜ୍ଞାନରେ ଜନ୍ମ ନେଉଥିବା ନୂଆ ନୂଆ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି ଯେଉଁଥିଲେ ସିଜରିଆନ୍ ଡେଲିଭରୀରେ ଲଗାତର ବୃଦ୍ଧି ସାମିଲ ରହିଛି। ତେବେ ଚିକିତ୍ସା ଅଧ୍ୟୟନଗୁଡ଼ିକରୁ ଜଣାପଡ଼େ ଯେ ଆମ ଦେଶରେ ଏବେ ପାଖାପାଖି ପ୍ରତି ପାଞ୍ଚରୁ ଗୋଟିଏ ପ୍ରସବ ସି-ସେକ୍ସନ୍ ମାଧ୍ୟମରେ ହେଉଛି ଯାହା ଚିକିତ୍ସା ପଦ୍ଧତିଗୁଡ଼ିକରେ ପରିବର୍ତ୍ତନ ସହିତ ରୋଗୀମାନଙ୍କର ପସନ୍ଦ ଓ ହସ୍‌ପିଟାଲ୍‌ଗୁଡ଼ିକରେ ରିସ୍କଥିବା ପ୍ରବନ୍ଧନର ରଣନୀତିଗୁଡ଼ିକୁ ଦର୍ଶାଉଛି।

ବିଗତ ଛଅ ଦଶକରୁ ଊର୍ଦ୍ଧ୍ୱ ସମୟ ହେଲାଣି ଡକ୍ଟର ଶ୍ରୀମଥି ଦୁଇ ଲକ୍ଷରୁ ଅଧିକ ପ୍ରସବ କରାଇ ସାରିଲେଣି ଯେଉଁଥିରେ ହାଇ-ରିସ୍କ ମାମଲାଗୁଡ଼ିକ ମଧ୍ୟ ସାମିଲ ଅଛି। କେବେ କେବେ ମା' ଓ ଶିଶୁର ଉତ୍ତମ ଚିକିତ୍ସା ଦିଗରେ ମଧ୍ୟ ସେ ସ୍ୱର



ଉତ୍ତୋଳନ କରିଛନ୍ତି ଯେଉଁ କାରଣରୁ ଏହି କ୍ଷେତ୍ରରେ ସେ କେବଳ ପରିବର୍ତ୍ତନକୁ ଯେ ଦେଖିଛନ୍ତି ତାହା ନୁହେଁ, ଦେଶରେ ଶିଶୁ ଜନ୍ମର ଉପାୟଗୁଡ଼ିକରେ ଯେଉଁ ପରିବର୍ତ୍ତନ ହୋଇଛି ସେ ଦିଗରେ ମଧ୍ୟ ନିଜର ଯୋଗଦାନ ଦେଇଛନ୍ତି। ୯୨ ବର୍ଷୀୟା ଏହି ମହିଳା ଡାକ୍ତର ପ୍ରତିଦିନ ସକାଳ ୮.୩୦ରୁ ନିଜର କାମ ଆରମ୍ଭ କରନ୍ତି। ଏ ବୟସରେ ସେ ସାଇକେଲ୍ ଚାଳନା ମଧ୍ୟ କରନ୍ତି। ଘରେ ଯୋଗ ସେସନ୍ କରନ୍ତି। ପ୍ରଥମେ ନିଜ ଟିମ୍ ସହିତ ବସି ରୋଗୀ ବିଷୟରେ ଅପଡେଟ୍ ନିଅନ୍ତି। ସନ୍ଧ୍ୟା ସମୟରେ ନିଜର ଘରୋଇ କ୍ଲିନିକ୍‌ରେ ସେ ରୋଗୀମାନଙ୍କୁ ଦେଖନ୍ତି। ତେଲେଙ୍ଗାନାର କେତେକ ବଡ଼ ହସ୍‌ପିଟାଲ୍‌ରେ ୩୫ ବର୍ଷ କାମ କରିବା ପରେ ସେ ୧୯୯୯ରେ ଏହି କ୍ଲିନିକ୍ ଖୋଲିଥିଲେ। ଅବସର ଗ୍ରହଣ କରିବା ପରେ ମଧ୍ୟ ସେ ନିଜର ପ୍ରାକ୍ଟିସ୍ ଜାରି ରଖିଲେ। ନିଜ କ୍ଷେତ୍ରର ଗର୍ଭବତୀ ମହିଳାମାନଙ୍କର ଧ୍ୟାନ ରଖିବା ମୋର ଦାୟିତ୍ୱ ହୋଇଥିବାରୁ ମୋତେ ଏହି କ୍ଲିନିକ୍ ଖୋଲିବାକୁ ପଡ଼ିଥିଲା ବୋଲି ସେ କହନ୍ତି। ତେବେ ସେଠାରେ ସେ ଡେଲିଭରୀ ବା ସର୍ଜରୀ କରାନ୍ତି ନାହିଁ। କେବଳ ପରାମର୍ଶ ଦେଇଥାନ୍ତି।



# ଡକ୍ଟର ସୁରୀ ଶ୍ରୀମଥି

**ଡକ୍ଟର ସୁରୀ ଶ୍ରୀମଥି- ୯୨ ବର୍ଷୀୟା ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଯିଏ ଚିକିତ୍ସା କ୍ଷେତ୍ରରେ ଛଅ ଦଶକରୁ ଅଧିକ ସମୟ ହେଲାଣି ରୋଗୀମାନଙ୍କର ସେବା କରି ଆସୁଛନ୍ତି। ତାଙ୍କର ଚିକିତ୍ସା ଯାତ୍ରା ଏପରି ଯୁଗରେ ଆରମ୍ଭ ହୋଇଛି ଯେତେବେଳେ ମହିଳା ଡାକ୍ତରମାନେ ଦୁର୍ଲଭ ଥିଲେ ଓ ଏହି କ୍ଷେତ୍ରକୁ ଆସିବା ପାଇଁ ସେମାନଙ୍କୁ ହତୋତ୍ସାହିତ କରାଯାଉଥିଲା। ସେ ସମୟର ସାମାଜିକ ଚିନ୍ତାଧାରା ଅନୁସାରେ ଚିକିତ୍ସା ପ୍ରଶିକ୍ଷଣ, ବିଶେଷ ଭାବରେ ଶବଗୁଡ଼ିକ ଉପରେ ଆଧାରିତ ଶରୀର ରଚନା ବିଜ୍ଞାନର ପାଠ, ମହିଳାମାନଙ୍କ ପାଇଁ ଅନୁପଯୁକ୍ତ ବୋଲି କୁହାଯାଉଥିଲା। ତେଣୁ ଡକ୍ଟର ଶ୍ରୀମଥିଙ୍କର ଚିକିତ୍ସା କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ନିଷ୍ପତ୍ତି ପାଇଁ ତାଙ୍କୁ ଅନେକ ଆଲୋଚନା ଓ ସାମାଜିକ ବହିଷ୍କାରର ବି ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ସେ ପରାଜୟ ସ୍ୱୀକାର କରିନଥିଲେ ଓ ଅନ୍ତତଃ ଏକ ସମ୍ମାନିତ ସ୍ତ୍ରୀ ରୋଗ ବିଶେଷଜ୍ଞ ହୋଇ ଅଗଣିତ ମହିଳା ଓ ଶିଶୁଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇପାରିଛନ୍ତି।**

ତେବେ ଏହା କହିବା ଅତିଶୟୋକ୍ତି ହେବ ଯେ ଡକ୍ଟର ସୁରୀ ଶ୍ରୀମଥି ଡେଲିଭରୀ କରାଇଥିବା ୨୦ ଲକ୍ଷ ଶିଶୁଙ୍କର ନାମ ପ୍ରାୟତଃ ମନେ ରଖିଛନ୍ତି। ଏହି ସଂଖ୍ୟାରେ ଲଗାତର ବୃଦ୍ଧି ମଧ୍ୟ ହେଉଛି। ଆଜି ବି ସେ ନିଷ୍ଠା ଓ ପରିଶ୍ରମ ଦ୍ୱାରା ନିଜ କର୍ତ୍ତବ୍ୟକୁ ସଠିକ୍ ଭାବରେ ନିଭଉଛନ୍ତି। ଡକ୍ଟର ସୁରୀ ଏକା ସହିତ କେତେକ ଭୂମିକା ଗ୍ରହଣ କରିଥାନ୍ତି - ଜଣେ ଆନାସ୍ଥେସିଓଲୋଜିଷ୍ଟ, ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଜଣେ ଶିଶୁ ରୋଗ ବିଶେଷଜ୍ଞ ଭାବରେ। ଆଜିର ସମୟରେ ଏହା ସମ୍ପୂର୍ଣ୍ଣ ଭାବରେ ଏକ ଅଲଗା ପ୍ରକ୍ରିୟା। ତେବେ ଚିକିତ୍ସା ଓ ପ୍ରଯୁକ୍ତିବିଦ୍ୟାରେ ହୋଇଥିବା ପରିବର୍ତ୍ତନଗୁଡ଼ିକ ତାଙ୍କ କ୍ୟାରିୟରକୁ ଆକାର ଦେଇଛନ୍ତି। ଏବେ ମଧ୍ୟ ଏକ ଶିଶୁକୁ ଦୁନିଆକୁ ଆଣିବା ପରେ ସେ ସେହିପରି ଖୁସି ଅନୁଭବ କରିଥାନ୍ତି ଯେପରି ପୂର୍ବରୁ କରୁଥିଲେ।



**ସେବା କ୍ଷେତ୍ରରେ ତାଙ୍କର ସ୍ମୃତିକୁ ସେ ଆଜି ବି ସାଇତି କରି ରଖିଛନ୍ତି, ତାଙ୍କ ବୟସର ଚିହ୍ନ ଦୃଢ଼ତାର କାହାଣୀ କହୁଛି। ତାଙ୍କ ମାନସିକ ଭଣ୍ଡାରର ଗଭୀରତାରୁ ବାହାରିଥିବା ପ୍ରତି କାହାଣୀ ସହିତ ଏହା ସ୍ପଷ୍ଟ ହୋଇଯାଉଛି ଯେ ସେ ନା କେବଳ କାହାଣୀ ବା ଘଟଣାବଳୀର, ଦେଶର ମହିଳାମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ଓ ବିକାଶର ମଧ୍ୟ ସମୟ-ନିର୍ଦ୍ଧାରକ। ଡକ୍ଟର ସୁରୀ ଶ୍ରୀମଥିଙ୍କ କାହାଣୀ ଏହା ଶିକ୍ଷା ଦେଉଛି ଯେ ସମର୍ପଣ, ସେବା ଓ କୌଣସି କାର୍ଯ୍ୟ ପ୍ରତି ଥିବା ପାଗଳପଣ ପାଇଁ ବୟସ ପ୍ରତିବନ୍ଧକ ସାଜେ ନାହିଁ। ସ୍ପଷ୍ଟ ଉଦ୍ଦେଶ୍ୟ ସହିତ ଏଥିପାଇଁ ନିରନ୍ତର ପ୍ରୟାସ ହିଁ ଅସଲ ସଫଳତା ଓ ସମାଜରେ ସ୍ଥାୟୀ ପ୍ରଭାବ ଆଣିଥାଏ।**

## ସ୍ୱାସ୍ଥ୍ୟ: ବର୍ଷାଦିନରେ ୟୁଟିଆଇ ସମସ୍ୟା

**ବର୍ଷାଋତୁର ପାଣିପାଗରେ ଆର୍ଦ୍ରତା ଓ ଉମସ ରହିଥାଏ ଯେଉଁ କାରଣରୁ ବ୍ୟାକ୍ଟେରିଆମାନେ ଖୁବ୍ ଶୀଘ୍ର ଜନ୍ମ ନେଇ ବୃଦ୍ଧି ପାଆନ୍ତି। ଏହି କାରଣରୁ ୟୁରିନାରୀ ଟ୍ରାକ୍ଟ ଇନ୍‌ଫେକ୍ସନ୍ (ୟୁଟିଆଇ)ର ବିପଦ ବୃଦ୍ଧିପାଏ। ବର୍ଷା ଦିନେ ଓଦା କପଡ଼ା ପିନ୍ଧି ବହୁତ ସମୟ ପର୍ଯ୍ୟନ୍ତ ରହିବା ଦ୍ୱାରା, କମ୍ ପାଣି ପିଇବା ଦ୍ୱାରା ଓ ସାର୍ବଜନିକ ଶୌଚାଳୟଗୁଡ଼ିକର ବ୍ୟବହାର କରିବା ଦ୍ୱାରା ଏହି ସମସ୍ୟା ଅଧିକ ପରିମାଣରେ ଦେଖାଯାଏ।**

**କାରଣ**-ବର୍ଷାଦିନର ପବନରେ ଥାଏ ଆର୍ଦ୍ରତା ଓ ଉମସ ଯାହା ହାନିକାରକ ବ୍ୟାକ୍ଟେରିଆଙ୍କ ପାଇଁ ଅନୁକୂଳ ହୋଇଥାଏ। ପାଗ ଥଣ୍ଡା ରହିଲେ ଲୋକମାନେ କମ୍ ପାଣି ପିଅନ୍ତି ଯେଉଁ କାରଣରୁ ୟୁରିନ୍ ପତଳା ହୁଏ ନାହିଁ ଓ ଏହି କାରଣରୁ ବ୍ୟାକ୍ଟେରିଆମାନେ ବାହାରକୁ ବାହାରି ପାରନ୍ତି ନାହିଁ। ଓଦା କପଡ଼ା ପିନ୍ଧି ରହିଲେ ଜନନାଙ୍ଗର ଆଖପାଖରେ ଆର୍ଦ୍ରତା ରହେ ଯାହା ସଂକ୍ରମଣର ମୁଖ୍ୟ କାରଣ ହୋଇଥାଏ।

**ଲକ୍ଷଣ**- ପରିସ୍ରା କରିବା ସମୟରେ ତୀବ୍ର ଜ୍ୱଳନ ବା ଯନ୍ତ୍ରଣା, ବାରମ୍ବାର ପରିସ୍ରା ଲାଗିବା କିନ୍ତୁ ଅଳ୍ପ ପରିସ୍ରା ହେବା, ପରିସ୍ରାରୁ ଦୁର୍ଗନ୍ଧ ଆସିବା ବା ଏହାର ରଙ୍ଗ ଲାଲ୍ ହେବା, ପେଟର ତଳ ଭାଗରେ ଯନ୍ତ୍ରଣା ହେବା ବା ପିଠିର ତଳ ଭାଗରେ ବ୍ୟଥା ହେବା, ଅଳ୍ପ ଜ୍ୱର ରହିବା ବା ଥଣ୍ଡା ଲାଗିବା।





**ଉପଚାର**-ଏହି ସଂକ୍ରମଣକୁ ନେଇ ବିଶେଷଜ୍ଞମାନେ ଯେଉଁ ପରାମର୍ଶ ଦେଇଛନ୍ତି ତାହାକୁ ପାଳନ କରିବା ଉଚିତ। ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ, ସବୁବେଳେ ସୂତା କପଡ଼ା ପିନ୍ଧନ୍ତୁ, ଶୁଖିଲା ଅନ୍ତର୍ବସ୍ତ୍ରର ବ୍ୟବହାର କରିବା ଉଚିତ। ପରିସ୍ରାକୁ ଅଟକେଇବା ଅନୁଚିତ। ନହେଲେ ବ୍ୟାକ୍ଟେରିଆ ମୂତ୍ରାଶୟରେ ଜନ୍ମ ନେଇପାରନ୍ତି। ବାହାରେ ଯଦି ଶୌଚାଳୟର ବ୍ୟବହାର କରୁଛନ୍ତି ତେବେ ପରିଷ୍କାର-ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବା ଜରୁରୀ। ୟୁଟିଆଇ ସମସ୍ୟାରେ ମହିଳାମାନଙ୍କ ପାଇଁ ସବୁଠାରୁ ଅଧିକ ବିପଦ ରହିଥାଏ। ଆମେରିକାର ଏକ ଅଧ୍ୟୟନ ଅନୁସାରେ ଗର୍ଭାବସ୍ଥା, ଡାଇବେଟିସ୍ ଓ ମେନୋପଜ୍‌ର ସ୍ଥିତିରେ ଏହି ବିପଦ ଅଧିକ ଥାଏ। ମହିଳା ଡାଇବେଟିସ୍ ରୋଗୀ- ଡାଇବେଟିସ୍ ରୋଗୀଙ୍କ ୟୁରିନ୍‌ରେ ସୁଗାର୍ ଆସେ ଯେଉଁ କାରଣରୁ ବ୍ୟାକ୍ଟେରିଆ ସହଜରେ ସୃଷ୍ଟି ହୁଅନ୍ତି। ବ୍ଲାଡର୍ ସମ୍ପୂର୍ଣ୍ଣ ଭାବରେ ଖାଲି ହୋଇପାରେ ନାହିଁ ଯେଉଁ କାରଣରୁ ୟୁଟିଆଇ ସମସ୍ୟା ହୋଇଥାଏ।

**ଗର୍ଭାବସ୍ଥା**-ଏ ସମୟରେ ହର୍ମୋନାଲ୍ ପରିବର୍ତ୍ତନ ଓ ଗର୍ଭାଶୟର ବୃଦ୍ଧି କାରଣରୁ ବ୍ଲାଡର୍ ଖାଲି ହୋଇପାରେ ନାହିଁ ଓ ବ୍ୟାକ୍ଟେରିଆଙ୍କୁ ବୃଦ୍ଧି ହେବାର ସୁଯୋଗ ମିଳିଯାଏ। ଏହାପରେ ୟୁଟିଆଇ ସମସ୍ୟା ଦେଖାଦିଏ।

## ସୌନ୍ଦର୍ଯ୍ୟ: ଚମକପୂର୍ଣ୍ଣ ସ୍କିନ୍ ପାଇଁ ଯୋଗ



**ଆଜିର ଏହି ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ମହିଳାମାନେ ସଠିକ୍ ଭାବରେ ନିଜର ଯତ୍ନ ନେଇପାରୁ ନାହାନ୍ତି। କିନ୍ତୁ କମ୍ ସମୟ ମଧ୍ୟରେ କିପରି ଚମକପୂର୍ଣ୍ଣ ଓ ସୁନ୍ଦର ସ୍କିନ୍ ପାଇବେ ସେଥିପାଇଁ ବିଭିନ୍ନ ଉତ୍ପାଦଗୁଡ଼ିକ ଉପରେ ନିର୍ଭର କରୁଛନ୍ତି। ଅନେକ ମହିଳା ସୌନ୍ଦର୍ଯ୍ୟ ପ୍ରସାଧନ ଉପରେ ଖୁବ୍ ଅର୍ଥ ଖର୍ଚ୍ଚ କରିଥାନ୍ତି। କିନ୍ତୁ ବିଶେଷଜ୍ଞମାନେ କହନ୍ତି ଯେ ଅସଲ ସୌନ୍ଦର୍ଯ୍ୟ ଆସେ ଶରୀର ଭିତରୁ। ତେଣୁ ଏଥିପାଇଁ ଯୋଗ ଏକ ଉପାୟ ହୋଇପାରେ। ଯାହା ପ୍ରାକୃତିକ ଓ ପ୍ରଭାବୀ ଉପାୟରେ ସ୍କିନ୍‌ର ଚମକ ଫେରାଇ ଆଣିବାରେ ସହାୟତା କରିଥାଏ। ଏଥିପାଇଁ ରହିଛି ପାଞ୍ଚଟି ଯୋଗାସନ ଯେଉଁଗୁଡ଼ିକୁ କରିପାରିଲେ ରକ୍ତ ସଞ୍ଚାର ଉନ୍ନତମାନର ହେବା ସହିତ ଷ୍ଟ୍ରେସ୍ କମ୍ ହୋଇ ଚେହେରାରେ ପ୍ରାକୃତିକ ଚମକ ଫେରିଆସିବ।**





**ପାଦହସ୍ତାସନ**-ଏଥିରେ ଦୁଇ ହାତକୁ ଉପରକୁ ଉଠାଇବେ, ପେଟକୁ ଭିତର ଆଡ଼କୁ ନେଇ ଶରୀରକୁ ଆଗକୁ ବାହାର କରିବେ। ଏହି ପୋଜ୍‌ରେ ରହିବେ ୩୦ ସେକେଣ୍ଡ ପର୍ଯ୍ୟନ୍ତ। ଏହିପରି ଚାରି ଥର କରିବେ। ଏଥିରେ ରକ୍ତ ସଞ୍ଚାର ଖୁବ୍ ଭଲ ହେବ ଯାହା ସିଧା ସ୍କିନ୍‌କୁ ତାଜା ଓ ଚମକପୂର୍ଣ୍ଣ କରିବାରେ ସହାୟତା କରିବ।

**ଅଧୋମୁଖ ଶ୍ୱାନାସନ**-ଏହି ଆସନ ରକ୍ତ ପ୍ରବାହକୁ ବ୍ରେନ୍ ଓ ମୁହଁ ପର୍ଯ୍ୟନ୍ତ ପହଞ୍ଚାଇଥାଏ ଯେଉଁ କାରଣରୁ ଚେହେରାର ମାଂସପେଶୀରେ ଅକ୍ସିଜେନ୍ ସପ୍ଲାଇ ବୃଦ୍ଧିପାଏ। ଏହା ଷ୍ଟ୍ରେସ୍ ଓ କ୍ଳାନ୍ତିକୁ କମ୍ କରାଇଥାଏ। ନିୟମିତ ଭାବରେ ଏହି ଯୋଗ କରିବା ଦ୍ୱାରା ସ୍କିନ୍ ସୁସ୍ଥ ଓ ଉଜ୍ଜ୍ୱଳ ଦେଖାଯିବ।

**କପାଳଭାତି**-ଏଥିରେ ଶ୍ୱାସକୁ ଛାଡ଼ିବା ସହିତ ପେଟକୁ ଜୋର୍‌ରେ ଭିତର ଆଡ଼କୁ ନିଆଯାଏ। ଏହି ପ୍ରକ୍ରିୟା ଦ୍ୱାରା ଟକ୍ସିନ୍ ଶରୀରରୁ ବାହାରିବା ସହଜ ହୋଇଯାଏ, ହଜମ ଶକ୍ତି ଖୁବ୍ ଭଲ ହୁଏ, ଚେହେରାରେ ଚମକ ଫେରିଆସେ ଓ ସ୍କିନ୍ ପରିଷ୍କାର ରହେ। ସ୍କିନ୍‌କୁ ପରିଷ୍କାର ରଖିବାର ସବୁଠାରୁ ସହଜ ଉପାୟ ହେଉଛି କପାଳଭାତି।

**ପଶ୍ଚିମୋତ୍ତାନାସନ**-ଏହା ଏକ ଜରୁରୀ ଓ ସହଜ ଆସନ ଯାହା ଶରୀରକୁ ଷ୍ଟ୍ରେଚ୍ କରାଏ ଓ ନମନୀୟତାକୁ ଉନ୍ନତମାନର କରାଏ। ଏହା ମସ୍ତିଷ୍କକୁ ଶାନ୍ତ ରଖି ଟେନ୍‌ସନ୍ କମ୍ କରାଏ। ଯେହେତୁ ଷ୍ଟ୍ରେସ୍, ସ୍କିନ୍‌ର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ ସେଥିପାଇଁ ଏହି ଆସନ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବଜାୟ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ।



**ଉତ୍ତାନପଦାସନ**-ଶରୀରକୁ ମଜଭୁତ ଓ ମାଂସପେଶୀଗୁଡ଼ିକୁ ଆକ୍ଟିଭେଟ୍ କରିବାରେ ଏହି ଆସନ ସକ୍ରିୟ ଭୂମିକା ଗ୍ରହଣ କରିଥାଏ। ପୋଷ୍ଚରକୁ ଆହୁରି ସୁନ୍ଦର କରିବା ସହିତ ଏହି ଆସନ ଏନର୍ଜି ସ୍ତରକୁ ବୃଦ୍ଧି କରାଏ। ଖୁବ୍ ଭଲ ବଡି ପୋଷ୍ଚର ଓ ଇଣ୍ଟରନାଲ୍ ବାଲାନ୍ସ ଚେହେରା ଉପରେ ଆତ୍ମବିଶ୍ୱାସ ଓ ଚମକ ଫେରାଇ ଆଣିବା କାମ କରିଥାଏ।

## ଖନ୍ଦାଶାଳ

# ଅମୃତସରୀ ଫିସ୍

**ପଞ୍ଜାବର ଚିକେନ୍ ଓ ମଟନ୍ ବ୍ୟଞ୍ଜନ ଖୁବ୍ ଲୋକପ୍ରିୟ। ମାଂସାହାରୀ ଭୋଜନ କଥା ଆସିଲେ ଅମୃତସରୀ ଫିସ୍ ସବୁ ରାଜ୍ୟର ଲୋକଙ୍କୁ ଖୁବ୍ ପସନ୍ଦ ଆସେ।**

**ଆବଶ୍ୟକୀୟ ସାମଗ୍ରୀ**-ଫିସ୍ ଫିଲେଟ୍- ୫୦୦ ଗ୍ରାମ, ଅଦା-ରସୁଣ ପେଷ୍ଟ-୫୦ ଗ୍ରାମ, ଲାଲ୍ ଲଙ୍କା ପାଉଡର୍-୧୦ ଗ୍ରାମ, ଲେମ୍ବୁ ରସ-୨୦ ମି.ଲି, ଜୁଆଣି-୫ ଗ୍ରାମ, ବେସନ-୨୦୦ ଗ୍ରାମ, ଅଣ୍ଡା-୨ଟି, ଦହି-୧୦୦ ଗ୍ରାମ, ଲୁଣ-ସ୍ୱାଦାନୁସାରେ, ତେଲ।

**ପ୍ରଣାଳୀ**-ମାଛକୁ ପରିଷ୍କାର କରି ପ୍ରଥମେ ଧୋଇ ଫିଲେଟ୍ ବା ଫିଙ୍ଗର୍ସରେ କାଟନ୍ତୁ। ସେଥିରେ ଲୁଣ, ଲେମ୍ବୁ ରସ, ଅଦା-ରସୁଣ ପେଷ୍ଟ ଓ ଲାଲ୍ ଲଙ୍କା ପାଉଡର୍ ପକାଇ ଗୋଳେଇଦେବେ। ବେସନ, ଦହି, ଅଣ୍ଡା, ଜୁଆଣି, ଲୁଣ ଓ ପାଣି ମିଶାଇ ଏକ ବ୍ୟାଟର୍ ପ୍ରସ୍ତୁତ କରିବେ। ଏହି ବ୍ୟାଟର୍‌ରେ ମାଛକୁ ପକାଇ ୧୦ ମିନିଟ୍ ପାଇଁ ମ୍ୟାରିନେଟ୍ କରି ରଖିଦିଅନ୍ତୁ। ଏବେ ଏକ ପ୍ୟାନ୍‌ରେ ତେଲ ଗରମ କରି ମାଛକୁ ଅଳ୍ପ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଚାଟ୍ ମସଲା, ଲେମ୍ବୁ ଭେସେସ୍ ସହିତ ଗରମ ଗରମ ଭାତ, ରୁଟି ସହିତ ଖାଇବାକୁ ଦେବେ।



## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**: କାର୍ଯ୍ୟସ୍ଥଳରେ ଅନୁଶାସନରୁ ଲାଭ ମିଳିବ। ବୁଦ୍ଧିମାନର ସହିତ ଖର୍ଚ୍ଚର ପ୍ରବନ୍ଧନ କରିବେ। ବେକାର ଖର୍ଚ୍ଚକୁ ରୋକିହେବ। ପରିବାର ସହିତ ଧାର୍ମିକ ସ୍ଥାନକୁ ଯାଇପାରନ୍ତି। ବ୍ୟସ୍ତତା ଅଧିକ ରହିବ।

**ବୃଷ**: ସହକର୍ମୀଙ୍କୁ ସାହାଯ୍ୟର ଆବଶ୍ୟକତା ଥାଇପାରେ। ବୁଝାମଣା ନକରି ସାହାଯ୍ୟ ପ୍ରଦାନ କରିବା ମହତ୍ତ୍ୱପୂର୍ଣ୍ଣ ହେବ। ସମ୍ପତ୍ତିକୁ ଭଡ଼ାରେ ଦେଲେ ଲାଭ ପାଇବେ। ମନ ପ୍ରସନ୍ନ ରହିବ।

**ମିଥୁନ**: ମାତାପିତାଙ୍କ ସହିତ ସାକ୍ଷାତ ହୋଇପାରେ। ଦୂର ଯାତ୍ରା କରୁଥିଲେ ଶାନ୍ତି ପାଇବେ। ସ୍ୱାସ୍ଥ୍ୟ ଭଲ ରହିବ। ବିତ୍ତୀୟ ସୁବିଧା ନିଜ ନିୟନ୍ତ୍ରଣରେ ରହିବ। ବେକାର କ୍ରୋଧରୁ ଦୂରରେ ରୁହନ୍ତୁ।

**କର୍କଟ**: ଆର୍ଥିକ ମାମଲାରେ ଭାଗ୍ୟର ସହଯୋଗ ପାଇବେ। କିଛି ଲୋକଙ୍କୁ ଭଲ ପ୍ୟାକେଜ୍‌ରେ ନୂଆ ଜବ୍ ମିଳିବ। ସ୍କିନ୍ ଆଲର୍ଜିର ସମସ୍ୟା ହୋଇପାରେ। ଯାତ୍ରା ଯୋଗ ଅଛି।

**ସିଂହ**: କ୍ଳାନ୍ତ ଅନୁଭବ କରିବେ। ସେଥିପାଇଁ ବ୍ୟକ୍ତିଗତ ଓ ପେସାଗତ ଜୀବନରେ ସନ୍ତୁଳନ ରକ୍ଷା କରିବା ଉଚିତ। ଆର୍ଥିକ ପ୍ଲାନିଂ ସଫଳ ରହିବ। ସ୍ଥିରତା ପାଇଁ ପ୍ରୟାସର ଆବଶ୍ୟକତା ରହିଛି।

**କନ୍ୟା**: ଆତ୍ମବିଶ୍ୱାସର ସହିତ ଆଜି ଆଗକୁ ବଢ଼ିବେ। ଆର୍ଥିକ ବିକାଶ ସ୍ଥିର ରହିବ। ଏହା ଭବିଷ୍ୟତର ବୈଭବଶାଳୀ ଜୀବନର ରାସ୍ତା ଖୋଲିବ। ଧୈର୍ଯ୍ୟର ପରୀକ୍ଷା ଦେବେ। ନିରାଶା କମ୍ ହେବ।

**ତୁଳା**: ଶରୀରର ସଂକେତ ଉପରେ ଧ୍ୟାନ ଦେବେ। ଅଧିକ ଚାପ ଯୋଗୁ କ୍ଳାନ୍ତ ହେବେ। କମିଶନ ଉପରେ କାମ କରୁଥିଲେ ଉତ୍ଥାନ-ପତନର ଆଶା କରିପାରନ୍ତି। ସାବଧାନତାର ସହିତ ଯୋଜନା କରିପାରନ୍ତି।

**ବିଛା**: ଆର୍ଥିକ ସ୍ଥିତିକୁ ଉତ୍କୃଷ୍ଟ କରେଇ ପାରିବେ। ସମୟ ସହିତ ଚାଲିବା ଯୋଗୁ କାର୍ଯ୍ୟଭାର ହାଲୁକା ହେବ। ବୟସ୍କ ବ୍ୟକ୍ତି ପାରିବାରିକ ତଥ୍ୟ ଦେବେ। ଛାତ୍ରଛାତ୍ରୀମାନେ ପାଠପଢ଼ା ଉପରେ ଧ୍ୟାନ ଦେବେ।

**ଧନୁ**: ସମ୍ପତ୍ତି ନିବେଶର ପ୍ରବଳ ସମ୍ଭାବନା ରହିଛି। ଅବସରରୁ ଲାଭ ଉଠାଇବେ। ଅଧିକ ପରିଶ୍ରମ ନକଲେ ଭଲ। ଆର୍ଥିକ ଚିନ୍ତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

**ମକର**: ପରିବାରରେ କୌଣସି ପିଲାଙ୍କୁ ଗାଇଡ୍ କରିପାରନ୍ତି। ସମ୍ପତ୍ତିଜନିତ ମାମଲାରୁ ଲାଭ ପାଇବେ। ସୁଖଦ ଆର୍ଥିକ ସରପ୍ରାଇଜ ଦିନଟିକୁ ଖୁବ୍ ଉତ୍ତମ କରିବ। ସମର୍ପଣ ଭାବନା ପାଇଁ ପରିଚୟ ପାଇବେ।

**କୁମ୍ଭ**: ଆର୍ଥିକ ସ୍ଥିତିରେ ସୁଧାର ହେବ। କଠିନ ପରିଶ୍ରମ କରିବେ। କ୍ୟାରିୟରର ଉପଲବ୍ଧିଗୁଡ଼ିକ ପାଇବେ। ଯାତ୍ରା ସୁଖ ମିଳିପାରେ। କାରବାରରେ ବୃଦ୍ଧି ହେବ। ଲାଭର ଅବସର ପାଇବେ।

**ମୀନ**: ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ସୋର୍ସରୁ ପରିଣାମ ପାଇବା ପାଇଁ ସମୟ ଲାଗିବ। କିନ୍ତୁ ଲାଭ ମିଳିବ। ବ୍ୟବସାୟିକ ସ୍ତରରେ ସଫଳତାର ରାସ୍ତାରେ ଅଛନ୍ତି। ଘରୋଇ ମାମଲାରେ ଧ୍ୟାନ ଦେବେ।

# ବୈଭବଙ୍କ ପାଇଁ ଇଂଲଣ୍ଡରେ ହେବ ଅଲଗା ଚେଞ୍ଜିଂ ରୁମ୍



**ଟିମ୍ ମିଟିଂ ଓ ଖେଳ ସମୟରେ ସିନିୟରଙ୍କ ସହିତ ରହିବେ**

**ଆଇସିସି ନିୟମ ଅନୁସାରେ ନିଷ୍ପତ୍ତି**

**ଲଣ୍ଡନ,୨୪।୬/ଏଜେନ୍ସି:** ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଇଂଲଣ୍ଡ ଓ ଆୟର୍ଲାଣ୍ଡ ଗସ୍ତ ଅବସରରେ ଟିମ୍‌ର ବାକି ଖେଳାଳିଙ୍କଠାରୁ ଅଲଗାତ ଚେଞ୍ଜିଂ ରୁମ୍ ବ୍ୟବହାର କରିବେ। ସୂର୍ଯ୍ୟବଂଶୀଙ୍କ ପାଇଁ ଏହି ନିଷ୍ପତ୍ତି ଆଇସିସି ଏବଂ ଇସିବିର ଅଣ୍ଡର-୧୬ ଖେଳାଳିଙ୍କ ସହ ଜଡ଼ିତ ସେଫ୍‌ଗାର୍ଡିଂ ପଲିସ୍ ଅଧୀନରେ ନିଆଯାଇଛି। ତେବେ ସୂର୍ଯ୍ୟବଂଶୀ ମ୍ୟାଚ୍ ଅବସରରେ ଭାରତୀୟ ଖେଳାଳିଙ୍କ ସହିତ ରହିପାରିବେ ଏବଂ ଟିମ୍ ମିଟିଂରେ ମଧ୍ୟ ଭାଗ ନେଇପାରିବେ। କପଡ଼ା ବଦଳାଇବା ପାଇଁ ତାଙ୍କୁ ଅଲଗତା ଚେଞ୍ଜିଂ ରୁମ୍ ଏବଂ ୱାଶ୍‌ରୁମ୍ ବ୍ୟବହାର କରିବାକୁ ହେବ। ଆଇସିସି ଏହି ନିୟମ ୨୦୧୯ରେ ଲାଗୁ କରିଥିଲା। ଭାରତ-ଆୟର୍ଲାଣ୍ଡ ଟି-୨୦ ସିରିଜ୍ ଜୁନ୍ ୨୬ରୁ ହେବ। ଏହାପରେ ଜୁଲାଇ ୧ ତାରିଖରୁ ଭାରତୀୟ ଟିମ୍ ଇଂଲଣ୍ଡରେ ୫ ଟି-୨୦ ଏବଂ ତିନି ଦିନିକିଆ ମ୍ୟାଚ୍ ଖେଳିବ।

ଇସିବି ବ୍ରିଟିଶ ଖବରକାଗଜ ଦ ଗାର୍ଡିଆନ୍‌କୁ କହିଛି, ବୈଭବ ସୂର୍ଯ୍ୟବଂଶୀଙ୍କ ସୁରକ୍ଷା ଏବଂ ଦେଖାଶୁଣା ସୁନିଶ୍ଚିତ କରିବା ପାଇଁ ଭାରତୀୟ ଟିମ୍‌ର ଟିମ୍ ଲିଆସନ୍ ଅଫିସର (ଟିଏଲ୍‌ଓ) ଏବଂ ସମସ୍ତ ଆୟୋଜକ ଗ୍ରାଉଣ୍ଡର ସେଫ୍‌ଗାର୍ଡିଂ ଅଧିକାରୀଙ୍କ ସହ ସମନ୍ୱୟ କରାଯାଉଛି। ଟିଏଲ୍‌ଓ ବିଦେଶର ଗସ୍ତ ଅବସରରେ ଆୟୋଜକ ବୋର୍ଡ ଏବଂ ଟିମ୍ ମଧ୍ୟରେ ସମ୍ପର୍କ ଅଧିକାରୀ ଭୂମିକା ତୁଲାଇଥାନ୍ତି। ଇସିବି ଏହା ମଧ୍ୟ କହିଛି, ସୂର୍ଯ୍ୟବଂଶୀଙ୍କ ମାତା-ପିତା ପୂରା ଗସ୍ତରେ ତାଙ୍କ ସହିତ ରହିବେ ଏବଂ ଭାରତୀୟ ଟିମ୍ ଅବସ୍ଥାନ କରିବାକୁ ଥିବା ହୋଟେଲ୍‌ରେ ରହିବେ। ସାଧାରଣତଃ ଖେଳାଳିଙ୍କ ପରିବାର ଟିମ୍ ହୋଟେଲ୍‌ରେ ରହିନଥାନ୍ତି। କିନ୍ତୁ ତାଙ୍କ କମ୍ ବୟସକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥାକୁ ବିଶେଷ ଅନୁମତି ଦିଆଯାଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ ସୂର୍ଯ୍ୟବଂଶୀଙ୍କ ମାତା-ପିତା ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ତାଙ୍କ ସହିତ ରହିବେ। ବୋର୍ଡ ତାଙ୍କ ଯାତ୍ରା ଏବଂ ରହିବାର ପୂରା ଖର୍ଚ୍ଚ ଉଠାଇବ।

# ଉଜ୍‌ବେକିସ୍ତାନକୁ ୫-୦ରେ ହରାଇଲା ପର୍ତ୍ତୁଗାଲ୍

**ହ୍ୟୁଷ୍ଟନ୍,୨୪।୬/ଏଜେନ୍ସି:** ହ୍ୟୁଷ୍ଟନ୍ ଷ୍ଟାଡିୟମ୍‌ରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଗ୍ରୁପ୍-କେ'ର ଏକ ମ୍ୟାଚ୍‌ରେ ପର୍ତ୍ତୁଗାଲ୍ ୫-୦ ଗୋଲ୍‌ରେ ଉଜ୍‌ବେକିସ୍ତାନକୁ ହରାଇ ଦେଇଛି। ଟିମ୍ ପକ୍ଷରୁ କ୍ୟାପ୍ଟେନ୍ କ୍ରିଷ୍ଟିଆନୋ ରୋନାଲ୍ଡୋ ଦୁଇଟି ଗୋଲ୍ କରିଥିଲେ। ମ୍ୟାଚ୍ ଆରମ୍ଭରୁ ହିଁ ପର୍ତ୍ତୁଗାଲ୍ ଆଟାକିଂ ଖେଳ ଖେଳିଥିଲା। ଚତୁର୍ଥ ମିନିଟ୍‌ରେ ନୁନୋ ମେଣ୍ଡେସ୍‌ଙ୍କ କ୍ରସ୍‌ରେ କ୍ୟାପ୍ଟେନ୍ କ୍ରିଷ୍ଟିଆନୋ ରୋନାଲ୍ଡୋ ସୁଯୋଗ ହାତଛଡ଼ା କରିଥିଲେ। ତେବେ ଏହାର ଦୁଇ ମିନିଟ୍ ପରେ ତ୍ରୁଟି ଦୋହରାଇ ନଥିଲେ। ଜୋଆଓ କ୍ୟାନ୍‌ସିଲୋଙ୍କ ଲୋ-କ୍ରସ୍‌ରେ ରୋନାଲ୍ଡୋ ଆକର୍ଷଣୀୟ ରାଇଟ୍-ଫୁଟ୍ ଶଟ୍ ମାରି ବଲ୍‌କୁ ନେଟ୍‌ରେ ପହଞ୍ଚାଇଥିଲେ। ଏହି ଗୋଲ୍ ସହିତ ୬ ବିଶ୍ୱକପ୍‌ରେ ଗୋଲ୍ କରିବାରେ ସେ ବିଶ୍ୱର ପ୍ରଥମ ଖେଳାଳି ହୋଇଥିଲେ। ୧୪ତମ ମିନିଟ୍‌ରେ ଉଜ୍‌ବେକିସ୍ତାନର ଖାମରୋବେକୋଭ୍ ପେଡ୍ରୋ ନେଟୋଙ୍କୁ ଫାଉଲ୍ କରିବାର ପର୍ତ୍ତୁଗାଲ୍‌କୁ ଫ୍ରି-କିକ୍ ମିଳିଥିଲା ଏବଂ ୧୭ତମ ମିନିଟ୍‌ରେ ନୁନୋ ମେଣ୍ଡେସ୍ ଲୋ-ଶଟ୍ ଲଗାଇ ସ୍କୋର୍ ୨-୦ କରିଥିଲେ। ୩୮ତମ ମିନିଟ୍‌ରେ ବ୍ରୁନୋ ଫର୍ଣ୍ଣାଣ୍ଡିସ୍‌ଙ୍କ ଉନ୍ନତ ଥ୍ରୁ ବଲ୍‌କୁ ରୋନାଲ୍ଡୋ ପୋଷ୍ଟରେ ପହଞ୍ଚାଇବା ସହିତ ହାଫ୍ ଟାଇମ୍



ପୂର୍ବରୁ ପର୍ତ୍ତୁଗାଲ୍‌କୁ ୩-୦ରେ ଆଗୁଆ କରିଥିଲେ।

ହାଫ୍ ଟାଇମ୍ ପରେ ପର୍ତ୍ତୁଗାଲ୍ ଆକ୍ରମଣ ଜାରି ରଖିଥିଲା। ୫୭ତମ ମିନିଟ୍‌ରେ ରୋନାଲ୍ଡୋଙ୍କ ଏକ ଫ୍ରି-କିକ୍‌କୁ ଉଜ୍‌ବେକିସ୍ତାନ ଗୋଲ୍‌କିପର୍ ନେମାଟୋଭ୍ ଚମତ୍କାର ଭାବେ ରୋକିଥିଲେ। ୫୯ତମ ମିନିଟ୍‌ରେ ବ୍ରୁନୋ ଫର୍ଣ୍ଣାଣ୍ଡିସ୍ କର୍ଣ୍ଣର୍‌ରେ ଜୋଆଓ ଫେଲିକ୍ସ ବ୍ୟାକ୍-ହିଲ୍ ଫ୍ଲିକ୍ କରିଥିଲେ, ଯାହା ଡିଫେଣ୍ଡର୍ ଅବ୍‌ଦୁକୋଦିର ଖୁସାନୋଭ୍‌ଙ୍କ ସହ ବାଜି ଗୋଲ୍‌କିପର୍ ନେମାଟୋଙ୍କ ଗ୍ଲୋଭ୍‌ସରେ ଲାଗି ନେଟ୍‌କୁ ଚାଲିଯାଇଥିଲା। ଏହାକୁ ଅନ୍ ଗୋଲ୍ ଧରାଯାଇଥିଲା ଏବଂ ସ୍କୋର୍ ୪-୦ ହୋଇଥିଲା। ୮୩ତମ ମିନିଟ୍‌ରେ ପଡ଼ିଆକୁ ଆସିଥିବା ରାଫେଲ୍ ଲିୟାଓ ୮୭ତମ ମିନିଟ୍‌ରେ ନେଲ୍‌ସନ୍ ସେମେଡୋଙ୍କ କଟ୍-ବ୍ୟାକ୍‌ରେ ଦମ୍‌ଦାର ଶଟ୍ ଲଗାଇ ପର୍ତ୍ତୁଗାଲକୁ ୫-୦ରେ ବିଜୟୀ କରାଇଥିଲେ। ଏହା ଚଳିତ ଟୁର୍ଣ୍ଣାମେଣ୍ଟରେ ପର୍ତ୍ତୁଗାଲ୍‌ର ପ୍ରଥମ ବିଜୟ। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍ ଡିଆର୍ କଙ୍ଗୋ ସହିତ ଡ୍ର'ରେ ଶେଷ ହୋଇଥିଲା। ଏହି ବିଜୟ ସହିତ ପର୍ତ୍ତୁଗାଲ୍‌ର ୪ ପଏଣ୍ଟ ହୋଇଛି ଏବଂ ଟିମ୍ କଲମ୍ବିଆ ପରେ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି।

## ଲଗାତାର ୬ ବିଶ୍ୱକପ୍‌ରେ ଗୋଲ୍ କରିବାରେ ରୋନାଲ୍ଡୋ ପ୍ରଥମ

ପର୍ତ୍ତୁଗାଲ୍ କ୍ୟାପ୍ଟେନ୍ କ୍ରିଷ୍ଟିଆନୋ ରୋନାଲ୍ଡୋ ଲଗାତାର ୬ ଫୁଟ୍‌ବଲ୍ ବିଶ୍ୱକପ୍‌ରେ ଗୋଲ୍ କରିବାରେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ମଙ୍ଗଳବାର ରାତିରେ ଉଜ୍‌ବେକିସ୍ତାନ ବିପକ୍ଷରେ ୬ଷ୍ଠ ମିନିଟ୍‌ରେ ଗୋଲ୍ କରି ଏହି ଉପଲବ୍ଧି ହାସଲ କରିଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋ ୨୦୦୬, ୨୦୧୦, ୨୦୧୪, ୨୦୧୮ ଏବଂ ୨୦୨୨ ବିଶ୍ୱକପ୍‌ରେ ମଧ୍ୟ ଗୋଲ୍ କରିସାରିଛନ୍ତି। ଏହି ମାମଲାରେ ସେ ଆର୍ଜେଣ୍ଟିନା କ୍ୟାପ୍ଟେନ୍ ଲିଓନେଲ୍ ମେସିଙ୍କୁ ପଛରେ ପକାଇଛନ୍ତି। ସେମି ୨୦୦୬, ୨୦୧୪, ୨୦୧୮, ୨୦୨୨ ଏବଂ ୨୦୨୬ ବିଶ୍ୱକପ୍‌ରେ ଗୋଲ୍ କରିଛନ୍ତି। କିନ୍ତୁ ୨୦୧୦ ସଂସ୍କରଣରେ ଗୋଲ୍ କରିପାରି ନଥିଲେ। ରୋନାଲ୍ଡୋ ୩୧ତମ ମିନିଟ୍‌ରେ ନିଜର ଦ୍ୱିତୀୟ ଗୋଲ୍ କରିଥିଲେ। ଏହା ସହିତ ସେ ପର୍ତ୍ତୁଗାଲ୍ ପାଇଁ ବିଶ୍ୱକପ୍‌ରେ ସର୍ବାଧିକ ୧୦ ଗୋଲ୍



କରିଥିବା ଖେଳାଳି ମଧ୍ୟ ହୋଇଛନ୍ତି। ସେ ୟୁସେବିୟୋଙ୍କ ୯ ଗୋଲ୍‌ର ରେକର୍ଡ ପଛରେ ପକାଇଛନ୍ତି। ୨୦୦୬ରେ ୨୧ ବର୍ଷ ବୟସରେ ନିଜର ପ୍ରଥମ ବିଶ୍ୱକପ୍ ଖେଳିଥିବା ରୋନାଲ୍ଡୋଙ୍କ ନାମରେ ସର୍ବାଧିକ ୧୪୫ ଅନ୍ତର୍ଜାତୀୟ ଗୋଲ୍ ହୋଇଛି। ଉଜ୍‌ବେକିସ୍ତାନ ବିପକ୍ଷରେ ମ୍ୟାଚ୍ ତାଙ୍କ କ୍ୟାରିୟର୍‌ର ୨୩୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା।

# ଗିଲ୍ ନମ୍ବର-୨ ଦିନିକିଆ ବ୍ୟାଟର୍



**ଦୁବାଇ,୨୪।୬/ଏଜେନ୍ସି:** ଭାରତୀୟ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଆଇସିସିର ସଦ୍ୟତମ ଦିନିକିଆ ବ୍ୟାଟିଂ ର୍ୟାଙ୍କିଙ୍ଗ୍‌ରେ ଚମତ୍କାର ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଗିଲ୍ ଏହି ଅବସରରେ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି। କୋହଲି ଏବେ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟରେ ପହଞ୍ଚିଛନ୍ତି। ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ବଜାୟ ରହିଛନ୍ତି।

ନିକଟରେ ଶେଷ ହୋଇଥିବା ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରେ ଗିଲ୍‌ଙ୍କ ବ୍ୟାଟ୍ ଜୋରଦାର ଗର୍ଜିଛି। ଦ୍ୱିତୀୟ ଦିନିକିଆରେ ସେ ୧୫୪ ରନ୍‌ର ଇନିଂସ୍ ଖେଳିଥିଲେ ଏବଂ ଏହା ବଳରେ ଭାରତ ସିରିଜ୍ ନିଜ ନାମରେ କରିଥିଲା। ଲଗାତାର ଉନ୍ନତ ପ୍ରଦର୍ଶନର ଲାଭ ତାଙ୍କୁ ଆଇସିସି ର୍ୟାଙ୍କିଙ୍ଗ୍‌ରେ ମିଳିଛି। ବିରାଟ କୋହଲି ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀ କାରଣରୁ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରୁ ବାହାର ହୋଇଯାଇଥିଲେ। ତେବେ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍‌ର ଦିନିକିଆ ସିରିଜ୍ ପାଇଁ କୋହଲିଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ସେହିପରି କେଏଲ୍ ରାହୁଲ ଦୁଇଟି ସ୍ଥାନ ତଳକୁ ଖସି ଏକାଦଶରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଫାଷ୍ଟ ବୋଲର୍‌ଙ୍କୁ ର୍ୟାଙ୍କିଙ୍ଗ୍‌ରେ ବଡ଼ ଲାଭ ହୋଇଛି। ଅର୍ଶଦୀପ୍ ସିଂହ ୧୬ ସ୍ଥାନ ଉପର ଉଠି ୨୨ତମ ନମ୍ବରରେ ପହଞ୍ଚିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ୩୪ ସ୍ଥାନର ସୁଧାର ସହ ୫୮ତମ ଏବଂ ୱାଶିଂଟନ୍ ସୁନ୍ଦର ୧୭ ସ୍ଥାନ ଉପରକୁ ଉଠି ସଂଯୁକ୍ତ ଭାବେ ୭୧ ନମ୍ବରରେ ପହଞ୍ଚିଛନ୍ତି। ଏହି ସୂଚୀରେ ଆଫଗାନିସ୍ତାନ ସ୍ପିନର୍ ରଶିଦ୍ ଖାନ୍ ପ୍ରଥମ, ପାକିସ୍ତାନର ଅବରାର୍ ଅହମଦ ଦ୍ୱିତୀୟ ଓ ଇଂଲଣ୍ଡର ଜୋଫ୍ରା ଆର୍ଚର୍ ତୃତୀୟ ସ୍ଥାନରେ ରହିଛନ୍ତି।

### ୟୁକେ ଗସ୍ତ ପାଇଁ ଭାରତୀୟ ଜୁନିୟର୍ ମହିଳା ହକି ଟିମ୍ ଘୋଷିତ

# ଓଡ଼ିଶାର ହର୍ଷରାଣୀ, ପୂଜା, ତନୁଜା, ସୁପ୍ରିୟା ସାମିଲ

**ନୂଆଦିଲ୍ଲୀ,୨୪।୬/ଏଜେନ୍ସି:** ଆଗାମୀ ୟୁକେ ଗସ୍ତ ପାଇଁ ହକି ଇଣ୍ଡିଆ ବୁଧବାର ୨୪ ଜଣିଆ ଭାରତୀୟ ଜୁନିୟର୍ ମହିଳା ଟିମ୍ ଘୋଷଣା କରିଛି। ଏହି ଟିମ୍‌ରେ ଓଡ଼ିଶାର ୪ ଜଣ ଖେଳାଳି ହର୍ଷରାଣୀ ମିଞ୍ଜ, ପୂଜା



ସାହୁ, ତନୁଜା ଟୋପ୍ପୋ ଓ ସୁପ୍ରିୟା କୁଜୁରଙ୍କୁ ସାମିଲ କରାଯାଇଛି। ଟିମ୍‌ର ନେତୃତ୍ୱ ଭାର ଖାଇଡେମ ଶିଲେଇମା ଚାନୁଙ୍କ ଉପରେ ନ୍ୟସ୍ତ ହୋଇଛି। ଆଗାମୀ ଜୁନିୟର୍ ଏସିଆ କପ୍ ପ୍ରସ୍ତୁତି ନିମନ୍ତେ ଜୁଲାଇ ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୯ ଦିନିଆ ଏହି ଗସ୍ତରେ ଭାରତ ନୂଆ କୋଚ୍ ଟିମ୍ ହ୍ୱାଇଟ୍‌ଙ୍କ ଦିଗ୍‌ଦର୍ଶନରେ ମୋଟ ସାତଟି ମ୍ୟାଚ୍ ଖେଳିବ। ପ୍ରଥମେ ସ୍କଟ୍‌ଲାଣ୍ଡ ସିନିୟର୍ ଟିମ୍ ସହ ଦୁଇଟି ମ୍ୟାଚ୍ ଖେଳିବା ପରେ ଆମେରିକା, ଇଂଲଣ୍ଡ ଓ ବେଲ୍‌ଜିୟମ୍ ଜୁନିୟର୍ ଟିମ୍ ବିପକ୍ଷରେ ଅନ୍ୟ ୫ ମ୍ୟାଚ୍ ଖେଳି ଗସ୍ତ ଶେଷ କରିବ। ଭାରତୀୟ ଜୁନିୟର୍ ମହିଳା ଟିମ୍: ଗୋଲ୍‌କିପର୍- ନିଧି, ଇଙ୍ଗିଲ ହର୍ଷରାଣୀ ମିଞ୍ଜ; ଡିଫେଣ୍ଡର- ପୂଜା ସାହୁ, ସୁପ୍ରିୟା, ମଧୁ, ଏଫ୍ ଲାଲବି ଅକ୍‌ସିଆମି, ପାର୍ବତୀ ଟୋପ୍ନୋ; ମିଡ୍‌ଫିଲ୍ଡର-ଖାଇଡେମ ଶିଲେଇମା ଚାନୁ (କ୍ୟାପ୍ଟେନ୍), ତନୁଜା ଟୋପ୍ପୋ, ସୁପ୍ରିୟା କୁଜୁର, ପୂଜା ମଲ୍ଲିକ, ବିନିମା ଧାନ, ଗୀତା ଯାଦବ, ରୋଶନୀ ଐନ୍ଦ, ତନୁଶ୍ରୀ ଦିନେଶ କାଡୁ; ଫରୱାର୍ଡ- ସୁଖବୀର କୌର, ଶଶି ଖାସା, ଲାଲରିନ୍‌ପୁଲି, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, କାଜଲ, ସନିକା ଚନ୍ଦ୍ରକାନ୍ତ ମାନେ, କ୍ରିଷ୍ଣା ଶର୍ମା।

# ବିଶ୍ୱକପ୍‌ରେ କ୍ରୋଏସିଆର ପ୍ରଥମ ବିଜୟ



**ଟରଣ୍ଟୋ,୨୪।୬/ଏଜେନ୍ସି:** ଏଣ୍ଟେ ବୁଦିମିର୍‌ଙ୍କ ଗୋଲ୍ ଦମ୍‌ରେ କ୍ରୋଏସିଆ ଚଳିତ ଫୁଟ୍‌ବଲ୍ ବିଶ୍ୱକପ୍‌ରେ ବୁଧବାର ପାନାମାକୁ ବୁଧବାର ୧-୦ ଗୋଲ୍‌ରେ ହରାଇଛି। ଏହି ବିଜୟ ଫଳରେ କ୍ରୋଏସିଆ ପଏଣ୍ଟ ଖାତା ଖୋଲିବା ସହିତ ନକ୍‌ଆଉଟ୍ ଆଶା ଉଜ୍ଜୀବିତ କରିଛି। ଅନ୍ୟପକ୍ଷରେ ପାନାମା ଲଗାତାର ଦୁଇଟି ପରାଜୟ ସହ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଛି। ଟରଣ୍ଟୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଏଲ୍'ର ଏହି ମ୍ୟାଚ୍‌ର ପ୍ରଥମ ହାଫ୍‌ରେ ଉଭୟ ଟିମ୍ ମଧ୍ୟ କଡା ମୁକାବିଲା ଦେଖିବାକୁ ମିଳିଥିଲା। ତେବେ କୌଣସି ଟିମ୍ ଗୋଲ୍ କରିପାରି ନଥିଲେ। ଦ୍ୱିତୀୟ ହାଫ୍‌ରେ କ୍ରୋଏସିଆର ଏଣ୍ଟେ ବୁଦିମୁର ପଡ଼ିଆକୁ ଆସିବାର ଚାରି ମିନିଟ୍ ପରେ ଗୋଲ୍ କରିବାରେ ସଫଳ ହୋଇଥିଲେ। ୫୪ତମ ମିନିଟ୍‌ରେ ଜୋସିପ୍ ଷ୍ଟାନିଶିଚ୍‌ଙ୍କ ସଠିକ୍ କ୍ରସ୍‌ରେ ସେ ଗୋଲ୍ ଦେଇଥିଲେ। ଏହି ଗୋଲ୍ କ୍ରୋଏସିଆକୁ ୧-୦ର ଅଗ୍ରଣୀ ପ୍ରଦାନ କରିଥିଲା, ଯାହା ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ମ୍ୟାଚ୍‌ର ୬୭ତମ ମିନିଟ୍‌ରେ ପାନାମା ସମକକ୍ଷ ପାଇଁ ଲଗାତାର ତିନିଟି ପ୍ରୟାସ କରିଥିଲେ ମଧ୍ୟ ଗୋଲ୍‌କିପର୍ ଡୋମିନିକ୍ ଲିଭାକୋଭିଚ୍ ଚମତ୍କାର ସେଭ୍ କରି ସମସ୍ତ ସୁଯୋଗକୁ ବିଫଳ କରିଦେଇଥିଲେ।

ମ୍ୟାଚ୍‌ରେ କ୍ରୋଏସିଆର ୪୦ ବର୍ଷୀୟ ଲୁକା ମୋଡ୍ରିଚ୍ କ୍ୟାରିୟର୍‌ର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ମ୍ୟାଚ୍‌ର ୫୭ତମ ମିନିଟ୍‌ରେ ମାର୍କୋ ପାଲିଚ୍‌ଙ୍କ ପାଇଁ ଏକ ଆକର୍ଷଣୀୟ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ପାନାମା ଗୋଲ୍‌କିପର୍ ଅର୍‌ଲାଣ୍ଡୋ ମାସ୍କେରା ଉନ୍ନତ ସେଭ୍ ଜରିଆରେ ଏହାକୁ ବିଫଳ କରିଥିଲେ।

# ଇଂଲଣ୍ଡକୁ ଗୋଲ୍‌ଶୂନ୍ୟ ଡ୍ର'ରେ ରୋକିଲା ଘାନା

ବୃଷ୍ଟନ୍ ଷ୍ଟାଡିୟମ୍‌ରେ ଗ୍ରୁପ୍-ଏଲ୍'ର ଅନ୍ୟ ଏକ ମ୍ୟାଚ୍‌ରେ ଘାନା ଗୋଲ୍‌ଶୂନ୍ୟ ଡ୍ର'ରେ ଇଂଲଣ୍ଡକୁ ରୋକିଛି। ଇଂଲଣ୍ଡ ପୂରା ମ୍ୟାଚ୍‌ରେ ୧୦ ଶଟ୍ ଲଗାଇଥିବା ବେଳେ ଘାନା ମାତ୍ର ଗୋଟି ଶଟ୍ ଲଗାଇବାକୁ ସଫଳ ହୋଇଥିଲା। ଏହି ଡ୍ର' ମ୍ୟାଚ୍‌ରୁ ଘାନା ଗୁରୁତ୍ୱପୂର୍ଣ୍ଣ ଗୋଟିଏ ପଏଣ୍ଟ ହାସଲ କରି ନକ୍‌ଆଉଟ୍ ଆଶା ବଜାୟ ରଖିଛି। ମ୍ୟାଚ୍ର ୮୬ତମ ମିନିଟ୍‌ରେ ନିକୋ ଓ'ରାଇଲିଙ୍କ ହେଡର୍ କ୍ରସ୍‌ବାର୍‌ରେ ବାଜିଥିଲା। ହ୍ୟାରୀ କେନ୍‌ଙ୍କ ପାଖରେ ରିବାଉଣ୍ଡ୍‌ରେ ଗୋଲ୍ କରିବାର ସୁଯୋଗ ଥିଲେ ମଧ୍ୟ ତାଙ୍କ ଶଟ୍ ଗୋଲ୍‌ପୋଷ୍ଟ ଉପରେ ଚାଲିଯାଇଥିଲା। ଘାନା ପାଇଁ ଅବ୍‌ଦୁଲ୍ଲା ଫତାବୁ ସବୁଠୁ ଭଲ ସୁଯୋଗ ସୃଷ୍ଟି କରିଥିଲେ। ଆକର୍ଷଣୀୟ ରନ୍ ଜରିଆରେ ସେ ପ୍ରିନ୍ସ ଅଡୁଙ୍କୁ ପାସ୍ ଦେଇଥିଲା। ମାତ୍ର ଇଂଲଣ୍ଡ ଡିଫେଣ୍ଡର୍ ଏଜରୀ କୋନ୍‌ସା ଏହାକୁ ରୋକି ଦେଇଥିଲେ। ଘାନା



ଏହାକୁ ନେଇ ପେନାଲ୍ଟି ଦାବି କରିଥିଲେ ମଧ୍ୟ ରେଫରି ଏହା ଅଗ୍ରାହ୍ୟ କରିଥିଲେ। ଏବେ ଗ୍ରୁପ୍-ଏ'ରେ ଇଂଲଣ୍ଡ ଓ ଘାନା ୪-୪ ପଏଣ୍ଟ ସହ ଶୀର୍ଷ ଦୁଇରେ ଥିବା ବେଳେ କ୍ରୋଏସିଆର ୩ ପଏଣ୍ଟ ହୋଇଛି। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ କ୍ରୋଏସିଆ ଓ ଘାନା ମଧ୍ୟରେ ହେବ।

# ନକ୍‌ଆଉଟ୍ ରାଉଣ୍ଡ୍‌ରେ କଲମ୍ବିଆ

ଉଜ୍‌ବେକିସ୍ତାନକୁ ହରାଇ ଅଭିଯାନ ଆରମ୍ଭ କରିଥିବା କଲମ୍ବିଆ ବୁଧବାର ଡିଆର୍ କଙ୍ଗୋ ବିପକ୍ଷରେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରି ଫିଫା ବିଶ୍ୱକପ୍ ୨୦୨୬ର ରାଉଣ୍ଡ ଅଫ୍-୩୨ରେ ସ୍ଥାନ ହାସଲ କରିଛି। ଗ୍ରୁପ୍-କେ'ର ଏହି ମ୍ୟାଚ୍‌ରେ ଡେନିୟଲ୍ ମୁନୋଜ କଲମ୍ବିଆ ବିଜୟର ହିରୋ ସାଜିଥିଲେ। ତେବେ ଡିଆର୍ କଙ୍ଗୋର ଗୋଲ୍‌କିପର୍ ଲିଓନେଲ୍ ଏମ୍‌ପାସି

**ଡିଆର୍ କଙ୍ଗୋକୁ ୧-୦ରେ ହରାଇଲା**



ମଧ୍ୟ ନିଜର ଚମତ୍କାର ପ୍ରଦଶନ ପାଇଁ ଭରପୂର ପ୍ରଶଂସା ସାଉଁଟିଛନ୍ତି। ମ୍ୟାଚ୍‌ର ୭୬ତମ ମିନିଟ୍‌ରେ ଗୋଲ୍‌ଟି ସ୍କୋର୍ କରିଥିଲେ। ଏହା ଚଳିତ ବିଶ୍ୱକପ୍‌ରେ ମୁନୋଜ୍‌ଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍। ଏବେ ଗ୍ରୁପ୍ ପର୍ଯ୍ୟାୟରେ କଲମ୍ବିଆର ଆଗାମୀ ମୁକାବିଲା ପର୍ତ୍ତୁଗାଲ୍ ସହିତ ହେବ। ଏହାକୁ ଗ୍ରୁପ୍ ପର୍ଯ୍ୟାୟର ସବୁଠୁ ବଡ଼ ମ୍ୟାଚ୍ ଭାବେ ଦେଖାଯାଉଛି। ଅନ୍ୟପକ୍ଷରେ ଡିଆର୍ କଙ୍ଗୋ ଏବେ ବି ପରବର୍ତ୍ତୀ ରାଉଣ୍ଡ୍‌ରେ ପହଞ୍ଚିବାର ସୁଯୋଗ ରହିଛି। କଙ୍ଗୋର ଗୋଟିଏ ପଏଣ୍ଟ ହୋଇଥିବା ବେଳେ ଆଗାମୀ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ହରାଇବାକୁ ପଡ଼ିବ।

# ଏସିଆଡ୍ କ୍ୱାଲିଫାଇଙ୍ଗ୍ ମାର୍କ ହାସଲରେ ଗୁଲବୀର ବିଫଳ

**ଭୁବନେଶ୍ୱର,୨୪।୬/ଏନ୍‌ଏନ୍‌ଏସ୍:** ଏସୀୟ ଚାମ୍ପିଅନ୍ ଏବଂ ଜାତୀୟ ରେକର୍ଡଧାରୀ ଧାବକ ଗୁଲବୀର ସିଂହ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ର ପ୍ରଥମ ଦିନ ପୁରୁଷ ୫୦୦୦ ମିଟର ରେସ୍‌ରେ ଏସିଆନ୍ ଗେମ୍ସ କ୍ୱାଲିଫାଇଙ୍ଗ୍ ମାର୍କ (ସମୟ) ପାର୍ କରିବାରେ ଅସମର୍ଥ ହୋଇଛନ୍ତି। ବୁଧବାର ଚାମ୍ପିଅନ୍‌ଶିପ୍‌ର ପ୍ରାରମ୍ଭିକ ଇଭେଣ୍ଟ୍‌ରେ ୨୬ ବର୍ଷୀୟ ଆଥ୍‌ଲେଟ୍ ୧୩:୫୨.୯୨ ସମୟ ନେଇ ରେସ୍ ଜିତିଛନ୍ତି। ତେବେ ତାଙ୍କର ଏହି ସମୟ ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ଦ୍ୱାରା ନିର୍ଦ୍ଧାରିତ ୧୩ ମିନିଟ୍ ୩୯,୧୮ ସେକେଣ୍ଡ୍‌ର ଏସିଆନ୍ ଗେମ୍ସର କ୍ୱାଲିଫାଇଙ୍ଗ୍ ସମୟଠାରୁ ବହୁ ଦୂରରେ ରହିଥିଲା।



ଗୁଲବୀରଙ୍କ ଏହି ସମୟ ଗତ ମହାସରେ ଲସ୍ ଏଞ୍ଜେଲ୍ସରେ ସ୍ଥାପିତ ତାଙ୍କର ୧୩:୦୩.୯୩ ସମୟର ଆଉଟ୍‌ଡୋର୍ ଜାତୀୟ ରେକର୍ଡ ଠାରୁ ମଧ୍ୟ ବହୁ କମ୍ ଥିଲା। ଏହା ପୂର୍ବରୁ ୨୦୨୫ ଫେବୃଆରୀରେ ସେ ୫୦୦୦ ମିଟର ରେସ୍‌କୁ ୧୩ ମିନିଟ୍‌ରୁ କମ୍ ସମୟରେ ପୂରା କରିବାରେ ପ୍ରଥମ ଭାରତୀୟ ହୋଇଥିଲେ। ସେତେବେଳେ ସେ ୧୨ ମିନିଟ୍ ୫୯.୭୭ ସେକେଣ୍ଡ ସମୟ ସହ ଉଭୟ ଜାତୀୟ ଏବଂ ଏସୀୟ ଇନ୍‌ଡୋର୍ ରେକର୍ଡ ନିଜର ନାମରେ କରିଥିଲେ।

ଏଏଫ୍‌ଆଇ ଚୟନ କମିଟି ଏବେ ବି ଏସିଆଡ୍ ପାଇଁ ଗୁଲବୀର ସିହଙ୍କ ନାମ ଉପରେ ବିଚାର କରୁଛି। କାରଣ ସେ ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକାରେ କ୍ୱାଲିଫାଇଙ୍ଗ୍ ମାର୍କକୁ ହାସଲ କରିସାରିଛନ୍ତି। ଗୁଲବୀର ଏବେ ସରକାରଙ୍କ ମିଶନ୍ ଅଲିମ୍ପିକ୍ ସେଲ୍ (ଏମ୍‌ଓସି)ର ପୂର୍ଣ୍ଣ ସହଯୋଗରେ ବିଦେଶୀ କୋଚ୍ ସ୍କଟ୍ ସିମନ୍ସଙ୍କ ତଦାରଖରେ ଆମେରିକାର କୋଲୋରାଡୋ ସ୍ପ୍ରିଙ୍ଗ୍‌ର ହାଇ-ଅଲ୍‌ଟିଚ୍ୟୁଡ୍ ସେଣ୍ଟର୍‌ରେ ଟ୍ରେନିଂ କରୁଛନ୍ତି।

# ୟୁଏସ୍ ଓପନ୍ ଦ୍ୱିତୀୟ ରାଉଣ୍ଡ୍‌ରେ ତ୍ରିଷା-ଗାୟତ୍ରୀ

**ନୂଆଦିଲ୍ଲୀ,୨୪।୬/ଏଜେନ୍ସି:** ତ୍ରିଷା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଷ୍ଟାର୍ ଭାରତୀୟ ମହିଳା ଯୋଡ଼ି ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ର ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ଭାରତୀୟ ଯୋଡ଼ି ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌ର ପାଉଲା ଲୋପେଗଞ୍ଜ ଏବଂ ଲୁସିଆ ରୋଡ୍ରିଗ୍‌ଜଙ୍କୁ ୨୧-୧୨, ୧୪-୨୧, ୨୧-୧୩ରେ ମାତ୍ ଦେଇଛନ୍ତି। ତ୍ରିଷା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡ଼ି ଦ୍ୱିତୀୟ ରାଉଣ୍ଡ୍‌ରେ ଜାପାନର ସୁମିରୋ ନାକାଡେ ଓ ମୁୟୁ ତାକାହାଶୀଙ୍କ ଯୋଡ଼ିକୁ ଭେଟିବେ।



ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଭାରତର ରୋନକ୍ ଚୌହାନ୍ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ମୁଖ୍ୟ ଡ୍ର'ରେ ସ୍ଥାନ ପକ୍କା କରିଛନ୍ତି। କ୍ୱାଲିଫାୟର୍ ଭାବେ ଖେଳିଥିବା ରୋନକ୍ ପ୍ରଥମେ ଫ୍ରାନ୍ସର ଏନୋଗାଟ୍ ରୟଙ୍କୁ ୨୧-୧୯, ୨୧-୧୬ରେ ହରାଇଥିଲେ। ଏହାପରେ ସେ ଚୀନା ତାଇପେଇର କୁଓ କୁଆନ୍-ଲିନ୍‌ଙ୍କୁ ୧୩-୨୧, ୨୧-୧୪, ୨୧-୧୦ରେ ମାତ୍ ଦେଇ ମୁଖ୍ୟ ଡ୍ର' ଟିକେଟ୍ ହାସଲ କରିଛନ୍ତି।

## ଦେଶ ବିଦେଶ

# ଟ୍ରମ୍ପଙ୍କୁ ଶକ୍ତ ଧକ୍କା: ଯୁଦ୍ଧ କ୍ଷମତା ସୀମିତ କରିବାକୁ ସିନେଟ୍‌ରେ ପ୍ରସ୍ତାବ ପାସ୍



**ୱାଶିଂଟନ,୨୪।୬/ଏଜେନ୍ସି:** ଇରାନ୍ ବିରୋଧରେ କଂଗ୍ରେସର ଅନୁମତି ବିନା ସାମରିକ କାର୍ଯ୍ୟାନୁଷ୍ଠାନ ସୀମିତ କରିବା ପାଇଁ ଆମେରିକା ସିନେଟ୍‌ରେ ୫୦-୪୮ ଭୋଟ୍‌ରେ ଏକ ପ୍ରସ୍ତାବ ପାସ୍ ହୋଇଛି। ଏହି ନିଷ୍ପତ୍ତି ରିପବ୍ଲିକାନ୍ ପାର୍ଟିର ଆଭ୍ୟନ୍ତରୀଣ ମତଭେଦକୁ ପଦାରେ ପକାଇବା ସହ ଟ୍ରମ୍ପଙ୍କ ଇରାନ୍ ନୀତି ଉପରେ ଚାପ ବଢ଼ାଇଛି। ଅନ୍ୟପକ୍ଷରେ ସିନେଟ୍‌ରେ ପ୍ରସ୍ତାବ ପାସ୍ ହେବାକୁ 'ଅର୍ଥହୀନ' ବୋଲି କହି ଟ୍ରମ୍ପ ସମାଲୋଚନା କରିଛନ୍ତି। ରିପବ୍ଲିକାନ୍ ନିୟନ୍ତ୍ରଣରେ ଥିବା ସିନେଟ୍‌ରେ ଏହି ପ୍ରସ୍ତାବ ପାସ୍ ହେବା ଟ୍ରମ୍ପଙ୍କ ପାଇଁ ବହୁତ ବଡ଼ ରାଜନୈତିକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ପ୍ରସ୍ତାବ ପୂର୍ବରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ (ପ୍ରତିନିଧି ସଭା)ରେ ପାସ୍ ହୋଇସାରିଥିଲା। ଗତ ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ ବିରୋଧରେ ଆରମ୍ଭ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ କଂଗ୍ରେସ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଏହି ଭୋଟିଂ ସ୍ପଷ୍ଟ କରୁଛି। ରିପବ୍ଲିକାନ ପାର୍ଟିର ଚାରିଜଣ ସିନେଟର୍- ସୁଜାନ କଲିନ୍ସ, ରାଣ୍ଡ ପଲ୍, ବିଲ୍ କାସିଡି ଏବଂ ଲିସା ମୁରକୋସ୍କି ପାର୍ଟି ନିଷ୍ପତ୍ତି ବିରୋଧରେ ଯାଇ ଡେମୋକ୍ରାଟ୍‌ମାନଙ୍କୁ ସମର୍ଥନ କରିଥିଲେ। ଅନ୍ୟପଟେ ଡେମୋକ୍ରାଟିକ୍ ସିନେଟର୍ ଜନ୍ ଫେଟରମ୍ୟାନ୍ ଏହାର ବିରୋଧରେ ଭୋଟ୍ ଦେଇଥିବା ବେଳେ ରିପବ୍ଲିକାନ୍ ସିନେଟର ମିଚ୍ ମ୍ୟାକ୍‌କୋନେଲ୍ ଓ ଡେଭିଡ ମ୍ୟାକକୋର୍ମିକ୍ ଅନୁପସ୍ଥିତ ଥିଲେ। ବିତର୍କ ସମୟରେ ଡେମୋକ୍ରାଟ୍ ସିନେଟର ଟିମ୍ କେନ୍ କହିଥିଲେ ଯେ ଯୁଦ୍ଧ ସମ୍ପର୍କିତ ନିଷ୍ପତ୍ତି ନେବାର ସାମ୍ବିଧାନିକ ଅଧିକାର କେବଳ କଂଗ୍ରେସ ପାଖରେ ରହିଛି। ଅନ୍ୟପକ୍ଷରେ ଗତ ଏପ୍ରିଲ୍ ୭ର ଅସ୍ତ୍ରବିରତି ପରେ ଆମେରିକାର ସାମରିକ ଅଭିଯାନ ଶେଷ ହୋଇସାରିଛି, ତେଣୁ ଏହାର କୌଣସି ଆଇନଗତ ବାଧ୍ୟତାବାଧକତା ନାହିଁ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି।

ନିତିଦିନ NITIDIN

**NEW AGE MEDIA & PUBLICATIONS PVT. LTD.**

Shed No.- TS-2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha

**Invite application for the following posts:**

| Name of the post | Location | Experience |
|---|---|---|
| District Correspondence (DC) | Dhenkanal & Ganjam (Berhampur) | Having more than 3 years experience in Newspaper Tread |

Interested candidates may submit their Resume/CV through e-mail at hr@nitidin.com or Contact : 7681055980

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର

Editor: Manoj Kumar Mahapatra